# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


■ Vol. 10, Issue. 262, Sunday, 14 January 2024, Puri, Pages- 17, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୨, ରବିବାର, ୧୪ ଜାନୁଆରୀ ୨୦୨୪, ପୁରୀ, ୧୭ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 262, Sunday, 14 January 2024, Puri, Pages- 17, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୨, ରବିବାର, ୧୪ ଜାନୁଆରୀ ୨୦୨୪, ପୁରୀ, ୧୭ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 262, Sunday, 14 January 2024, Puri, Pages- 17, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୨, ରବିବାର, ୧୪ ଜାନୁଆରୀ ୨୦୨୪, ପୁରୀ, ୧୭ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


# ପ୍ରତୀକ୍ଷାର ଅନ୍ତ ହେଲା, ଗଡ଼ିଲା ନୀଳଗିରିରୁ ମେମୁ ଟ୍ରେନ

## ଶୁଭ ଉଦ୍‌ଘାଟନ କଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



**ନୀଳଗିରି(ଅମୃତ ମିଡିଆ)**

ବହୁ ଦିନରୁ ନୀଳଗିରିବାସୀଙ୍କ ମନରେ ଥିବା ସ୍ୱପ୍ନ ଆଜି ବାସ୍ତବତାର ରୂପ ନେଇଛି। ୧୯୪୫ମସିହାରେ ଶୁଭିଥିଲା ରେଳ ଗାଡ଼ିର ଛୁକୁ ଛୁକୁ ଶବ୍ଦ। ରାଜା ରାଜୁଡା ଅମଳରୁ ନିର୍ମିତ ହୋଇଥିବା ନୀଳଗିରି ରେଳପଥରେ ପ୍ରଥମ କରି ନୀଳଗିରି ରାଜାଙ୍କ ବଡ଼ ଝିଅଙ୍କୁ ବିବାହ କାର୍ଯ୍ୟରେ ଗଜପତି ମହାରାଜା ବର ବେଶ ସାଜି ରେଳ ଯୋଗେ ନୀଳଗିରିକୁ ବିବାହ କରିବାକୁ ଆସିଥିଲେ। ସେହି ଦିନ ଠାରୁ ରେଳ ଗାଡ଼ିର ଛୁକୁ ଛୁକୁ ଶବ୍ଦ ନୀଳଗିରିବାସୀଙ୍କ ମନରୁ ଉଭେଇ ଯାଇଥିଲା। ଦୀର୍ଘ ଦିନ ଧରି ଶୁଣାଯାଉନଥିବା ବେଳେ ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କ କରକମଳରେ ପୁଣି ଥରେ ଶୁଭିଛି ସେହି ଛୁକୁ ଛୁକୁ ରେଳ ଶବ୍ଦ। ମାତ୍ର ଏହାପରେ ଉକ୍ତ ଧାରଣାରେ କୌଣସି ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁନଥିବାରୁ ଏହା ଅବହେଳିତ ହୋଇ ପଡ଼ିଥିଲା। ବିଗତ କିଛିବର୍ଷ ପୂର୍ବରୁ ନୀଳଗିରିରେ ସ୍ଲିପର କାରଖାନା ପ୍ରତିଷ୍ଠା ହେବା ଯୋଗୁଁ କେବଳ ମାଲବାହୀ ଟ୍ରେନ ଚଳାଚଳ କରୁଥିଲା। ଦୀର୍ଘବର୍ଷ ଧରି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବାକୁ ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇ ପାରିନଥିଲା। ବର୍ତ୍ତମାନର ବାଲେଶ୍ୱର ଲୋକପ୍ରିୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆନ୍ତରିକତା ସର୍ବୋପରି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ର ସ୍ୱପ୍ନ ଫଳରେ ଶେଷରେ ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ପାସେଞ୍ଜର ଟ୍ରେନ ଚାଲିବାର ସୌଭାଗ୍ୟ ମିଳିଛି। ଯାହା ଶନିବାର ନୀଳଗିରି ଗୋପୀନାଥପୁର ନୂତନ ରେଳ ଷ୍ଟେସନ ଏବଂ ସ୍ୱତନ୍ତ୍ର ଗୋପୀନାଥପୁର ମେମୁ ଟ୍ରେନକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁଭ ଲୋକାର୍ପଣ କରିଛନ୍ତି। ସୂଚନା ଅନୁଯାୟୀ କେନ୍ଦ୍ର ରେଳ, ସଂଚାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ଶନିବାର ପୂର୍ବାହ୍ନରେ ରେମୁଣାର ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିର ଦର୍ଶନରେ ଯାଇ ପ୍ରଭୁଙ୍କ କୃପା ଲାଭ କରିଥିଲେ। ପରେ ବହୁ ପ୍ରତିକ୍ଷିତ ନୀଳଗିରି ଗୋପୀନାଥପୁର ଠାରେ ନବନିର୍ମିତ ରେଳ ଷ୍ଟେସନ ଏବଂ ନୂତନ ମେମୁ ଟ୍ରେନ ଲୋକାର୍ପଣ ଉତ୍ସବ ଯୋଗଦେଇଥିଲେ। ବହୁ ଆକାଂକ୍ଷିତ ଯାତ୍ରୀବାହୀ ଟ୍ରେନର ଶୁଭାରମ୍ଭ ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ଗୋପୀନାଥପୁର ରେଳ ଷ୍ଟେସନ ପରିସରରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଯୋଜନାରେ ନୀଳଗିରି ଭଳି ଉପାନ୍ତ ଅଞ୍ଚଳରେ ଏଭଳି ଅତ୍ୟାଧୁନିକ ରେଳଷ୍ଟେସନ ନିର୍ମାଣ ସହିତ ରେଳ ଚଳାଚଳ କରିବାର ସ୍ୱପ୍ନ ସାର୍ଥକ ହୋଇପାରିଛି ବୋଲି କହିବା ସହିତ ନୀଳଗିରିରୁ ବେତନଟୀ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ପାଇଁ ସର୍ଭେ ଚାଲିଥିବା ସୂଚନା ଦେଇଛନ୍ତି। ଏଥିସହିତ ମାନ୍ୟବର ବିଧାୟକ ସୁକାନ୍ତ ନାୟକଙ୍କ ଅନୁରୋଧ ରକ୍ଷାକରି ଖନ୍ତାପଡା ଠାରେ ଫ୍ଲାଇଓଭର ବ୍ରିଜ ନିର୍ମାଣ ପାଇଁ ସବୁଜ ସଂକେତ ଦେଇଛନ୍ତି। ଅପରାହ୍ନ ପ୍ରାୟ ୧୨.୪୫ ସମୟରେ ମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବ ଗୋପୀନାଥପୁର ନୂତନ ଷ୍ଟେସନ ଉଦ୍ଘାଟନ କରିବା ପରେ ପତାକା ଦେଖାଇ ନୂତନ ଯାତ୍ରୀବାହୀ ମେମୁ ଟ୍ରେନର ଶୁଭାରମ୍ଭ କରିଥିଲେ। ଯେଉଁଥିରେ ଶହଶହ ଯାତ୍ରୀ ଟ୍ରେନରେ ଚଢ଼ି ବାଲେଶ୍ୱରକୁ ଯାଇଥିବା ଦେଖିବାକୁ ମିଳିଥିଲା।ଏହି ଯାତ୍ରୀବାହୀ ଟ୍ରେନରେ ମୋଟ ୮ଟି ବଗି ଥିବା ବେଳେ ମହିଳା ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବଗିର ସୁବିଧା ରହିଛି। ନୀଳଗିରିରୁ ବାଲେଶ୍ୱର ୧୭କିଲୋମିଟର ରାସ୍ତାକୁ ମାତ୍ର ୧୦ଟଙ୍କା ଭଡ଼ା ରଖାଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଦୁର୍ଘଟଣା : ୫ ମୃତ



**ଲମତାପୁଟ/ରାଇରଙ୍ଗପୁର (ଅମୃତ ମିଡିଆ)**

ସଡକ ସୁରକ୍ଷା ସପ୍ତାହ ପାଳନର ୭ ଦିନ ନପୂରୁଣୁ ମୟୂରଭଂଜ ଜିଲ୍ଲାରେ ଶନିବାର ବଡ଼ ଦୁର୍ଘଟଣା ଘଟିଛି। ଆଜି ସନ୍ଧ୍ୟାରେ ଜିଲ୍ଲାର ଘାଗରବେଡା ଥାନା ଅର୍ନ୍ତଗତ ବୁଡାମରା ଗ୍ରା.ପର ବୁଡାମରା-ଶଙ୍କରପୁର ରାସ୍ତାରେ ଏକ ବାଇକ୍ (ପଲ୍ସର) ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଚତୁର୍ଥ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ମୃତ ତିନିଜଣ ହେଲେ ମାନସ ମହାକୁଡ, ଆଲୋକ ହୋ ଏବଂ ଜନ୍ମେଜୟ ବେହେରା(୨୨)।ସୂଚନା ଅନୁସାରେ ବୁଢାମରା ଗ୍ରାମର ରାଜକିଶୋର ମହାକୁଡଙ୍କ ପୁଅ ମାନସ ମହାକୁଡ, ମୁଟୁ ହୋଙ୍କ ପୁଅ ଆଲୋକ ହୋ, ରାଇକଳା ଗ୍ରାମର ଫକିର ବେହେରାଙ୍କ ସାନପୁଅ ଜନ୍ମେଜୟ ବେହେରା(୨୨) ଓ ରାଇକଳା ଗ୍ରାମର କୁଳମଣି ଗ୍ରାମର ଜିତୁ ବେହେରା ଦୁର୍ଘଟଣାର ସାମ୍ନା କରିଥିଲେ। ମୃତ ବ୍ୟକ୍ତିମାନଙ୍କର ଶବକୁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି। ଆସନ୍ତାକାଲି (ଜାନୁଆରି ୧୪) ଶବ ବ୍ୟବଛେଦ ହେବ ବୋଲି ସୂଚନା ମିଳିଛି। ଗୁରୁତର ଜିତୁଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଘାଗରବେଡା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।ଦୁଇ ବାଇକ୍ ମଧ୍ୟରେ ଧକ୍କା। ଦୁର୍ଘଟଣା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । କୋରାପୁଟ

▶(ପୃଷ୍ଠା-୧୩)

## ନେପାଳରେ ନଦୀକୁ ଖସିଲା ବସ୍, ୧୨ ମୃତ

**ନୂଆଦିଲ୍ଲୀ**

ନେପାଳ ଡାଙ୍ଗ ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ପୋଲ ଉପରେ ଯାଉଥିବାବେଳେ ନଦୀ ମଧ୍ୟକୁ ଖସିପଡିଛି। ଫଳରେ ଏହି ଦୁର୍ଘଟଣାରେ ୧୨ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବସଟି ବାଙ୍କେର ନେପାଳଗଞ୍ଜରୁ କାଠମାଣ୍ଡୁକୁ ଯାଉଥିବାବେଳେ ଏଭଳି ଅଘଟଣ ଘଟିଛି। ବସରେ ୨୨ଜଣ ଯାତ୍ରୀ ରହିଥିଲେ । ମୃତକଙ୍କ ମଧ୍ୟ ଦୁଇ ଜଣ ଭାରତୀୟ ରହିଛନ୍ତି। ଜଣେ ବିହାରର ଯୋଗେନ୍ଦ୍ର ରାମ ହୋଇଥିବାବେଳେ ଅନ୍ୟ ଜଣେ ଉତ୍ତର ପ୍ରଦେଶର ହୋଇଥିବା ଜଣାପଡିଛି। ଅନ୍ୟ ଆହତ ମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାତ୍ରୀବାହୀ ବସଟି ଏକ ପାହାଡରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ଛାନଭିନ୍ ଜାରି ରଖିଛି।



ପୁରୀ : ଯଜ୍ଞ ମଣ୍ଡପ ନିକଟରେ ଥିବା ସ୍ୱତନ୍ତ୍ର ଗୃହରେ ଅଙ୍କୁର ପୂଜନ

## ରେଢ଼ାଖୋଲରୁ କେନ୍ଦ୍ରମନ୍ତ୍ରୀଙ୍କୁ ୫-ଟି ଅଧ୍ୟକ୍ଷଙ୍କ ପ୍ରଶ୍ନ

# କୁଆଡ଼େ ଗଲା କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ ପ୍ରତିଶ୍ରୁତି

**ରେଢ଼ାଖୋଲ(ଅମୃତ ମିଡିଆ)**

ରେଢ଼ାଖୋଲ ମାଟିରୁ କେନ୍ଦ୍ରମନ୍ତ୍ରୀଙ୍କୁ ୫T ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଶ୍ନବାଣ । ପଚାରିଲେ, କୁଆଡ଼େ ଗଲା କେନ୍ଦୁପତ୍ରରୁ ଜିଏସଟି ଛାଡ଼ ନେଇ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି । ଏହାସହ କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଶୀଘ୍ର ପ୍ୟାକେଜ ଘୋଷଣା ହେବା ନେଇ ସୂଚନା ଦେଇଚନ୍ତି ୫T ଅଧ୍ୟକ୍ଷ । ସ୍ଥାନୀୟ ଲୋକଙ୍କୁ ଉଦବୋଧନ ଦେବା ଅବସରରେ କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ କରିବା ସହ ୫T ଅଧ୍ୟକ୍ଷ କହିଥିଲେ, 'କେନ୍ଦୁପତ୍ର ତୋଳାଳିଙ୍କ ଲାଗି ରାଜ୍ୟ ସରକାର ଜିଏସଟି ଛାଡ଼ କରିଛନ୍ତି । କେନ୍ଦ୍ର ସରକାର ଜିଏସଟି ଛାଡ଼ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲା । ପଦମପୁର ଉପନିର୍ବାଚନରେ କେନ୍ଦୁପତ୍ର ଉପରୁ ଜିଏସଟି ଛାଡ଼ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । କେନ୍ଦ୍ରର ପ୍ରତିଶ୍ରୁତି କୁଆଡେ ଗଲା ?' କେନ୍ଦ୍ର କେବେ ପ୍ରତିଶ୍ରୁତି ପୂରଣ କରିବ ଆମେ ଅପେକ୍ଷା କରି ରହିଛୁ ବୋଲି କହିଛନ୍ତି ୫T ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ପୂର୍ବରୁ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ ପ୍ରଦାନ କରିଥିଲେ । ଏବେ ପୁଣି ଥରେ ପ୍ୟାକେଜ୍ ଘୋଷଣା କରିବେ । କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କ ବିବାହ ଲାଗି ସରକାର ସହାୟତା ପ୍ରଦାନ କରିବେ । କେନ୍ଦୁପତ୍ର ତୋଳାଳିଙ୍କୁ ଦୁଇଟି ପ୍ରତିଶ୍ରୁତି ଦେଇଥିଲେ ଦୁଇଟି ପୂରଣ କରିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଯାହ ବି କଥା ଦେଇଥିଲେ କଥା ରଖିଲେ ବୋଲି କହିଛନ୍ତି ୫T ଅଧ୍ୟକ୍ଷ । ରେଢାଖୋଲରେ ମଧ୍ୟ ୫୫ ନମ୍ବର ଜାତୀୟ ରାଜପଥକୁ ନେଇ ପୁଣିଥରେ କେନ୍ଦ୍ରମନ୍ତ୍ରୀଙ୍କୁ ଆକ୍ଷେପ କରିଛନ୍ତି ୫T ଅଧ୍ୟକ୍ଷ । କଟକ-ସମ୍ବଲପୁର ଜାତୀୟ ରାଜପଥରେ ଅନେକ ଲୋକଙ୍କ ଜୀବନ ଯାଉଛି । କେନ୍ଦ୍ରମନ୍ତ୍ରୀ ପଦକ୍ଷେପ ଗ୍ରହଣ କରନ୍ତୁ । ଶୀଘ୍ର ଏହି ଜାତୀୟ ରାଜପଥ କାମ ଶେଷ କରନ୍ତୁ ବୋଲି ନିବେଦନ କରିଛନ୍ତି ୫T ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ସେ କହିଲେ...



ପୂର୍ବ ସରକାର ସମୟରେ ଉତ୍ତର ପୂର୍ବାଞ୍ଚଳକୁ ହୀନ ଦୃଷ୍ଟିରେ ଦେଖାଯାଉଥିଲା। ସୀମାବର୍ତ୍ତୀ ଅଞ୍ଚଳକୁ ଅନୁନ୍ନତ କରି ରଖିବା ପୂର୍ବ ସରକାରଙ୍କ କାର୍ଯ୍ୟ ଥିଲା। ଆମ ଶୈଶବ ହିଂସା, ବିକ୍ଷୋଭ ଓ ରକ୍ତପାତ ଦେଖି ଆରମ୍ଭ ହୋଇଥିଲା। ଏବେ ଆସାମ ସହ ନର୍ଥଇଷ୍ଟ ବିକାଶ କ୍ଷେତ୍ରରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗତ ୯ ବର୍ଷରେ ନର୍ଥଇଷ୍ଟକୁ କେଉଁଠାରୁ କେଉଁଠାକୁ ନିଆଯାଇଛି, ତାହା ବିଶ୍ୱାସ କରି ହେବନି। ଭୁବନେଶ୍ୱର ବିମାନବନ୍ଦର ଠାରୁ ତ୍ରିପୁରା ବିମାନବନ୍ଦର ୩ ଗୁଣା ବଡ଼। ୨୦୧୪ରେ ଆସାମର ବଜେଟ ଥିଲା ୪୨ ହଜାର କୋଟି। ଏବେ ଏହା ଦେଢ଼ ଲକ୍ଷ କୋଟିରେ ପହଞ୍ଚିଲାଣି। ଏସବୁ ଦେଖିଲେ ଆମେ ଆଉ ଲାଷ୍ଟ ମାଇଲ୍ ନୁହଁ, ଆମେ ଫାଷ୍ଟ ମାଇଲ୍ ।

ହିମନ୍ତ ବିଶ୍ୱଶର୍ମା
ଆସାମ ମୁଖ୍ୟମନ୍ତ୍ରୀ

# ମଲ୍ଲିକାର୍ଜୁନ ଖଡ଼୍‌ଗେ ହେଲେ 'ଇଣ୍ଡିଆ' ମେଣ୍ଟର ସଭାପତି



**ନୂଆଦିଲ୍ଲୀ**

'ଇଣ୍ଡିଆ' ମେଣ୍ଟର ଶନିବାର ବଡ଼ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ମେଣ୍ଟର ସଭାପତି ମନୋନୟନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ପଦ ନିମନ୍ତେ ଖଡ଼ଗେଙ୍କ ନାମ ପ୍ରସ୍ତାବ କରିଥିଲେ। ଶନିବାର ବୈଠକରେ ମେଣ୍ଟ ସହଯୋଗୀଙ୍କ ସହ ଆସନ ବୁଝାମଣାରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।ବୈଠକ ଆରମ୍ଭରେ ସଂଯୋଜକ ପଦଲାଗି ପ୍ରସ୍ତାବ ଉପରେ ନିତିଶ କୁମାର କହିଥିଲେ ଯେ ମୋତେ କୌଣସି ପଦ ପଦବୀର ଲାଳଶା ନାହିଁ। ନିତିଶ ମେଣ୍ଟ ସଂଯୋଜକ ପଦ ଅସ୍ୱୀକାର କରିବା ପରେ ତାଙ୍କରି ପାର୍ଟିର ନେତା ବଲକୁ କଂଗ୍ରେସ ଆଡକୁ ପଠାଇ ଦେଇଥିଲେ। ଜେଡିୟୁ ନେତା ସଞ୍ଜୟ ଝା ସଂଯୋଜକ ପଦ ତ କଂଗ୍ରେସ ନିକଟରେ ରହିବା ଦରକାର ବୋଲି କହିଥିଲେ। ଏହି ବୈଠକରେ ଆରଜେଡି ମୁଖିଆ ଲାଲୁ ପ୍ରସାଦ ଯାଦବଙ୍କ ସମେତ ତାଙ୍କ ପୁଅ ତେଜସ୍ୱୀ ଯାଦବ, ଏନସିପି ମୁଖ୍ୟ ଶରଦ ପାୱାର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସମେତ ଅନେକ ନେତା ଯୋଗ ଦେଇଥିଲେ।ଏହା ପୂର୍ବ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମେଣ୍ଟ ନେତା ଭାବେ ମଲ୍ଲିକାର୍ଜୁନ ଖଡଗେଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ନିମନ୍ତେ ପ୍ରସ୍ତାବ କରିଥିଲେ। ବୈଠକରେ ଦିଲ୍ଲୀ ପ୍ରଧାନମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେବେ ଶନିବାର ଅନୁଷ୍ଠିତ ବୈଠକରେ ଟିଏମସି ମୁଖିଆ ମମତା ବାନାର୍ଜୀ, ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଓ ସମାଜବାଦୀ ପାର୍ଟି ମୁଖିଆ ଅଖିଳେଶ ଯାଦବ ଆଦି ନେତାମାନେ ଯୋଗ ଦେଇ ନାହାନ୍ତି।

## ୫-T ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ

# ଦ୍ୱିତୀୟ ଦିନରେ ୬ଟି ଜିଲ୍ଲାର ୩୨୭ଟି ସ୍କୁଲ ଲୋକାର୍ପିତ

- ଶିକ୍ଷା ହିଁ ଆମ ସମାଜର ସାମୁହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ
- ଓଡିଆ ଜାତି ଭିତରେ ନୂଆ ଜାଗରଣ ପାଇଁ ମାର୍ଗ ପ୍ରଶସ୍ତ କରିଛି ପ୍ରଗତି - ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର(ବ୍ୟୁରୋ)**

୫-T ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲ୍ଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି । ଏଥିରେ ମାଲକାନଗିରି ଜିଲ୍ଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬ଟି, ଗଜପତିର ୨୮ଟି, ଢେଙ୍କାନାଳର ୬୩ଟି, କେନ୍ଦୁଝରର ୪୫ଟି ଓ କଟକର ୮୦ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ ଯେ ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି । ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ସଂପୃକ୍ତ ଜିଲ୍ଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏବେ ଓଡିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୁହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡିଆ ଜାତିରେ ନୂଆ ଜାଗରଣ ର ମାର୍ଗ ପ୍ରଶସ୍ତ କରିଛି ବୋଲି ସେ କହିଥିଲେ. ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍‌ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି । ଏକ ନୂଆ ଓଡିଶା, ସଶକ୍ତ ଓଡିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି । ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ । ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ୫-T ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟେରୀର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍‌ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ଏହିସବୁର ଉପଯୋଗରେ ତୁମ ସ୍କୁଲ ମାନଙ୍କରେ ଆସିଛି ରୂପାନ୍ତର । ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ । ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଂଜିନିଅରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି । ସରକାରୀ ସ୍କୁଲ ମାନଙ୍କରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି । ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଏକ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲ ଗୁଡିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ତେଣୁ ତୁମେମାନେ ଏହି ରୂପାନ୍ତରିତ ସ୍କୁଲର ସଠିକ ଉପଯୋଗ କରି ଭଲ ପାଠ ପଢି ଏକ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ତୁମେମାନେ ତୁମ ଜୀବନରେ ୫-T ନୀତିର ପ୍ରୟୋଗ କର । ଏହା ତୁମ ମାନଙ୍କ ପାଇଁ ସଫଳତା

▶(ପୃଷ୍ଠା-୧୩)






ଯଦି ନକରାତ୍ମକ ପରିସ୍ଥିତିରେ
ସର୍ବଦା ସକରାତ୍ମକ
ମନୋଭାବ ବଜାୟ ରଖନ୍ତି
ତେବେ ଏହି ବିଜୟ ହେବ
ଆପଣଙ୍କର

# ଶୁଭ ସକାଳ





## ଜାତୀୟ ସ୍ମାରକୀର ମାନ୍ୟତା ମିଳିଥିବା

# ସିହ୍ଣନାଥ ମନ୍ଦିର

*ପୀଠର ଉତ୍ତରରେ ବଡ଼ମ୍ବା ଗୋପୀନାଥପୁର ଏବଂ ଦକ୍ଷିଣପାର୍ଶ୍ୱରେ ବାଙ୍କୀ ଉପଖଣ୍ଡର ବୈଦ୍ୟେଶ୍ୱର ଗ୍ରାମ ଅବସ୍ଥିତ । ନିକଟରେ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଗମନାଗମନର ସୁବିଧା ନଥିବା ଏହିପୀଠକୁ ଦୀର୍ଘତମ ସେତୁ ଦ୍ୱାରା ସଂଯୋଗ କରାଯାଇଛି ଯାହାକି ଟି ସେତୁ ଭାବେ ଜଣାଶୁଣା । ଐତିହାସିକଙ୍କ ମତରେ ପୀଠରେ ଅତ୍ୟନ୍ତ ନିଖୁଣ ପ୍ରସ୍ତର କାରୁକାର୍ଯ୍ୟପୂର୍ଣ୍ଣ ୭ମ ଶତାବ୍ଦୀର ମୁଖ୍ୟମନ୍ଦିର ଅବସ୍ଥିତ ।*

ମହାନଦୀର ବକ୍ଷସ୍ଥଳରେ ଅତ୍ୟନ୍ତ ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ପ୍ରଭୁ ସିଂହନାଥ ଦେବଙ୍କ ଶୈବପୀଠ । ଏକ କୁଦ ଉପରେ ବଣପାହାଡ଼ ଘେରା ଏହି ପ୍ରାଚୀନ ପୀଠ କଟକ ଜିଲାର ବଡ଼ମ୍ବା ଦେବୋତ୍ତର ବିଭାଗ ଅଧିନସ୍ଥ । ପୀଠର ଉତ୍ତରରେ ବଡ଼ମ୍ବା ଗୋପୀନାଥପୁର ଏବଂ ଦକ୍ଷିଣପାର୍ଶ୍ୱରେ ବାଙ୍କୀ ଉପଖଣ୍ଡର ବୈଦ୍ୟେଶ୍ୱର ଗ୍ରାମ ଅବସ୍ଥିତ । ନିକଟରେ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଗମନାଗମନର ସୁବିଧା ନଥିବା ଏହିପୀଠକୁ ଦୀର୍ଘତମ ସେତୁ ଦ୍ୱାରା ସଂଯୋଗ କରାଯାଇଛି ଯାହାକି ଟି ସେତୁ ଭାବେ ଜଣାଶୁଣା । ଐତିହାସିକଙ୍କ ମତରେ ପୀଠରେ ଅତ୍ୟନ୍ତ ନିଖୁଣ ପ୍ରସ୍ତର କାରୁକାର୍ଯ୍ୟପୂର୍ଣ୍ଣ ୭ମ ଶତାବ୍ଦୀର ମୁଖ୍ୟମନ୍ଦିର ଅବସ୍ଥିତ । କେନ୍ଦ୍ରସରକାରଙ୍କ ଦ୍ୱାରା ଏହି ମନ୍ଦିର ଜାତୀୟ ସ୍ମାରକୀର ମାନ୍ୟତା ପାଇଛି । ରାମାୟଣ,ମହାଭାରତ ତଥା ପୁରାଣବର୍ଣ୍ଣିତ ବହୁ କିମ୍ବଦନ୍ତି ଏବଂ ଠାକୁରଙ୍କ ପ୍ରସ୍ତର ଖୋଦେଇ ବିଗ୍ରହ ମନ୍ଦିର ଚାରିପାଖ କାନ୍ଥରେ ବିଦ୍ୟମାନ ଯାହାକି ଆଗନ୍ତୁକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । ହେଲେ ବିଡ଼ମ୍ବନା ପ୍ରତ୍ନତତ୍ତ୍ୱ ବିଭାଗ ତଦାରଖରେ ଥିବା ଏହି ମନ୍ଦିର ତଥା ପୀଠର ସୁରକ୍ଷାପ୍ରତି ବେଳକୁବେଳ ବିପଦ ସୃଷ୍ଟି କରୁଛି ମହାନଦୀର ପ୍ରଳୟଙ୍କରୀ ବନ୍ୟା ! ପ୍ରତିବର୍ଷ ବନ୍ୟାଜଳରେ ପୀଠ ଚତୁଃପାର୍ଶ୍ୱର୍ କୁଦରୁ ମାଟି ଧୋଇହୋଇ ଯାଉଛି । ଅନେକମାତ୍ରାରେ ମୃତିକା ଅବକ୍ଷୟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି । ଏପରିକି ପୂର୍ବରୁ ଗୋପୀନାଥପୁର ଅଞ୍ଚଳର ବହୁବୁଦ୍ଧିଜୀବୀ ଏନେଇ ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ପ୍ରକାଶ । ପୀଠସ୍ଥିତ କୁଦର ପଶ୍ଚିମ,ଉତ୍ତର ଏବଂ ଦକ୍ଷିଣ ପାଶ୍ୱର୍ହୋଇ ନଦୀର ପ୍ରଖର ସ୍ରୋତ ବନ୍ୟା ସମୟରେ ପ୍ରବାହିତ ହୁଏ । ସିଂହନାଥ ପୀଠର ପଶ୍ଚିମ ଦିଗରେ କୁଦସ୍ଥିତ ପାହାଡ଼ ପାଦଦେଶରେ ନଦୀଜଳ ପ୍ରଥମେ ମାଡ଼ହୋଇଥାଏ । ପରେ ଏହା ଦକ୍ଷିଣପାଶ୍ୱର୍ ବୈଦ୍ୟେଶ୍ୱର ଏବଂ ଉତ୍ତରପାଶ୍ୱର୍ ଗୋପୀନାଥପୁର ହୋଇ ଦୁଇଧାର ହୋଇ ବହିଯାଏ । ଫଳରେ କୁଦର ମାଟି ପ୍ରତ୍ୟକଟି ବନ୍ୟାରେ ଧୋଇହେବା ସ୍ୱାଭାବିକ ଏବଂ ଏହା ଦ୍ୱାରା ମୃତିକା ଅବକ୍ଷୟ ଏକ ପ୍ରାକୃତିକ ପକ୍ରିୟା । ମାଟିକୁଦର ସୁରକ୍ଷା ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଉନଥିବାରୁ ବେଳକୁବେଳ କୁଦଟି ସଂକୁଚିତ ହେବାରେ ଲାଗିଛି । ବେଳହୁଁ ସତର୍କତା ଅବଲମ୍ବନ କରାନଗଲେ ମନ୍ଦିର ପ୍ରତି ଯେ ବିପଦ ସୃଷ୍ଟି ନହେବ ସେକଥାକୁ ଏଡ଼ାଇ ଦିଆଯାଇନପାରେ । ମନ୍ଦିର ସେବାୟତ କାହିଁକି ଏଠାକୁ ଆସୁଥିବା ପର୍ଯ୍ୟଟକ,ଗବେଷକ ତଥା ପ୍ରକୃତିପ୍ରେମୀ ପୀଠକୁ ନେଇ ଯେତିକି ଆନନ୍ଦ ଅନୁଭବ କରନ୍ତି ଏହାର ସୁରକ୍ଷା ଏବଂ ଉନ୍ନତିକରଣକୁ ନେଇ ମଧ୍ୟ ସେତିକି ଉଦ୍?ବେଗ ପ୍ରକାଶ କରନ୍ତି । ସୁତରାଂ ଏହି ଐତିହାସିକ ଶୈବପୀଠ ତଥା ଜାତୀୟ ସ୍ମାରକୀର ବନ୍ୟାଦାଉରୁ ସୁରକ୍ଷା ଲାଗି କୁଦ ଚାରିପାଖେ ସ୍ୱତନ୍ତ୍ର ପଥର ସୋଲିଂ ସହିତ ଏକ ସୁଦୃଢ ଘେରିବନ୍ଧ ଅପରିହାର୍ଯ୍ୟ ମନେକରାଯାଉଛି । କେନ୍ଦ୍ର ତଥା ରାଜ୍ୟ ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଏବଂ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ପ୍ରଭୁ ଶିବଶଙ୍କର ଦୂର କରନ୍ତି ଅନେକ ସମସ୍ୟା



ଭଗବାନ ଶିବଶଙ୍କରଙ୍କ କୃପା ଶୀଘ୍ର ପାଇବାକୁ ଚାହୁଁଥିଲେ ତାଙ୍କ ଲିଙ୍ଗ ସ୍ୱରୂପକୁ ସଠିକ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରନ୍ତୁ। ଏହି ଉପାୟରେ ପ୍ରଭୁଙ୍କ ପୂଜା କରିବା ଦ୍ୱାରା ସମସ୍ତ ଦୁଃଖକଷ୍ଟ ଦୂର ହୋଇଥାଏ।
ଆୟୁ ବୃଦ୍ଧି ପାଇଁ ଗାଈ ଘିଅ ଅର୍ପଣ କରନ୍ତୁ।
ବାହନ ସୁଖ ପାଇଁ ମଲ୍ଲୀ ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।
ଶିବ ମନ୍ଦିରରେ ଗାଈ ଘିଅରେ ଦୀପ ଲଗାନ୍ତୁ।
ବେଲ ପତ୍ରରେ ଓଁ ନମଃ ଶିବାୟ ମନ୍ତ୍ର ଲେଖି ପ୍ରଭୁଙ୍କୁ ଅର୍ପଣ କରନ୍ତୁ।
କେସର ମିଶ୍ରିତ ଜଳ ଅର୍ପଣ କଲେ ବୈବାହିକ ଜୀବନରେ ଥିବା ସମସ୍ୟା ଦୂର ହେବା ସହ ଜୀବନ ସୁଖମୟ ହୋଇଥାଏ।
ଶନିଙ୍କ ଦୋଷରୁ ମୁକ୍ତି ପାଇବା ପାଇଁ ରାଶି ଅର୍ପଣ କରନ୍ତୁ।
ଶିବଲିଙ୍ଗରେ ଦୁଦୁରା ଫୁଲ ଅର୍ପଣ କରିବା ଦ୍ୱାରା ଘର ଓ ସନ୍ତାନ ସହ ଜଡ଼ିତ ବହୁ ସମସ୍ୟା ଦୂର ହୋଇଥାଏ।
ଧନ ପ୍ରାପ୍ତି ପାଇଁ ଖିରୀରେ ପ୍ରଭୁଙ୍କୁ ଅଭିଷେକ କରନ୍ତୁ।
ସମସ୍ତ ସଙ୍କଟରୁ ମୁକ୍ତି ପାଇବା ପାଇଁ ହନୁମାନଙ୍କ ପୂଜା ଓ ମନ୍ତ୍ର ଖୁବ ସହାୟକ ହୋଇଥାଏ। ଆପଣ ଜୀବନରେ ଯଦି ସମସ୍ୟା , କାର୍ଯ୍ୟରେ ବାଧା ଲାଗି ରହୁଛି ତେବେ ଏଥିରୁ ମୁକ୍ତି ପାଇବା ପାଇଁ ନିୟମିତ 'ଓଁ ହନୁମନ୍ତେ ନମଃ' ମନ୍ତ୍ର ଜପ କରନ୍ତୁ। ଧାର୍ମିକ ମାନ୍ୟତା ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରଭୁ ଶିବଶଙ୍କର ମନ୍ତ୍ର ଜପ କରିବା ବେଶ ଲାଭଦାୟକ। ନିୟମିତ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ। ଯେଉଁମାନଙ୍କୁ ଅଧିକ କ୍ରୋଧ ଆସିଥାଏ, ସେମାନେ ମଧ୍ୟ ଏହି ମନ୍ତ୍ର ଜପ କରିବା ଉଚିତ। ଏହି ମନ୍ତ୍ର ଜପ କରିବା ଦ୍ୱାରା ଆପଣଙ୍କୁ ବହୁ ଶୁଭଫଳ ମଧ୍ୟ ପ୍ରାପ୍ତି ହେବା ସହ ଅନେକ ସମସ୍ୟାର ସମାଧାନ ହୋଇଥାଏ।



# ସାବଧାନ

ଫଳ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ, ମିନେରାଲସ ଓ ପୌଷ୍ଟିକ ତତ୍ତ୍ୱ ରହିଥାଏ। ଯାହା ଶରୀରକୁ ସୁସ୍ଥ ତଥା ନିରୋଗ ରଖେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଫଳକୁ ଠିକ ସମୟରେ ଖାଇବା ଦ୍ୱାରା ଲାଭ ମିଳୁଥିବା ବେଳେ ଅବେଳରେ ଖାଇଲେ ଏହା ନକରାତ୍ମକ ପ୍ରଭାବ ପକାଇଥାଏ। ଖାସ୍ କରି କେତେକ ନିର୍ଦ୍ଦିଷ୍ଟ ଫଳକୁ ରାତିରେ ଖାଇବା ଅନୁଚିତ। ଏହା ଦେହ ଖରାପ କରିପାରେ। ଆମେ ସବୁ ଖାଇବା ପରେ ଖାସ କରି ରାତିରେ ମିଠା ଖାଇବାକୁ ପସନ୍ଦ କରିଥାନ୍ତି। କିଛି ଲୋକ ଆଇସକ୍ରିମ ଖାଇଥାନ୍ତି ତ ଆଉ କେହି ଫଳ ଖାଇଥାନ୍ତି। ଅନ୍ୟପଟେ ଡାଇଟୀସିୟନ କହନ୍ତି ରାତିରେ ଖାସ କରି ଶୋଇବା ପୂର୍ବରୁ ଫଳ ଖାଇବା ଉଚିତ ନୁହେଁ କାରଣ ଆପଣଙ୍କ ଶରୀର ସେହି ସମୟରେ ଆରାମ କରିବା ସ୍ଥିତିରେ ଥାଏ। ଯଦି ଆପଣ ସେହି ସମୟରେ କିଛି ଏମିତି ଜିନିଷ ଖାଇଥାନ୍ତି ଯାହା ସୁଗାରକୁ ବଢ଼ାଇଥାଏ ତେବେ ଆପଣଙ୍କ ଶରୀର ଶକ୍ତିରେ ଭରିଯାଇଥାଏ। ଏହି ସ୍ଥିତିରେ ଆପଣଙ୍କ ନିଦ ନ ଆସିବା ଏବଂ କାମ ନ କରିବା ଭଳି ଇଚ୍ଛା ହୁଏ। ଏହା ଆପଣଙ୍କ ଶରୀର ପାଇଁ ଉତ୍ତମ ନୁହେଁ। ଖାସକରି କୁହାଯାଏ ଯେ ଯଦି ଆପଣଙ୍କ ରାତିର ଖାଦ୍ୟ ଏବଂ ମିଠା ମଧ୍ୟରେ କିଛି ବ୍ୟବଧାନ ରହିଥାଏ ଏବଂ ଏହାସହିତ ଶୋଇବାରେ ଡେରୀ ହୋଇଥାଏ ତେବେ ତାହା ଆପଣଙ୍କ ଶରୀର ପାଇଁ ଲାଭକାରୀ ହୋଇଥାଏ। ଯଦି ଆପଣ ଫାଇବର ଯୁକ୍ତ ଫଳ ଖାଉଛନ୍ତି ତେବେ ଆପଣ ନିଜର ଓଜନର ଧ୍ୟାନ ରଖିପାରିବେ ଏବଂ ଏହାସହିତ ନିଜ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନେଇପାରିବେ। ଏକ୍ସପର୍ଟଙ୍କ କହିବାନୁସାରେ ରାତିରେ ଭିଟାମିନ ସି ଯୁକ୍ତ ଖଟା ଫଳ ଖାଇବା ଅନୁଚିତ। ଲେମ୍ବୁ, କମଳା, ଆତାପି ଆଦି ଖଟା ଫଳ ଖାଇବା ଦ୍ୱାରା ଏସିଡିଟି ହୋଇଥାଏ। ରାତିରେ ଖାଇବା ପୂର୍ବରୁ ଖଟା ଫଳ ଖାଇଲେ ଏହି ସମସ୍ୟା ବଢିଯାଏ। ଫଳରେ ଗ୍ୟାସ, ଅମ୍ଳ, ଏସିଡିଟି ଓ ପେଟ ସମ୍ବନ୍ଧୀୟ ରୋଗ ଦେଖାଯାଏ। ଏଣୁ ରାତିରେ ଆଦୌ ଖଟା ଫଳ ସେବନ କରନ୍ତୁ ନାହିଁ। ରାତିରେ ଖାଦ୍ୟ ଖାଇବା ପରେ ଖଟ୍ଟା ଫଳର ସେବନ କରିବା ଶରୀର ପାଇଁ କ୍ଷତିକାରକ ହୋଇପାରେ। କିଛି ଏକ୍ସପର୍ଟଙ୍କ ମୁତାବକ ଫଳକୁ ରାତିରେ ଖାଇବା ଦ୍ୱାରା ହାର୍ଟ ଆଟାକ୍, କିଡନୀ ଫେଲୟର, ହୃଦୟ ରୋଗ, ଡାଇବେଟୀଜ୍ ଏବଂ ଆଣ୍ଠୁଗଣ୍ଠି ଜନିତ ସମସ୍ୟାରୁ ରକ୍ଷା ପାଇପାରିବେ। ଏହି କଥା ଉପରେ ଧ୍ୟାନ ଦିଅନ୍ତୁ ଯେ ରାତିରେ ଖାଉଥିବା ସବୁ ଫଳ ଭଲ ହୋଇନଥାଏ। କାରଣ ସମସ୍ତଙ୍କ ସ୍ୱାସ୍ଥ୍ୟ ଅଲଗା ହୋଇଥାଏ ଏବଂ ଏହାସହିତ ଶରୀରର ଆବଶ୍ୟକତା ମଧ୍ୟ ଅଲଗା ହୋଇଥାଏ। ଯଦି ଆପଣ ଶରୀରର ଆବଶ୍ୟକତା ଠାରୁ ଅଧିକ କ୍ୟାଲୋରୀ କିମ୍ବା କୌଣସି ବି ନ୍ୟୁଟ୍ରିଏଣ୍ଟ ନିଅନ୍ତି ତେବେ ନିଜ ପାଇଁ ଏହା କ୍ଷତିକାରକ ପ୍ରମାଣିତ ହୋଇପାରେ।

# କେଶ ଝଡ଼ିବା ସମସ୍ୟା ଦୂରେଇ ଦେବାକୁ ଖାଆନ୍ତୁ ଏହି ସବୁ ଖାଦ୍ୟ







ଆଜିକାଲି କେଶ ଝଡ଼ିବା ସମସ୍ୟା ପ୍ରାୟ ସମସ୍ତଙ୍କର। କେଶ ଝଡ଼ିବାର ଅନେକ କାରଣ ଥାଏ। ଅତ୍ୟଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ। ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ। କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ। କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ। ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ। ପ୍ରୋଟିନ୍ର ଅଭାବରେ ହିଁ କେଶ ଝଡ଼ିଥାଏ। ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ମାତ୍ର ଏପରି କିଛି ଖାଦ୍ୟ ଅଛି, ଯାହାକୁ ଦୈନିକ ଖାଇବା ଦ୍ୱାରା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରେ। ଦିନକୁ ଅତି କମ୍ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଆଇରନ୍ ଅଭାବରୁ ବି କେଶ ଝଡ଼ିଥାଏ। ପାରୁଛନ୍ତି ଯଦି ସକାଳେ କିମ୍ବା ସଂଧାରେ ଗୋଟାଏ ସିଝା ଅଣ୍ଡା ଖାଆନ୍ତୁ। ସିଝା ଅଣ୍ଡାରେ ପ୍ରୋଟିନ୍ ରହିଛି। ଶରୀରରେ ପ୍ରୋଟିନ୍ ଭରପୂର ରହିଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ। ମୌସମୀ ଜୁସ୍? ପିଅନ୍ତୁ। ମୌସୁମୀ ଜୁସ୍ ଉଭୟ କେଶ ଓ ତ୍ୱଚା ପାଇଁ ଭଲ ହୋଇଥାଏ। ଏହି ଜୁସ୍ ପିଇଲେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ତ୍ୱଚା ବି ଭଲ ରହିଥାଏ। କାଜୁ ବାଦାମ ଖାଇବା ବି କେଶ ପାଇଁ ଭଲ ହୋଇଥାଏ। କାଜୁ ବ୍ୟତୀତ ଆଲମଣ୍ଡ, ବାଦାମ, କିସ୍ମିସ୍ ଆଦି ଦୈନିକ ଖାଇଲେ କେଶ ଝଡ଼ିବା କମ ହୋଇଥାଏ।

# ଘଣ୍ଟାରେ ୧୨ଟା ବାଜେନି

ଦିନକୁ ୨୪ ଘଣ୍ଟା ହିସାବରେ ସବୁ ଘଣ୍ଟାରେ ୧୨ ପର୍ଯ୍ୟନ୍ତ ଅଙ୍କ ଥାଏ। କିନ୍ତୁ ଏମିତି ଏକ ଅଜବ ଘଣ୍ଟା ଅଛି ଯାହାର ନାହିଁ ୧୨ ଅଙ୍କ। ଏହି ଘଣ୍ଟାରେ କେବଳ ୧୧ ଅଙ୍କ ପର୍ଯ୍ୟନ୍ତ ରହିଛି। ଘଣ୍ଟାଟି ସୁଇଜରଲାଣ୍ଡ୍?ର ସୋଲୋଥର୍ନ ସହରରେ ଅଛି। ଏହି ସହରର ଟାଉନ୍ ସ୍କୋୟାରେ ଘଣ୍ଟାଟି ଅଛି, ଯାହାର ମାତ୍ର ୧୧ ପର୍ଯ୍ୟନ୍ତ ଅଙ୍କ ରହିଛି। ଏହି ଘଣ୍ଟାଗୁଡ଼ିକରେ ୧୨ଟା ବାଜି ନଥାଏ। ଏହି ସହର ଲୋକଙ୍କର ୧୧ ଅଙ୍କ ପ୍ରତି ବହୁତ ଭଲ ପାଇବା ରହିଛି। ତେଣୁ ଏଠାରେ ପ୍ରାୟ ସବୁ ଜିନିଷ ୧୧ ଡିଜାଇନ୍ ଭଳି ହୋଇଥାଏ। ଏଠାରେ ଥିବା ଚର୍ଚ୍ଚ ଓ ଚାପେଲର ସଂଖ୍ୟା ବି ୧୧-୧୧ ଅଟେ। ଏହା ଛଡ଼ା ଏଠାକାର ସଂଗ୍ରହାଳୟ, ଐତିହାସିକ ଟାୱାର୍? ବି ୧୧ ଟି ଅଛି। ଏଠାକାର ସେଣ୍ଟ୍ ଉର୍ସସ୍ର ମୁଖ୍ୟ ଚର୍ଚ୍ଚରେ ୧୧ ନମ୍ବରର ମହତ୍ତ୍ୱ ଦେଖିବାକୁ ମିଳିଥାଏ। ଏହି ଚର୍ଚ୍ଚ ୧୧ ବର୍ଷରେ ନିର୍ମାଣ ହୋଇଥିଲା। ଏଠାରେ ତିନୋଟି ଶିଡ଼ିର ସେଟ୍ ରହିଛି ଆଉ ପ୍ରତି ସେଟ୍ରେ ୧୧ଟି ପାହାଚ ଅଛି। ଏହା ଛଡ଼ା ଏଠାରେ ୧୧ଟି କବାଟ ଓ ୧୧ଟି ଘଣ୍ଟି ଅଛି। ଏମାନେ୧୧ ତମ ଜନ୍ମଦିବସକୁ ଧୁମ୍ଧାମ୍ରେ ପାଳନ କରିଥାନ୍ତି। ବିଶ୍ୱାସ କରାଯାଏ ଯେ ବହୁବର୍ଷ ପୂର୍ବେ ଲୋକେ ପରିଶ୍ରମ କରି ବି ଖୁସି ରହିପାରୁନଥିଲେ। ଦିନେ ପାହାଡ଼ରୁ କିଛି ଏଲ୍ଫ ଆସି ଲୋକଙ୍କ ଆତ୍ମବିଶ୍ୱାସ ବଢ଼ାଇଲେ। ଜର୍ମାନ୍ ଭାଷାରେ ଏଲ୍ଫର ଅର୍ଥ ହେଉଛି ୧୧। ସେବେଠାରୁ ଏଠାକାର ଲୋକେ ୧୧ ନମ୍ବରକୁ ଭଲପାଇ ଆସୁଛନ୍ତି।





# ଘରଦୁଆର

ଆମ ଓଡ଼ିଆ ଭାଷାରେ 'ଘରଦୁଆର' ଶବ୍ଦର ବ୍ୟବହାର ବ୍ୟାପକ। ଜଣେ ଯେତେବେଳେ କହନ୍ତି ମତେ ଘରଦୁଆର ସବୁକଥା ବୁଝିବାକୁ ପଡୁଛି ଆମେ ସେତେବେଳେ ଜାଣିଯାଉ ସେ ପ୍ରକୃତରେ କ'ଣ କହିବାକୁ ଚାହୁଁଛନ୍ତି। ଘରଦୁଆର କଥା ମାନେ ଏଠାରେ ଘର ଚଳେଇବା ବିଷୟରେ ସେ କହୁଛନ୍ତି। ଘର କହିଲେ ବାସସ୍ଥାନ ଓ ଦୁଆର କହିଲେ ସେଥିରେ ଲାଗିଥିବା ବନ୍ଧଯୁକ୍ତ କବାଟ। କେହି ହୁଏ ତ କହିପାରନ୍ତି ଝରକା ବି ତ ଘରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କିନ୍ତୁ ଏଠାରେ ଝରକା ଶବ୍ଦର ଉଲ୍ଲେଖ ନାହିଁ କାହିଁକି? ତା'ର କାରଣ ଆଗରୁ ପୁରୁଣା ଘରମାନଙ୍କରେ ଝରକା ହିଁ ନ ଥିଲା କହିଲେ



## ଯୋଗ କରି ଫିଟ ରୁହନ୍ତୁ

ରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିରେ ଯୋଗ ପ୍ରମୁଖ ଭୂମିକା ନେଇଥାଏ । ସେଥିପାଇଁ ଆଜିର ବ୍ୟସ୍ତ ବହୁଳ ସମାଜରେ ମଣିଷ ଯୋଗକୁ ଆପଣାଇଛି । ନିଜକୁ ଫିଟ୍? ରଖିବା ପାଇଁ ପ୍ରତିଦିନ ଯୋଗ ଓ ପ୍ରାଣାୟମ କରନ୍ତୁ । ଜଣେ ବ୍ୟକ୍ତି ନିୟମିତ ଯୋଗ କଲେ ନିରୋଗ ରହିବ । ଯୋଗ ମଣିଷ ଶରୀର ଓ ମନକୁ ସୁସ୍ଥ ଏବଂ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ । କିଛି ନିୟମ: ଆପଣ ପ୍ରଥମେ ସ୍ଥିର କରିବା ଦରକାର ଯେ, ଆପଣ କ'ଣ ପାଇଁ ଯୋଗ କରିବାକୁ ଚାହୁଁଛନ୍ତି । ଆପଣଙ୍କ ସମସ୍ୟା ସମାଧାନ ଲାଗି କେଉଁ ଯୋଗ ସର୍ବୋତ୍କୃଷ୍ଟ । ଏହାକୁ କରିବାର ପ୍ରଣାଳୀ କ'ଣ । ଏ ବିଷୟରେ ଆପଣଙ୍କର ଯଦି ଜ୍ଞାନ ନାହିଁ, ତେବେ ସର୍ବପ୍ରଥମେ ଆପଣ ଯୋଗ କ୍ଲାସ୍ରେ ସାମିଲ ହୁଅନ୍ତୁ । ନଚେତ ଭୁଲ ଯୋଗ ମୁଦ୍ରା କଲେ ଠିକ୍ ପରିବର୍ତ୍ତେ ଭୁଲ ଫଳ ପାଇବେ । ଯୋଗ କରିବା ସମୟରେ ଟାଇଟ୍ ପୋଷାକ ପିନ୍ଧିବା ଉଚିତ ନୁହେଁ ।



## ଏମିତି ଝିଅମାନେ ହୋଇଥାନ୍ତି
# ସର୍ବଗୁଣ ସମ୍ପନ୍ନ ବଧୂ

ଜ୍ୟୋତିଷ ଶାସ୍ତ୍ରରେ ଯେମିତି ଜାତକ ଦେଖି ଲୋକଙ୍କ ଭବିଷ୍ୟତ ବିଷୟରେ କୁହାଯାଏ, ସେହିଭଳି ସାମୁଦ୍ରିକ ଶାସ୍ତ୍ରରେ ଲୋକଙ୍କ ଶରୀରର ଅଙ୍ଗ ପ୍ରତ୍ୟଙ୍ଗର ଗଠନ ଆଧାରରେ ତାଙ୍କ ଆଚାର ଓ ବ୍ୟବହାର ବିଷୟରେ ଜଣାପଡ଼େ। ସାମୁଦ୍ରିକ ଶାସ୍ତ୍ର ରଚନା ବହୁ ଯୁଗ ତଳେ ହୋଇଥିଲା। ଏଥିରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗର ଗଠନରୁ ତାଙ୍କ ଭବିଷ୍ୟତ କେମିତି କଟିବ, ସେ ସମ୍ପର୍କରେ ଜଣାପଡ଼େ। ତେବେ ଆସନ୍ତୁ ଜାଣିବା ଆଙ୍ଗୁଠିର ଗଠନରୁ ମହିଳା କେତେ ଭାଗ୍ୟଶାଳୀ ହୋଇଥାନ୍ତି । ସାମୁଦ୍ରିକ ଶାସ୍ତ୍ର ଅନୁସାରେ ମନାଯାଏ, ଯେଉଁ ଝିଅଙ୍କ ଆଙ୍ଗୁଳି ଲମ୍ବା ଓ ସୁନ୍ଦର ହୋଇଥାଏ, ସେ ବିବାହ ପରେ ନିଜର ପତି ପାଇଁ ସୌଭାଗ୍ୟଶାଳୀ ହୋଇଥାନ୍ତି । ଏପରି ଝିଅଙ୍କୁ ବିବାହ ପରେ ପତିର ଉନ୍ନତି ହୋଇଥାଏ । ଏହି ଝିଅମାନେ ଶ୍ୱଶୁର ଘରେ ନିଜର ଦାୟିତ୍ୱ ଭଲ ଭାବେ କରିଥାନ୍ତି । ଏମିତି ଲକ୍ଷଣର ଝିଅମାନେ ହୋଇଥାନ୍ତି ସର୍ବଗୁଣ ସମ୍ପନ୍ନ ସାମୁଦ୍ରିକ ବିଜ୍ଞାନରେ ମାନ୍ୟତା ରହିଛି ଯେ ଯେଉଁ ଝିଅଙ୍କ ମସ୍ତିଷ୍କ ୩ ଆଙ୍ଗୁଳିର ଅଧିକ ଓ ଚନ୍ଦ୍ରମା ଭଳି ହୋଇଥାଏ, ସେ ଝିଅ ଭାଗ୍ୟଶାଳୀ ହୋଇଥାନ୍ତି । ବିବାହ ପରେ ଏହି ଝିଅ ଯେଉଁ ଘରକୁ ଯାଇଥାନ୍ତି,ସେଠାରେ ସର୍ବଦା ଉନ୍ନତି ହୋଇଥାଏ । ଯେଉଁ ଝିଅଙ୍କ ଗୋଡର ଆଙ୍ଗୁଠି ଗୋଲ, ଚଉଡା ଓ ଲାଲ ହୋଇଥାଏ, ସେ ନିଜ ଜୀବନରେ ସଫଳତା ହାସଲ କରିବା ସହ ଅନ୍ୟ ପାଇଁ ମଧ୍ୟ ଭାଗ୍ୟଶାଳୀ ହୋଇଥାନ୍ତି ।

# କଳକାରଖାନା

କଳକାରଖାନା ଏକ ଯୁଗ୍ମଶବ୍ଦ। କଳକାରଖାନା। ଏହା ମୂଳତଃ କାରଖାନାକୁ ବୁଝାଏ। କାରଖାନା କହିଲେ ଆମେ ସାଧାରଣତଃ ଭାବୁ ଯେ ଏହା ଏକ ପରିସର ଯେଉଁ ସ୍ଥାନରେ କ'ଣ ସବୁ କଳ ମାଧ୍ୟମରେ ତିଆରି ହୁଏ, ଠନ୍ ଠାନ୍ ଶବ୍ଦ ଶୁଭେ, ତା' ଭିତରେ ଥିବା ଚିମ୍ନିରୁ ଭକ୍ ଭକ୍ ହୋଇ ଧୂଆଁ ଉଠୁଥାଏ। ଶ୍ରମିକମାନେ ଭିତରକୁ ଯାଆନ୍ତି, କାମ ସାରି ଫେରନ୍ତି। ତେଣୁ କାରଖାନା ଭିତରେ ଏତେ କଥା ଥିଲେ ବି ମୂଳ ଥାଏ କଳ। କାରଣ ଶିଳ୍ପ ସଭ୍ୟତା ଆସିବା ପରଠାରୁ ମଣିଷମାନଙ୍କ ଅପେକ୍ଷା କଳ ବା ମେସିନ୍? ହିଁ ଅଧିକ ଜିନିଷ ପ୍ରସ୍ତୁତ କରିଥାଏ। ମଣିଷମାନେ ତା'ର ସହାୟକ ପାଲଟନ୍ତି। କଳ ବିଗିଡ଼ି ଗଲେ ବା କଳ ଚଳେଇବାର ଜାଳେଣି ସରିଗଲେ ଯେତେ ମଣିଷ ଥିଲେ ବି କଳ କାର୍ଯ୍ୟକ୍ଷମ ହୁଏ ନାହିଁ। କାରଖାନା ବନ୍ଦ ହୋଇଯାଏ। ଅତଏବ କାରଖାନା ସହ କଳ ଶବ୍ଦଟି ଅଙ୍ଗାଙ୍ଗୀ ଭାବରେ ଯୋଡ଼ା। ତେବେ ସବୁ କାରଖାନାରେ ଆଉ ଧୂଆଁ ଉଠିବା କଥା ନାହିଁ। କିଛି କିଛି କାରଖାନାରେ ଏମିତି କାର୍ଯ୍ୟ ହୁଏ ଯେଉଁଠାରେ କଳ ଅପେକ୍ଷା ମଣିଷର ମସ୍ତିଷ୍କ ଓ ହାତ ଅଧିକ କାମ କରିଥାଏ।



# ହାତ ଅଳସେ ନିଶ ବଙ୍କା



ଆଗ କାଳରେ ପୁରୁଷମାନେ ନିଶ ଦାଢ଼ି ରଖିବା ଏକ ସାଧାରଣ କଥା ଥିଲା। ତା'ପରେ ଆସିଲା ନିଶ ଦାଢ଼ି କାଟିବାର ଯୁଗ। କୁହାଯାଏ ଯେ ଗ୍ରୀକ୍ ବୀର ଆଲେକ୍ଜାଣ୍ଡର ଇଉରୋପରେ ଦାଢ଼ି ନିଶ କଟାର ଫେଶନ୍ ପ୍ରଥମେ ଆରମ୍ଭ କରିଥିଲେ। ନିଶକୁ ପୁରୁଷର ଚିହ୍ନ ବୋଲି ବା ପୌରୁଷତ୍ୱର ନିଦର୍ଶନ ବୋଲି ମନେକରି ଅନେକ ବ୍ୟକ୍ତି ନିଶ ରଖନ୍ତି। ଏହାକୁ କହନ୍ତି ବୀରକେଶ। ନିଶ ପୁଣି କେତେ ପ୍ରକାରର। ତେବେ ସମସ୍ତେ ଚାହାନ୍ତି ତାଙ୍କର ନିଶ ଆକର୍ଷକ ହେଉ। ତେଣୁ ତାହାକୁ ହାତ ମାରି ବାରମ୍ବାର ସଜାଡ଼ିବାକୁ ପଡ଼େ। କେହି ନିଶରେ ମହମ ମାରି ତାକୁ ସିଧା ଓ ଶୃଙ୍ଖଳିତ ରଖିବାକୁ ଚେଷ୍ଟା କରିଥାନ୍ତି। ନିଶ ନାକତଳେ ଥିବା କେଶ ସମୂହକୁ ବୁଝାଏ। ତାହାକୁ ବାରମ୍ବାର ହାତ ମାରି ନ ସଜାଡ଼ିଲେ ତାହା ଅଲରା ଦିଶେ। ଯେମିତି ଯେ କୌଣସି କାମ ଭଲ କରିବା ପାଇଁ ନିୟମିତ ଉଦ୍ୟମ ଆବଶ୍ୟକ ସେମିତି ନିଶକୁ ସଜାଡ଼ି ରଖିବା ପାଇଁ ପଡ଼େ। ଯେଉଁ ଉଦ୍ୟମରେ ଢିଲାପଣ କାମକୁ ଖରାପ କରିଦିଏ ସେଠାରେ କୁହାଯାଏ, ''ହାତ ଅଳସେ ନିଶ ବଙ୍କା।''



# ଜାତୀୟ ଯୁବ ଦିବସ ପାଳନ



**ଫୁଲବାଣୀ(ଅମୃତ ମିଡିଆ) :** ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ତା ୧୨/୧/୨୦୨୪ ରିଖ ଦିନ ଫୁଲବାଣୀ ସହର ସ୍ଥିତ ଗାନ୍ଧୀସ୍ମୃତି ଭବନ ଫୁଲବାଣୀ ଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇ ଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ କହଁର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଗୋପାଳ କୃଷ୍ଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡ୍ସ ପରାମର୍ଶ ଦାତା ଦେବାଶିଷ ମିଶ୍ର, ସି ଡବ୍ଲୁ ସଭ୍ୟ ପ୍ରଫେସର୍ ପ୍ରସନ୍ନ ବିଶୋଇ, ଗାୟକ ଜଳନ୍ଧର ବେହେରା, ପୁଲିସହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଶତପଥୀ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନଭନିତ୍ କୁମାର, ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଫୁଲବାଣୀ ସହର ର ଯୁବକ ଓ ଯୁବତୀ ଯୋଗ ଦେଇଥିଲେ । ଏହି ଦିବସ ଅବସରରେ ଯୁବ ଗୋଷ୍ଠୀ ମାନଙ୍କ ମଧ୍ୟରେ କୁଇଜ୍, ଓ ସଂକ୍ଷସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତା ସହ ଭାରତର ପ୍ରଧାନମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ସିଧା ପ୍ରସାରଣ ଦୂର ଦର୍ଶନ ମାଧ୍ୟମରେ ରେ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଦେଖାଯାଇଥିଲା । ଏହି ଯୁବ ଦିବସ ଜାନୁଆରୀ ୧୨ ରୁ ଆରମ୍ଭ ହୋଇ ଜାନୁଆରୀ ୧୯ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଯୁବ ନେହେରୁ ଯୁବ କେନ୍ଦ୍ର ଅଧିକାରୀ ନଭନୀତ କୁମାର ଅବଗତ କରିଥଲେ । ମୁଖ୍ୟ ଅତିଥି ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରାଇଥିଲେ । ଆୟୋଜିତ ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା ମୂଖ୍ୟ ଅତିଥି ସମ୍ମାନୀତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଦିଗବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥଲେ ।

# ବୃଦ୍ଧା ସୁଗୀ ଟୁଡୁ ପାଇଁ ଆବାସ ଯୋଜନା ସାତସପନ



**ବାରିପଦା(ଅମୃତ ମିଡିଆ) :** ଗରିବ ଅସହାୟ ଲୋକଙ୍କ ପାଇଁ ସରକାରଙ୍କ କେତେ କଣ ଯୋଜନା। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆବାସ ଯୋଜନା ଏମାନଙ୍କ ପାଇଁ ସାତସପନ। ହିତାଧିକାରୀ ଚୟନ ନିୟମ ଏମାନଙ୍କ ପାଇଁ ମୂଲ୍ୟହୀନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନିର୍ମଳ ଶାସନ, ସ୍ୱଚ୍ଛ ପ୍ରଶାସନ' ର ଦ୍ୱାହିଦେଇ ଆସୁଥିବା ବେଳେ ତାଙ୍କ ନିୟନ୍ତ୍ରଣରେ ପରିଚାଳିତ ପ୍ରଶାସନିକ ବ୍ୟବସ୍ଥାର ଏ ହେଉଛି ବାସ୍ତବ ଚିତ୍ର। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣୀ ପଞ୍ଚାୟତ ର ଅଶନବଣି ଗାଁ ର ସୁଗୀ ଟୁଡୁ (୬୮) । ଏହି ଗରିବ ବୃଦ୍ଧା ହିତାଧିକାରୀ ଙ୍କର ଦୁଇ ପୁଅ । ଦିନ ମଜୁରିଆ କାମ କଲେ ପରିବାର ଚଳେ । ବଡ ପୁଅ ତା ପରିବାର କୁ ନେଇ ଚଳୁଥିଲା ବେଳେ ସାନ ପୁଅ ଓ ୪ ଜଣସୁଗୀ ମାଝୀ )୧୬), ଚନ୍ଦ୍ର ମାଝୀ(୧୪), ସମାୟ ମାଝୀ (୧୨) ଓ ମାନକ ମାଝୀ (୭) ନାତୀ ନାତୁଣୀ ଙ୍କୁ ନେଇ ବୃଦ୍ଧା ଙ୍କ ସଂସାର । ସାନ ପୁଅ ବହୁ ମୃତ୍ୟୁ ପରେ ବଡ ନାତୁଣୀ ସୁଗୀ ମାଝୀ (୧୬) ୮ମ ଶ୍ରେଣୀ ରୁ ପାଠ ଛାଡି ଜେଜେମା ଙ୍କୁ କାମରେ ସାହାଯ୍ୟ କରିବା ସହିତ ଲୋକଙ୍କ ଘରେ କାମ କଲେ ପରିବାର ଚଳେ। ତେବେ ଆଗରୁ ବହୁ ବାର ନିର୍ବାଚିତ ଲୋକପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ଫଳ ମିଳିନି । ଅସହାୟ ଗରିବ ଲୋକଙ୍କୁ ନ୍ୟାୟ ଦେବା ପାଇଁ ସୃଷ୍ଟି ହୋଇଥିବା 'ମୋ ସରକାର' ଏବଂ ୫ଟି ବ୍ୟବସ୍ଥା କେତେ କାର୍ଯ୍ୟକାରୀ ହେଉଛି ତହା ଦେଖିବା ପାଇଁ ବାକି ରହିଲା । ତେବେ ଏ ବିଷୟରେ କେନ୍ଦୁଜିଆଣୀ ସରପଞ୍ଚ କୃଷ୍ଣଚନ୍ଦ୍ର ହାସଁଦା ଙ୍କୁ ପଚାରିବାରୁ ସେ କହିଲେ ଆଗରୁ ଚିଠାରେ ତାଙ୍କ ନାମ ନଥିବାରୁ ସେ ଘର ପାଇ ନାହାନ୍ତି ଆଗାମୀ ଗ୍ରାମସଭା ରେ ତାଙ୍କ ନାମ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପଟେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରିଛନ୍ତି ଯେ ଯୋଜନା ଗୁଡିକର ନାମ ମନେରଖିବା କଷ୍ଟକର। ଏହାସତ୍ତ୍ୱେ ଯୋଜନା ଗୁଡିକର ବାସ୍ତବ ରୂପାୟନ ପ୍ରତି କାହାର ନିଘା ନ ଥିବାରୁ ଯୋଜନା ବାଟ ବଣା ହେଉଥିବାର ଦେଖିବାକୁ ମିଳୁଛି । କିନ୍ତୁ ଏଠି ଲୋକଙ୍କ ଅବସ୍ଥା ଦେଖିଲେ ଲାଗୁଛି ସରକାରୀ ଯୋଜନା ଲୋକଙ୍କ ପାଇଁ ସାତସପନ ପାଲଟିଛି ।

# ବୃଦ୍ଧାଙ୍କ ଭତ୍ତା ହଡ଼ପ ଅଭିଯୋଗ

## ଟୁଇଟ୍ ପରେ ଭତ୍ତା ପ୍ରଦାନ

**ହିନ୍ଦୋଳ(ଅମୃତ ମିଡିଆ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ହାତୁରା ପଞ୍ଚାୟତ ର ଜଣେ ୮୮ ବର୍ଷୀୟା ବୃଦ୍ଧା ହିତାଧିକାରୀ ଙ୍କ ର ଭତ୍ତା ହଡ଼ପ ହୋଇଥିବାର ଏକ ସାଂଘାତିକ ଅଭିଯୋଗ ହୋଇଥିଲା। ସୂଚନା ଅନୁଯାୟୀ ହାତୁରା ପଞ୍ଚାୟତ ର ସୂର୍ଯ୍ୟମଣି ବେହେରା ନାମକ ଏକ ୮୮ ବର୍ଷୀୟା ବୃଦ୍ଧା ଦୀର୍ଘ ୮ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ଥିଲେ । କିନ୍ତୁ ଏହା ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟାଳୟକୁ ସାମ୍ବାଦିକ ଦୀପକ କୁମାର ନାଏକ ଟୁଇଟ୍ କରିବା ଫଳରେ ତତକ୍ଷଣାତ୍ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସରପଂଚ ନିର୍ଦ୍ଦିଷ୍ଟ ହିତାଧିକାରୀ ଙ୍କୁ ନେଇ ଭତ୍ତା ପ୍ରଦାନ କରିଥିବା ଜଣାପଡିଛି। ଏଥିରୁ ସ୍ପଷ୍ଟ ଅନୁମେୟ କି ହାତୁରା ସରପଂଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ କିପରି ଲୋକ ଙ୍କ ସେବା କରୁଛନ୍ତି । କେବଳ ଏହା ନଜରକୁ ଆସିଲା ବୋଲି ଜଣାପଡ଼ିଲା। ଏହିପରି ଆଉ କେତେ ହିତାଧିକାରୀ ଅଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଦୀର୍ଘ ୮ ମାସ ଧରି ୮୮ ବର୍ଷୀୟା ବୃଦ୍ଧା ଭତ୍ତା ନପାଇବାକୁ ନେଇ ହାତୁରା ସରପଂଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି।

# ଇଭିଏମ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟନ



**ଫୁଲବାଣୀ(ଅମୃତ ମିଡିଆ) :** ଉପଜିଲ୍ଲାପାଳ ଫୁଲବାଣୀଙ୍କ କାର୍ଯ୍ୟାଳୟ ପରିସରରେ ତା ୧୧/୧/୨୦୨୪ ରିଖ ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଇଭିଏମ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏହି ପ୍ରଦର୍ଶନ କେନ୍ଦ୍ରକୁ ଉପଜିଲ୍ଲାପାଳ ଫୁଲବାଣୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ଦଳ ର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନ ଆସନ୍ତା ଦୁଇ ମାସ ଧରି ଚାଲିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଇଭିଏମ ସମ୍ପର୍କରେ ଗ୍ରାମାଞ୍ଚଳ ରେ ରହୁଥିବା ଭୋଟର ତଥା ନୂତନ ଭାବରେ ଭୋଟ ତାଲିକାରେ ପଞ୍ଜିକୃତ ହୋଇଥିବା ଯୁବ ଭୋଟର ମାନଙ୍କୁ ସଚେତନ କରି ତାଙ୍କ ଭିତରେ ଥିବା ଭ୍ରାନ୍ତ ଧାରଣା କୁ ଦୂର କରିବା ଏବଂ ସମସ୍ତ ଫୁଲବାଣୀ ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଭୋଟର ମାନଙ୍କୁ ଇଭିଏମ ଓ ଭିଭିପାଟ ମାଧ୍ୟମରେ ଭୋଟ ଦାନ ପ୍ରକ୍ରିୟାରେ ସାମିଲ କରିବା । ଏହି ଅବସରରେ ଡେପୁଟି କଲେକ୍ଟର ଶ୍ରୀ ସୁମନ ତୁଙ୍ଗ ତୁଙ୍ଗ, ସହକାରୀ ଜିଲ୍ଲାପାଳ ଶ୍ରୀ ବିବେକାନନ୍ଦ ସାମଲ, ସହକାରୀ ଜିଲ୍ଲାପାଳ ଶ୍ରୀ ମାନସ ରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରଞ୍ଜିତା ଲେଙ୍କା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଭୋଟର ମାନେ ଉପସ୍ଥିତ ରହି ଭୋଟ ଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

# ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ 'ସାଇନ୍ସ ଫେୟାର-୨୦୨୩/୨୪' ଅନୁଷ୍ଠିତ

**ବାରିପଦା(ଅମୃତ ମିଡିଆ) :** ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଠାରେ ରହିଥିବା ଜାଭିୟାର୍ସ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା 'ସାଇନ୍ସ ଫେୟାର-୨୦୨୩/୨୪' ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଆକ୍ସିସ ବ୍ୟାଙ୍କର ମ୍ୟାନେଜର ବଳରାମ ବେହେରା, ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦେବବ୍ରତ ରାଉତ ଓ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ସତ୍ୟପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦାନ କରି ଉତ୍ସବର ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଲେ,ବର୍ତ୍ତମାନ ବୈଜ୍ଞାନିକ ମାନେ ନୂଆ ନୂଆ ପଦ୍ଧତି ଉଦଭାବନ କରିଛନ୍ତି ତଥା ବିଜ୍ଞାନ ବଳରେ ସ୍ୱଳ୍ପ ସମୟରେ ସବୁ କାମ କିପରି ସହଜରେ ହାସଲ ହୋଇ ପାରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ନର୍ସରୀରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ନେଇ ମୋଟ ୪୫ଟି ବିଜ୍ଞାନ ସମ୍ପର୍କୀୟ ଷ୍ଟଲ ନିର୍ମାଣ କରାଯାଇଥିଲା । ଏହି ବିଜ୍ଞାନ ମେଳାରେ ଅନୁଷ୍ଠିତ ହୋଇଥିବା ପ୍ରଦର୍ଶନୀ ଗୁଡିକୁ ବିଚାରକ ଭାବେ ସତ୍ୟପ୍ରକାଶ ପ୍ରଧାନ ଓ ଦେବବ୍ରତ ରାଉତ ବାଛିଥିଲେ । ବିଦ୍ୟାଳୟର ଅଧକ୍ଷା ଇପ୍ସିତା କରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍କୁଲର ଉପାଧକ୍ଷା ସୋନାଲି ବେହେରା, ଶିକ୍ଷକ ଦେବବ୍ରତ ବାରିକ ଓ ଲକ୍ଷ୍ମୀକାନ୍ତ ବଳବନ୍ତରାୟ ପରିଚାଳନା କରିଥିବାବେଳେ ରଣଜିତ ନାୟକ, ଶିକ୍ଷୟିତ୍ରୀ ସନ୍ତୋଷୀ ସାହୁ, ଜାହ୍ନବୀ ସାହୁ, ସମୀକ୍ଷା ଗୋଛାୟତ, ତ୍ରିପ୍ତି ବେରା, ପଦ୍ମିନୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନାଲ ପାଣି ଦାବିରେ ଚାଷୀମାନଙ୍କ ଆନ୍ଦୋଳନ



**କଳାହାଣ୍ଡି(ଅମୃତ ମିଡିଆ) :** ଶନିବାର ଦିନ ରବି ଚାଷ ପାଇଁ ଟିପିଗୁଡା କେନାଲରେ ପାଣି ଛାଡିବାକୁ ଦାବିକରି ଟିପିଗୁଡା ଅଂଚଳର ଶତାଧିକ ଚାଷୀ ଧର୍ମଗଡ଼ ଆସି ଇନ୍ଦ୍ରାବତୀ ଅଧିକ୍ଷଣ ଯନ୍ତ୍ରୀ ଓ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ୨୦୦୬ ମସିହାରୁ ଏହି ଅଂଚଳରେ କେନାଲ ଖୋଲା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାଷୀଙ୍କୁ ପାଣି ଦେଉ ନ ଥିବାରୁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଅଂଚଳ ରେ ବାରମ୍ବାର ମରୁଡି ଦେଖା ଦେଉଥିବା ବେଳେ ଚଷୀ ମାନଙ୍କୁ କିନ୍ତୁ ଜଳ ସେଚନ ଅଂଚଳ କହି ମରୁଡି ଜନିତ କୌଣସି ସରକାରୀ ସୁବିଧା ଦିଆଯାଉନାହିଁ ।ଅନ୍ୟପଟେ ଚାଷୀ କିନ୍ତୁ ନିଜ ଚାଷ ଜମିରେ କେନାଲ ଦେଖୁଥିଲେ ମଧ୍ୟ ପାଣି ପାଇପାରୁ ନାହିଁ । ଏ ନେଇଁ ଚାଷୀ ମାନେ ବିଗତ ଦିନରେ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ସେମାନେ ଡ୍ୟାମରେ ପାଣି ନାହିଁ । ଏଣୁ ତୁମ ଅଂଚଳକୁ ପାଣି ଦିଆଯାଇ ପାରିବ ନାହିଁ ବୋଲି କହୁଛନ୍ତି । ଯଦି ଇନ୍ଦ୍ରାବତୀ ଡ୍ୟାମରେ ପାଣି ନାହିଁ, ତେବେ ଡ୍ୟାମର ପାଣି କାହିଁକି ହାତୀ ନଦୀରେ ବର୍ଷ ସାରା ପାଣି ଛାଡି ଦିଆଯାଉଛି, ବିଭିନ୍ନ କମ୍ପାନୀ କୁ କାହିଁକି ପାଣି ଦିଆଯାଉଛି ବୋଲି ଚାଷୀ ମାନେ ପାଲଟା ପ୍ରଶ୍ନ କରିଛନ୍ତି । ତେବେ ଚଳିତ ରବୀ ଋତୁରେ ଟିପିଗୁଡା ଅଂଚଳକୁ ପାଣି ନଦେଲେ ଆଗାମୀ ଦିନରେ ଭୟଙ୍କର ଭାବେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଚାଷୀ ମାନେ ଧମକ ଦେଇଛନ୍ତି । ଆଜିର ଏହି ଚାଷୀ ବିକ୍ଷୋଭରେ ଚାଷୀ ବନକୁମାର ନାଏକ, ନୀଳାମ୍ବର ନାଏକ, ଜୀବସଙ୍କର ନାଏକ, ଜଗଦୀଶ ନାଏକ, ତ୍ରିଲୋଚନ ନାଏକ, କାନ୍ତ ନାଏକ ଆଦି ଯୋଗ ଦେଇଥିବାବେଳେ ଏହି ଆନ୍ଦୋଳନ କୁ ପ୍ରଦେଶ କଂଗ୍ରେସ ସମ୍ପାଦକ ଦିଗାମ୍ବର ଦୁରିଆ, ସନ୍ତୋଷ ପାଢ଼ୀ, ଡାକେଶ୍ୱର ଲହଜଲ, ରତନ ନାଏକ, ଗୋବିନ୍ଦ ଜାଲ ଆଦି ସମର୍ଥନ ଦେଇଥିଲେ ।

# ଜୀବନ ବଞ୍ଚାଇଲେ ଯୁବ କୁଳୁତା ସମାଜ ସଦସ୍ୟ



**ବଲାଙ୍ଗୀର(ଅମୃତ ମିଡିଆ) :** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ପିପିଲି ଗ୍ରାମର ରୁକ୍ମଣି ଗଡତ୍ୟା ବଲାଙ୍ଗିର ର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ସର୍ଜରୀ ପାଇଁ ଡାକ୍ତର ତାଙ୍କ ରକ୍ତ ଯୋଗାଡ କରିବା ପାଇଁ ପରାମର୍ଶ ଦେଇଥିଲେ । ତାଙ୍କ ପୁତ୍ର ଧିରେନ ଗଡତ୍ୟା ରକ୍ତ ପାଇଁ ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜକୁ ସହଯୋଗ ମାଗିଥିଲେ । ଖବର ପାଇବା ମାତ୍ରେ ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜ ସଭାପତି ତଥା ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଦେଓଗାଁ ବ୍ଲକ ସହ-ସଂପାଦକ ରମେଶ ନାଏକ ୨୭ କିମି ଦୂରରୁ ଆସି ଭୀମଭୋଇ ମେଡିକାଲ ହସ୍‌ପିଟାଲ ରେ ରକ୍ତ ଦାନ କରିଥିଲେ । ରକ୍ତଦାନ ସମୟରେ ଝୁନୁ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଯୁବ ସଂଗଠନର ଏଭଳି ସେବା ମୂଳକ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ



**ବଲାଙ୍ଗୀର(ଅମୃତ ମିଡିଆ) :** ଜଗନ୍ନାଥ ଡିଗ୍ରୀ କଲେଜରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ପରିଚାଳନା କମିଟିର ସଦସ୍ୟ ଚିତ୍ରସେନ ବଗର୍ତ୍ତୀ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟିତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଜଗନ୍ନାଥ ଭଜନ, କବିତା ପଠନ, ପ୍ରବନ୍ଧ ଲିଖନ, ବକୃତା ପ୍ରତିଯୋଗିତା ଅନୁଷ୍ଠି ହୋଇଥିଲା । ଅଧକ୍ଷ ଗୋବିନ୍ଦ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ଅଧ୍ୟାପକ ଶାନ୍ତନୁ କୁମାର ପାତ୍ର, ହିମାଂଶୁ ଶେଖର ବାରିକ, ପ୍ରମୋଦ ବରାଡ, ବାସୁଦେବ ମଲ୍ଲିକ, ଜ୍ୟୋତିର୍ମୟ ତ୍ରିପାଠୀ, ମାନିନୀ ଭୋଇ, ନିକିତା ଥପା, ନିବେଦିତା ପଧାନ ଓ କଲେଜର ଅନ୍ୟାନ୍ୟ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ ।

# ଏମପିସି ଅଟୋ କଲେଜରେ ବିଶ୍ୱ ଯୁବଦିବସ ପାଳିତ

**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହା ବିଦ୍ୟାଳୟରେ ବିଶ୍ୱ ଯୁବଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କ ପୌରହିତ୍ୟରେ ତଥା ଯୁବ ରେଡ଼କ୍ରସର ସଂଯୋଜକ ରାଇମଣି ମାର୍ଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡଃ ଅନାମ ଚରଣ ରାଉଳ, ବାଣିଜ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରେଫସର ଡ଼ଃ ଆଶୁତୋଷ ପ୍ରୟାସ ଦାଶ, ଯୁବ ରେଡକ୍ରସର କାଉନସେଲର ଆଲେକ୍ସ ହେମ୍ବ୍ରମ, ଡଃ ହର ପ୍ରସାଦ ମହାପାତ୍ର, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡଃ ପ୍ରିୟବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇ ମାନବ ଜୀବନରେ ସେବାର ମହତ୍ତ୍ୱ ଉପରେ ବିସ୍ତୃତ ଭାବେ ଅାଲୋଚନା କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ସେବାରେ ନିଜକୁ ସମର୍ପିତ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀଙ୍କର ଯୁବ ଦିବସର ବିଶେଷ ଭାଷଣକୁ ପ୍ରୋଜେକ୍ଟର ମାଧ୍ୟମେର ପ୍ରଦର୍ଶିତ କରାଯାଇଥିଲା । ଶେଷରେ ଯୁବ ରେଡ଼କ୍ରସ କାଉନସିଲର ଡଃ ହର ପ୍ରସାଦ ମହାପାତ୍ର ଧନ୍ୟବାଦ ଅପର୍ଣ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ହେର୍ଣାପଡ଼ାବାସୀ



**ଜୁନାଗଡ଼(ଅମୃତ ମିଡିଆ) :** ଭାରତ ବର୍ଷରେ ଇତି ମଧ୍ୟରେ ଅନେକ ସାଧାରଣ ନିର୍ବାଚନ ସରିଛି । ଆଗକୁ ସାଧାରଣ ନିର୍ବାଚନ ଆସନ୍ନ ଇତି ମଧ୍ୟରେ ସ୍ୱାଧୀନତାର ସାତଦଶନ୍ଧି ବିତି ଯାଇଛି। ରାମ ଏବଂ ଜଗନ୍ନାଥ ଙ୍କ ଧାର୍ମିକ ତଥ୍ୟକୁ, ଅବହେଳିତ ବିକାଶ ରେ ଜର୍ଜରିତ ଲୋକେ ସଠିକ ନିରୂପଣ କରି ପାରୁନାହାନ୍ତି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ତାରାପୁର ପଞ୍ଚାୟତ ହର୍ଣାପଡ଼ା ମୁଖ୍ୟ ରାସ୍ତାରୁ ଏକ କିମି ଦୂରରେ ଥିବା ଏହି ପଡ଼ାର ମୌଳିକ ସମସ୍ୟା ବିକାଶର ସ୍ୱର୍ଶକୁ ଅନେଇ ବସିଛି । ପଡ଼ାରେ ଥିବା ବିଦ୍ୟାଳୟରେ ବିପଦ ସଙ୍କୁଳ ଶ୍ରେଣୀ କୋଠରୀ, ଅବ୍ୟବହୃତ ସୌଚାଳୟ ଶିକ୍ଷକଙ୍କ ଉପସ୍ଥାନ ଅନିୟମିତତା, ମଧ୍ୟାହ୍ନ ଭୋଜନରେ ସଠିକ୍ ପରିଚାଳନାର ଅଭାବ ଆଦି ଶିକ୍ଷାଗତ ସମସ୍ୟା ରହିଛି। ଗାଁ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଗାଁରୁ କାଲୋପଲା ସଂଯୋଗ କରୁଥିବା ରାସ୍ତା ମଧ୍ୟ ତଦ୍ରୂପ। ପଡ଼ାରେ ଥିବା ସୋଲାର ଜଳ ଯୋଗାଣ ଅଚଳ ହୋଇ ପଡିଥିବା ବେଳେ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସ୍ୱାସ୍ଥ୍ୟ ସେବା ପାଖରେ ଉପଲବ୍ଧ ନ ଥିବାରୁ ସେମାନଙ୍କୁ ସ୍ୱାତ୍ୟ ସେବା ପାଇଁ ଚାରବାହାଲ କିମ୍ବା ଧର୍ମଗଡ ଉପରେ ନିର୍ଭର କରିବାକୁ ପଡୁଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପ୍ରଧାନ ମନ୍ତ୍ରୀ ଅୱାସ ଓ ବିଜୁ ପକ୍କାଘର ଯୋଜନା କଥା କହିଲେ ନ ସରେ, ଅନେକ ଗରୀବ ନିରିହ ଲୋକ ଅଦ୍ୟବଧି ମଧ୍ୟ ବଞ୍ଚିତ ଅଛନ୍ତି, ଉପରୋକ୍ତ ସମସ୍ୟା ସହ ବିଦୁତ୍, ରାସନ କାର୍ଡ, ସ୍ୱାସ୍ଥ୍ୟ ବୀମା କାର୍ଡ ଆଦି ବହୁ ବିଦ ସମସ୍ୟା ସମାଧାନ କୁ ଅପେକ୍ଷା କରିଛି । ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଲୋକଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ନିଜ ସମସ୍ୟା ପ୍ରତି ଯତ୍ନ ବାନ ହେଉଥିବା ସଂପୃକ୍ତ ପଞ୍ଚାୟତରେ ଏକ ଚର୍ଚ୍ଚିତ ପ୍ରସଙ୍ଗ। ସମ୍ପୃକ୍ତ ପଞ୍ଚାୟତର ମନରେଗା ଯୋଜନାର କାର୍ଯ୍ୟ ଗୁଡ଼ିକ ଉପରେ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଅନିୟମିତତାର ତଥ୍ୟ ପଦାକୁ ଆସିବ ବୋଲି ଲୋକେ କୁହା କୁହି ହେଉଛନ୍ତି ।ଗ୍ରାମ ବାସୀଙ୍କ ମୌଳିକ ସମସ୍ୟା ବିଷୟରେ ପ୍ରଶାସନ ଯତ୍ନବାନ ହେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡୁମାଲୁଣୀ ମନ୍ଦିରରେ ଦିନକପରେ ସାଧୁମେଳା



**ଦଶପଲ୍ଲା(ଅମୃତ ମିଡିଆ) :** ଦଶପଲ୍ଲାର ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସର ୭ ନଂୱାର୍ଡ ବାରପୁରିକିଆ ଗ୍ରାମର ଗ୍ରାମଦେବତୀ ମା ଡୁମାଣୁଣୀ ମନ୍ଦିରରେ ଆସନ୍ତା କାଲିଠାରୁ ତିନି ଧରି ତା ୧୪।୦୧।୨୪ ରିଖରେ କଳସ ଯାତ୍ରା, ତା୧୫।୦୧।୨୪ ରିଖ ଶ୍ରୀଶ୍ରୀ ଅଚିହ୍ନା ପରମହଂସ ଦେବଙ୍କ ବିଶ୍ୱଶାନ୍ତି ଅଷ୍ଟପ୍ରହରୀ ଭାଗବତ ନାମଯଜ୍ଞ ଓ ସାଧୁମେଳା ହେବାପାଇଁ ଗ୍ରାମବାସୀ ଧୁମ୍ ଧାମ୍ ରେ ଆଜିଠାରୁ ସଜବାଜ ଆରମ୍ଭକରି ଦେଲେଣି। ଓଡିଶାର ବିଭିନ୍ନ ଜିଲ୍ଲାର ବହୁ ଅବଧୁତ ସାଧୁ ଯୋଗଦେବାର ଗ୍ରାମବାସୀଙ୍କ ଠାରୁ ପ୍ରକାଶ।

# ବ୍ଲକସ୍ତରୀୟ ଲୋକକଳା ସଙ୍ଘର ଏକଦିବସୀୟ କର୍ମଶାଳା

**ଖୋର୍ଦ୍ଧା(ଅମୃତ ମିଡିଆ) :** ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ବ୍ଲକ ଲୋକ କଳା ସଂସ୍କୃତି ସଙ୍ଘ ପକ୍ଷରୁ ସଂସାଧନ ସଭ୍ୟ ଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିର ରେ ଖୋର୍ଦ୍ଧା ବ୍ଲକର ୫୨ ଟି ଲୋକ କଳା ଦଳର ପ୍ରମୁଖ କଳାକାର ଅଂଶଗ୍ରହଣ କରିଥିବା ବେଳେ ସୂଚନା, ଶିକ୍ଷା,ଓ ଯୋଗାଯୋଗ ଉପକ୍ରମରେ ଲୋକ କଳାର ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା ।ଏହି ଅବସରେ ବ୍ଲକ ରେ ଥିବା ସବୁ କଳାକାର ଙ୍କ ସୁବିଧା ଅସୁବିଧା ଓ ସରକାରଙ୍କ ଦ୍ୱାରା କାର୍ଯ୍ୟକାରିତା ହେଉଥିବା ବିଭିନ୍ନ ଯୋଜନା କୁ କିଭଳି ଲୋକ କଳା ମାଧ୍ୟମ ରେ ପ୍ରଚାରିତ କରାଯିବ ତାହା ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା ।ଏହି ଶିବିର ରେ ଖୋର୍ଦ୍ଧା ବ୍ଲକ ତଥା ଖୋର୍ଦ୍ଧା ଜିଲ୍ଲା ଲୋକ କଳା ସଂସ୍କୃତି ସଙ୍ଘ ର ଉପସଭାପତି କବିରାଜ ପ୍ରଧାନ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋଷ୍ଣାମୟୀ ଆଚାର୍ଯ୍ୟ,ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଖୋର୍ଦ୍ଧା ବ୍ଲକ କଳା ସଙ୍ଘ ର ସମ୍ପାଦକ ତଥା ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ,ପ୍ରମୁଖ ଯୋଗ ଦେଇ ନିଜ ନିଜର ବହୁ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ।

# କେ. ସି. ହାଇସ୍କୁଲ ରେ ଜାତୀୟ ଯୁବ ଦିବସ ପାଳନ




**ବାରିପଦା(ଅମୃତ ମିଡିଆ) :** ମହିଷାଶୋଳ ପଞ୍ଚାୟତ ଅଧିନ ହେମପୁର ସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ପରିସରରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ଅଧ୍ୟକ୍ଷତା ରେ ' ଜାତୀୟ ଯୁବ ଦିବସ' ପାଳିତ ହୋଇଯାଇଛି କ୍ଷ ଶିକ୍ଷକ ତୁଷାର କାନ୍ତ ପାତ୍ର ଦିବସ ର ତାତ୍ପର୍ଯ୍ୟ ସମ୍ପର୍କ ରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ, ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ର ବହୁ ଘଟଣା ତଥା ଚିକାଗୋ ବିଶ୍ୱ ଧର୍ମ ସମ୍ମିଳନୀ ରେ ତାଙ୍କ ବକ୍ତବ୍ୟ ସମ୍ପର୍କ ରେ ଆଲୋଚନା କରିଥିଲେ । ଯୁବ ଶକ୍ତିର ବିକାଶ ପାଇଁ ଉଦ୍ଦିଷ୍ଟ ଚଳିତ ବର୍ଷ ର ପ୍ରସଙ୍ଗ ' ସଂକଳ୍ପ ରୁ ସିଦ୍ଧି ' ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ଏହି ଦିବସ ଉପଲକ୍ଷେ ଆୟୋଜିତ କୁଇଜ୍, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟତ୍ରୀ ରାଜନନ୍ଦିନୀ ପାତ୍ର, ସବିତା ବାରିକ, ଶରତ ବେହେରା ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜାତୀୟ ଯୁବ ଦିବସ



**ନୂଆପଡ଼ା(ଅମୃତ ମିଡିଆ) :** ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନୂଆପଡ଼ା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଶ୍ରୀ ସାଇ ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି ।ନେହେରୁ ଯୁବ କେନ୍ଦ୍ର ଏମ ଟି ଏସ ମୁକେଶ ପାଣ୍ଡେ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଯୋଗ ଦେଇ ଯୁବ ଗୋଷ୍ଠୀଙ୍କୁ ନେଇ ନୂଆ ଭାରତ ପରିକଳ୍ପନା ସମ୍ଭବ ହୋଇ ଥିବା ବେଳେ ଯୁବଗୋଷ୍ଠୀଙ୍କ ଉନ୍ନତି ବିକଶିତ ଭାରତ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ଘନଶ୍ୟାମ୍ ଭୋଇ, ସିମାଞ୍ଚଳ୍ ମହାପାତ୍ର ଏବଂ କୁଲିଆବନ୍ଧା ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡ଼ା ଭୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ଶ୍ରୀ ସାଇ ମହାବିଦ୍ୟାଳୟ ଅଧକ୍ଷ ଡ. ଅଶୋକ କୁମାର ପଟ୍ଟନୟକ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ବିଦ୍ୟୁତ୍ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ। ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛସେବୀ ଭାରତ ଭୋଇ, ଭଞ୍ଜ କିଶୋର ନାଏକ, ଅଞ୍ଜଳି ଶବର, ପୁସ୍ତମ ଶବର୍, ସଂଗ୍ରାମ ସିଂ, କବିତା ଶବର ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ପାଦକୀୟ...

# ଅସ୍ୱଷ୍ଟ ଅସନ୍ତୋଷ

ଆଉମାତ୍ର କିଛିଦିନର ଅପେକ୍ଷା । ଯାହ ପାଇଁ ଆମକୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିଲ। ସମ୍ଭବତଃ ଦୀର୍ଘ ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟି ଏଇ ନିକଟରେ ପ୍ରତିଷ୍ଠା ହେବାକୁ ଯାଉଛି ରାମ ମନ୍ଦିର। ଯାହା ଭାରତୀୟ ଉତ୍ତର ପ୍ରଦେଶରେ ପ୍ରତିଷ୍ଠା ହେବାକୁ ଯାଉଛି । ଉତ୍ତର ପ୍ରଦେଶରେ ଅଯୋଧ୍ୟା ହେଉଛି ସେହି ସହର ଯାହା ଏବେ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଯାଉଛି, ଯାହା ଏବେ ସମ୍ପୂର୍ଣ ରୂପେ ସଜେଇ ହୋଇ ଚାଲିଛି। ଆଉ ମାତ୍ର କିଛି ଦିନର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ଯାହା ପରେ ଅଯୋଧ୍ୟାର ରାମ ମନ୍ଦିର କାମ ସମ୍ପୁର୍ଣ୍ଣ ହେବାକୁ ଯାଉଛି ହେଲେ ଅବଶୋଷର ବିଷୟ ହେଉଛି ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଯେଉଁ ସବୁ ଅତିଥିମାନଙ୍କୁ ନିମନ୍ତ୍ରଣ ଦିଆଯାଇଛି ଅବା ଯେଉଁମାନଙ୍କୁ ନିମନ୍ତ୍ରଣ ଦିଆଯାଇନି, ସେ ସବୁକୁ ନେଇ ଆରମ୍ଭ ହୋଇ ଯାଇଛି ରାଜନୀତି ଯାହା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଯଦି ସେଭଳି ଧାରା ଜାରି ରହେ, ତେବେ ଆଗାମୀ ଦିନରେ ଅଯୋଧ୍ୟାରେ ଏକ ଅଶାନ୍ତମୟ ପରିବେଶ ସୃଷ୍ଟି ହେବ। ଯାହା ପୁରୁଷୋତ୍ତମ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ହୁଏତ୍ ଫିକା କରିଦେଇପାରେ ! ତେବେ ସେଭଳି ସମ୍ଭାବନା ହୁଏତ୍ କମ୍। କାରଣ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସମସ୍ତେ ଯେ ଆସିବେ, ସେମିତି କିଛି ମାନେ ନାହିଁ । ଅଯୋଧ୍ୟାରେ ନିର୍ମିତ ରାମ ମନ୍ଦିର ଯାହା ଅତି ଭବ୍ୟ, ଯାହା ଅତି ସୁନ୍ଦର , ଯାହା କେବଳ ଅତି ଅତିରେ ଚାଲିଛି। ଏଭଳି ଏକ ଅତିମୟ ପରିବେଶକୁ ଆହୁରି ଅତିମୟ କରିବ ସେଦିନର ସେହି ଅତି ଅତିଥି ଯେଉଁମାନେ ଶ୍ରୀମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ସେଦିନର ସେହି ଅତି ଉତ୍ସବକୁ ଆହୁରି ଅତିମୟ କରିଦେବାର ସମ୍ଭାବନା ରହିଛି। ସାରା ଦେଶରୁ ଅତି କମ୍‌ରେ ୩୦୦୦ ଅତିଥି ସେହି କାର୍ଯ୍ୟକ୍ରମରେ ଯୋଗ ଦେବାର ସମ୍ଭାବନା ରହିଛି। ଅତି ବେଶିରେ ଆହୁରି କିଛି ଅତିଥି ମଧ୍ୟ ସେହି କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ଏଭଳି ଏକ ଅତିମୟ ପରିବେଶ ଯାହା ଭାରତୀୟ ଉତ୍ତର ପ୍ରଦେଶରେ ପ୍ରତିଷ୍ଠା ହେବାକୁ ଯାଉଛି । ଉତ୍ତର ପ୍ରଦେଶରେ ଅଯୋଧ୍ୟା ହେଉଛି ସେହି ସହର ଯାହା ଏବେ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଯାଉଛି, ଯାହା ଏବେ ସମ୍ପୂର୍ଣ ରୂପେ ସଜେଇ ହୋଇ ଚାଲିଛି ଯାହାକୁ ଆମେ ସେହି ପୂର୍ବ ଭାଷାରେ କହିଲେ ଆଉ ମାତ୍ର କିଛି ଦିନର ଅପେକ୍ଷାର ଅନ୍ତ ପରେ ଅଯୋଧ୍ୟା ସହର ଏକ ଅତିମୟ ସହରରେ ପରିଣତ ହେବାକୁ ଯାଉଛି। ଭାରତୀୟ ଜନତାଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଅନ୍ତର ଅର୍ଥ ପରିସମାପ୍ତି ଅର୍ଥାତ୍ ଅଯୋଧ୍ୟାର ରାମ ମନ୍ଦିର କାମ ସମ୍ପୁର୍ଣ୍ଣ ହେବାକୁ ଯାଉଛି ହେଲେ ଅବଶୋଷର ବିଷୟ କି ଅଯୋଧ୍ୟାରେ ବହୁ ପ୍ରତିକ୍ଷୀତ ସେହି ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଯେଉଁ ସବୁ ଅତିଥିମାନଙ୍କୁ ନିମନ୍ତ୍ରଣ ଦିଆଯାଇଛି ଅବା ଯେଉଁମାନଙ୍କୁ ନିମନ୍ତ୍ରଣ ଦିଆଯାଇନି, ସେ ସବୁକୁ ନେଇ ଆରମ୍ଭ ହୋଇ ଯାଇଛି ଏବେ ରାଜନୀତି ଯାହା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଯଦି ସେଭଳି ଧାରା ଜାରି ରହେ, ତେବେ ଆଗାମୀ ଦିନରେ ଏକ ଅଶାନ୍ତମୟ ପରିବେଶ ସୃଷ୍ଟି ହେବ ସେହି ଅଯୋଧ୍ୟାରେ ଯାହା କିନ୍ତୁ ଶାନ୍ତ କରିବାର ଲକ୍ଷ୍ୟ ରଖିଥିଲା ସେହି ଅଯୋଧ୍ୟାବାସୀଙ୍କୁ ଯେଉଁମାନେ ଦୀର୍ଘ ବର୍ଷରୁ ମନ୍ଦିର ପ୍ରତିଷ୍ଠାର ଆଶା ନେଇ ଚାହିଁ ବସିଥିଲେ, ଯାହା ବିଳମ୍ବରେ ହେଲେ ବି ପୂରଣ ହେବାକୁ ଯାଉଛି । ଏବେ ସେହିଭଳି ଏକ ସୁନ୍ଦର ପରିବେଶକୁ ଆହୁରି ସୁନ୍ଦର କରିବାର ପ୍ରୟାସ ଜାରି ରହିଛି ମାତ୍ର କିଛି ସୀମିତ ସମୟ ମଧ୍ୟରେ ଆଉ ମାତ୍ର କିଛି ଦିନର ଅପେକ୍ଷା ସେଦିନର ସେହି ଅତି ଅତିଥି ଯେଉଁମାନେ ଶ୍ରୀମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ସେଦିନର ସେହି ଅତି ଉତ୍ସବକୁ ଆହୁରି ଅତିମୟ କରିଦେବାର ସମ୍ଭାବନା ରହିଛି। ସାରା ଦେଶରୁ ଅତି କମ୍‌ରେ ତିନି ହଜାର ଅତିଥି ସେହି କାର୍ଯ୍ୟକ୍ରମରେ ଯୋଗ ଦେବାର ସମ୍ଭାବନା ରହିଛି। ଅତି ବେଶିରେ ଆଉ କିଛି ଅତିଥି ମଧ୍ୟ ସେହି କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ସେଭଳି ଏକ ଅତିମୟ ପରିବେଶ ଯାହାର ଝଲକ୍ ଉତ୍ତର ପ୍ରଦେଶରେ ଦେଖିବାକୁ ମିଳିବ ଆଉ ମାତ୍ର ଦିନ କେଇଟା ଅପେକ୍ଷାର ଅନ୍ତ ପରେ। ତେବେ ଅବଶୋଷର୍ ବିଷୟ ହେଉଛି ଉତ୍ତର ପ୍ରଦେଶରେ ନିର୍ମି ତ ସେହି ଭବ୍ୟ ରାମ ମନ୍ଦିରରେ ଅତିଥି ଭାବରେ ଯେଉଁ ମାନେ ନିମନ୍ତ୍ରିତ୍ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ରହିଛନ୍ତି, ହେଲେ ପରିତାପର ବିଷୟ ହେଉଛି ସେହ ଅତିଥି ମାନଙ୍କ ମଧ୍ୟରେ କିନ୍ତୁ ନାହାଁନ୍ତି ଭାରତର ଚାରି ଧାମର ଚାରି ଶଙ୍କରାଚାର୍ଯ୍ୟ । ନିମନ୍ତ୍ରଣ ପାଇ ବି ସେମାନେ ବାଇସି ତାରିଖର ସେହି ଆୟୋଜନରେ ସାମିଲ୍ ହୋଇନାହାଁନ୍ତି। କାରଣ ଏବେ ବି ଅସ୍ୱଷ୍ଟ । ତେବେ ଅଯୋଧ୍ୟା ସହର ଯାହା ଏବେ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଯାଉଛି, ଯାହା ଏବେ ସମ୍ପୂର୍ଣ ରୂପେ ଜେଇ ହୋଇ ଚାଲିଛି ଯାହାକୁ ଆମେ ସେହି ପୂର୍ବ ଭାଷାରେ କହିଲେ ଆଉ ମାତ୍ର କିଛି ଦିନର ଅପେକ୍ଷାର ଅନ୍ତ ପରେ ଅଯୋଧ୍ୟା ସହର ଏକ ଅତିମୟ ସହରରେ ପରିଣତ ହେବାକୁ ଯାଉଛି। ସେଭଳି ଅତିମୟ ପରିବେଶରେ କିନ୍ତୁ ସାମିଲ୍ ହୋଇନାହାଁନ୍ତି ଦେଶର କେତେକ ଅତିମୟ ଅତିଥି କାରଣ...।

## ଜ୍ଞାନାମୃତ

# ମୂଳକଥା

ନିଜ ଜୀବନରେ ଲଗାତର ଲାଗିରହିଥିବା କିଛି ସମସ୍ୟାକୁ ନେଇ ଚିନ୍ତିତ ଥିଲେ ଜଣେ ଯୁବକ । ତାଙ୍କର ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଲା ହେଲେ କମ୍ ହେଲାନାହିଁ। ବିଭିନ୍ନ କାରଣରୁ ଯୁବକ ଜଣଙ୍କ ଚିନ୍ତିତ ହୋଇପଡୁଥିଲେ। ସେ ତା'ର ସମାଧାନ ନେଇ ଅନେକ ସମୟରେ ଅନେକ ସାଧୁସନ୍ଥଙ୍କୁ ସାକ୍ଷାତ କରୁଥିଲେ। ହେଲେ କିଛି ବି ସୁଫଳ ମିଳୁନଥିଲା। ଥରେ ସେହି ଅଞ୍ଚଳକୁ ଜଣେ ସାଧୁବାବା ଆସିଲେ। ସାଧୁବାବାଙ୍କୁ ଦେଖୁ ଦେଖୁ ଯୁବକଜଣଙ୍କ ବେଶ୍ ଖୁସି ହୋଇଗଲେ। ମୁଣ୍ଡିଆ ମାରି ତାଙ୍କୁ ପ୍ରଣିପାତ ଜଣାଇଲେ। ସାଧୁବାବାଙ୍କ ସହିତ କଥା ହେଉ ହେଉ ହଠାତ୍ କାନ୍ଦି ପକାଇଲେ। କାନ୍ଦିବାର କାରଣ ପଚାରିବାରୁ ସେ ଯାହା କହିଲେ ସାଧୁବାବା ସେଥିରେ ତିଳେମାତ୍ର ବିଚଳିତ ନ ହୋଇ ତାଙ୍କୁ ସାଥିରେ ନେଇ ଚାଲିଲେ ଅନ୍ୟ ଏକ ସୁନ୍ଦର ସ୍ଥାନକୁ ଯେଉଁଠାରେ ରହୁଥିଲେ ଜଣେ ପ୍ରାପ୍ତବୟସ୍କ ଶିକ୍ଷକ। ଗାଁ'ର ଶେଷମୁଣ୍ଡରେଏକ ନିକାଞ୍ଚନ ସ୍ଥାନରେ ରହୁଥିଲେ ଶିକ୍ଷକ। ସାଧୁବାବା ଶିକ୍ଷକଙ୍କୁ ଦେଖିଲା ମାତ୍ରେ ତାଙ୍କ ପାଦତଳେ ପଡ଼ି ପ୍ରଣାମ ଜଣାଇଲେ। ଏହାଦେଖି ତରୁଣ ଜଣଙ୍କ ଆଚମ୍ୱିତ ହୋଇଗଲେ ଏବଂ ଜଣେ ସାଧାରଣ ଶିକ୍ଷକଙ୍କୁ ବାବା ପ୍ରଣାମ ଜଣାଇବାର କାରଣ ବିଷୟରେ ପଚାରିଲେ। ସାଧୁବାବା ଯୁବକ ଜଣଙ୍କୁ ଯାହା କହିଲେ , ତା'ର ସାରମର୍ମ ଏହିପରି; କୌଣସି ଘର ଅବା ମନ୍ଦିର ଦର୍ଶନ ପରେ ଆମେ ତା'ର ସୌନ୍ଦର୍ଯ୍ୟକୁ ପ୍ରଶଂସା କରୁ ହେଲେ ସେହିଘର ଅବା ମନ୍ଦିରର ମୂଳଦୁଆ ବିଷୟରେ ଜାଣିବା ପାଇଁ କେହି କିଛି ଆଗ୍ରହ ନିଅନ୍ତି ନାହିଁ ଯାହା ହେଉଛି ଦୁଃଖର ବିଷୟ ଯେଉଁ ଦୁଃଖ ଏବେ ସେହି ଯୁବକଙ୍କ ପାଖରେ ରହିଛି ଏବଂ ଯାହାକୁ ନେଇ ସେ ଚିନ୍ତିତ। ଏଣୁ ପ୍ରତି କାର୍ଯ୍ୟରେ ଆମେ ମୂଳଦୁଆକୁ ଲକ୍ଷ୍ୟ କରିବା,ତାକୁ ଜାଣିବା ବହୁତ ଜରୁରୀ।ଏଣୁ ସବୁବେଳେ ମୂଳକଥା ଜାଣିବା ଉଚିତ। କାରଣ ମୂଳକଥାକୁ ଜାଣିବା ଜରୁରୀ, ଯେହେତୁ ମୂଳକଥାରେ ନିହିତ ରହିଥାଏ ବ୍ୟକ୍ତିର ମୂଳଦୁଆ, ବ୍ୟକ୍ତିର ବ୍ୟକ୍ତିତ୍ୱ ଏବଂ ସେହି ମୂଳକଥାରେ ହିଁ ନିହିତ ରହିଥାଏ ଅନେକ କିଛି ଯାହା କୌଣସି ବି ବ୍ୟକ୍ତିର ଜୀବନରେ ପ୍ରାୟତଃ ପ୍ରତିଫଳିତ ହୋଇଥାଏ । ଏଣୁ ମୂଳକଥାକୁ କେବେ ବି ଭୁଲିବା ଉଚିତ୍ ନୁହେଁ। ସବୁବେଳେ ମନେ ରଖିବା ଉଚିତ୍। କାରଣ ମୂଳକଥାରେ ଚିନ୍ତାର ନିରାକରଣ ସମ୍ଭବ ହୋଇଥାଏ। ଚିନ୍ତାର ନିବାରଣ ସମ୍ଭବ ହୋଇଥାଏ। ଏଠାରେ ମୂଳକଥାର ଅର୍ଥ ହେଉଛି ମୂଳ କାରଣ ଯାହାକୁ ଖୋଜି ପାଇଲା ପରେ ଆପେ ଆପେ ସମାଧାନ ହୋଇଯାଏ ଅନେକ ସମସ୍ୟାର।

# "ମକର ସଂକ୍ରାନ୍ତି"

**କାଳି ଦାସ**

ମକର ସଙ୍କ୍ରାନ୍ତି ପ୍ରାୟ ପ୍ରତିବର୍ଷ ଜାନୁୟାରୀ ୧୪ବା ୧୫ତାରିଖି ରେ ପଡିଥାଏ ।ଭାରତର ପ୍ରତିଟି ପ୍ରଦେଶ ରେ ଲୋକ ମାନେ ଭିର୍ନ୍ନ ଭିର୍ନ୍ନ ଭାବରେ ମକର ସଂକ୍ରାନ୍ତି ପାଳନ କରିଥାନ୍ତି ।ରାଶି,ଗୁଡ ଓ ଚାଉଳର ଉତ୍ପାଦନ ଏହି ସମୟ ରେ ହୋଇଥାଏ ।ଲୋକମାନେ ଏଥିରେ ଭିର୍ନ୍ନ ଭିର୍ନ୍ନ ପ୍ରକାର ମିଠାଇ ତିଆରି କରିଥାନ୍ତି ।ପରସ୍ପର କୁ ଖୁଆଇ ଥାନ୍ତି ।ଧରିତ୍ରୀର ଜୀବ ଜଗତଙ୍କୁ ଦେଉଥିବା ଅପୂର୍ବ ଦାନ ପାଇଁ ଧରିତ୍ରୀ ମା କୁ ସମ୍ମାନ ଦେବାର ସମୟ ହେଉଛି ମକର ସଂକ୍ରାନ୍ତି। ଭଗବତ ଗୀତା ରେ ଅଛି "ଅନ୍ନାଦ ଭବନ୍ତି ଭୂତାନି ପର୍ଜନ୍ୟାଦ ଅନ୍ନ ସମ୍ଭବ ........ଯଜ୍ଞାଦଭବତି ପର୍ଜନ୍ୟା ଯଜ୍ଞ କର୍ମସମୁଦ ଭବ"ଏହାର ଅର୍ଥ ହେଲା ଅନ୍ନରୁ ପ୍ରାଣୀ ଜଗତର ଉତ୍ପତି ହୋଇଛି,ଅନ୍ନର ଉତ୍ପତି ବର୍ଷା ରୁ ହୋଇଥାଏ ଏବଂବର୍ଷା ଯଜ୍ଞ କର୍ମ ରୁ ହୋଇଥାଏ। ସେଥିପାଇଁ ସବୁଠାରୁ ମୂଳରେ ରହିଛି ଯଜ୍ଞ କର୍ମ। ସୂର୍ଯ୍ୟ ସକଳ ଶକ୍ତିର ଆଧାର ତେଣୁ ସୂର୍ଯ୍ୟଙ୍କ ଗତି କୁ ନେଇ ପାଳନ କରାଯାଏ ମକର ସଂକ୍ରାନ୍ତି ।ମକର ସଙ୍କ୍ରାନ୍ତି କୁ ଭିର୍ନ୍ନ ଭିର୍ନ୍ନ ସ୍ଥାନ ରେ ଭିର୍ନ୍ନ ଭିର୍ନ୍ନ ନାମ ରେ ଜଣାଯାଏ ।ଯେମିତିକି ମାଘ ସଂକ୍ରାନ୍ତି,ତିଳ ସଂକ୍ରାନ୍ତି,ମେଷ ସଂକ୍ରାନ୍ତି ଇତ୍ୟାଦି ।ସୂର୍ଯ୍ୟ ଏହି ସମୟ ରେ ଉତ୍ତରାୟଣ ହୋଇଥାନ୍ତି ।ଏବଂ ମକର ରାଶି ରେ ପ୍ରବେଶ କରନ୍ତି ।ଭାରତୀୟଙ୍କ ପାଇଁ ଉତ୍ତରାୟଣ ଏକ ପବିତ୍ର ସମୟ। ଭାରତୀୟ ମାନଙ୍କର ବିଶ୍ୱାସ ଅଛି ଯେ ଗ୍ରହ, ନକ୍ଷେତ୍ର,ସୂର୍ଯ୍ୟ,ଓ ଚନ୍ଦ୍ରଙ୍କ ଗତି ମଣିଷର ଜୀବନ ଉପରେ ପ୍ରଭାବ ପାକଇଥାଏ ।ପ୍ରକୃତି ଉପରେ ମଧ୍ୟ ବେଶ ପ୍ରଭାବ ପକାଇଥାଏ। ଆମେ ଆମ ଦୈନନ୍ଦିନ ଜୀବନ ରେ ଦେଖୁ ଯେ ପ୍ରତ୍ୟେକ ବର୍ଷର ଫସଲର ଆମଦାନୀ କିମ୍ବା ଫଳ ଓ ପରିବାର ଉତ୍ପାଦନ ପ୍ରତ୍ୟେକ ବର୍ଷ ଠାରୁ ଆଲଗା ।କେଉଁ ବର୍ଷ ଭଲ ଆମ୍ବ ଫଳିଲା ତ କେଉଁ ବର୍ଷ ଭଲ ଟମାଟ। ପ୍ରତ୍ୟେକ ଫସଲର ଆମଦାନୀ ବା ଉତ୍ପାଦନ ଆମର ପ୍ରକୃତି ଓ ପରିବେଶ ଉପରେ ନିର୍ଭରଶୀଳ ତେଣୁ ଭାରତୀୟଙ୍କ ପାଇଁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତି ମହତ୍ୱପୂର୍ଣ୍ଣ। ମକର ସଂକ୍ରାନ୍ତିର ଆଗମନ ସହିତ ଶୀତ ଦିନ ସରିଯାଏ ।ମକର ସଂକ୍ରାନ୍ତି ଗରମ ଦିନର ସ୍ୱର୍ଶ ଧରି ଆସେ। ଅନେକତା ଭିତରେ ଏକତାର ଦେଶ ଭାରତ ତାର ପ୍ରତିଟି ପ୍ରଦେଶ ବା ରାଜ୍ୟ ପ୍ରତ୍ୟେକ ପର୍ବ କୁ ନିଜ ହିସାବରେ ପାଳନ କରିଥାନ୍ତି। ଭାରତ ଗୋଟିଏ କୃଷି ପ୍ରଧାନ ଦେଶ ତେଣୁ ପ୍ରାୟତଃ ଆମର ପର୍ବ ପର୍ବାଣି ଆମ କୃଷି ଓ ଉତ୍ପାଦନ କୁ ନେଇ ହୋଇଥାଏ। ମକର ସଂକ୍ରାନ୍ତି ସମୟ ରେ ରାଶି ଓ ବାଦାମ ମଧ୍ୟ ଆଦାୟ ହୋଇଥାଏ। ପଞ୍ଜାବ ରେ ଲୋକମାନେ ମକର ସଂକ୍ରାନ୍ତିର ପୂର୍ବ ରାତି ରେ ଲୋଡି ଜଳାଇ ଥାନ୍ତି ଏବଂ ସେଥିରେ ନୂଆ ଆଦାୟ ହୋଇଥିବା ବାଦାମ ଓ ରାଶି ରେ ତିଆରି ହୋଇଥିବା ମିଠା ପକାଇଥାନ୍ତି ।ମକର ସଂକ୍ରାନ୍ତି ରେ ସୂର୍ଯ୍ୟଙ୍କୁ,ବିଷ୍ଣୁଙ୍କୁ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଇଥାଏ ।ସୂର୍ଯ୍ୟ ସକଳ ଶକ୍ତିର ଆଧାର, ବିଷ୍ଣୁ ସୃଷ୍ଟିକର୍ତ୍ତା ଓ ଲକ୍ଷ୍ମୀ ସୁଖ,ସମୃଦ୍ଧିର ଦେବୀ ।ଏଇ ତିନି ଜଣଙ୍କର ଆଶୀର୍ବାଦ ମଣିଷ ଜୀବନ ରେ ପୂର୍ଣ୍ଣତା ଆଣିଦିଏ ।ମକର ସଂକ୍ରାନ୍ତି ରେ ଲୋକମାନେ ପବିତ୍ର ନଦୀର ଜଳ ଯେମିତି ଗଙ୍ଗା,ଯମୁନା, ଗୋଦାବରୀ, କାବେରୀ ବା ତ୍ରିବେଣୀ ରେ ଗାଧୋଇ ପବିତ୍ର ହୋଇ ଦେବ ଆରାଧନା କରିଥାନ୍ତି। ଦାନ ଧର୍ମ ରେ ହିନ୍ଦୁ ଧର୍ମର ବିଶ୍ୱାସ ରହିଛି ତେଣୁ ଏହିଦିନ ଲୋକମାନେ ଦାନ ମଧ୍ୟ କରିଥାନ୍ତି। ଦକ୍ଷିଣ ଭାରତ ରେ ମକର ସଂକ୍ରାନ୍ତି କୁ ପୋଙ୍ଗଲ କୁହାଯାଏ ।ଦକ୍ଷିଣ ଭାରତ ରେ ତିନି ଦିନ ଧରି ପୋଙ୍ଗଲ ପାଳନ କରାଯାଇଥାଏ ।ପ୍ରଥମ ଦିନ କୁ ଭୋଗୀ ପୋଙ୍ଗଲ କୁହାଯାଏ ।ରାତିରେ ଘର ବାହାର ରେ ନିଆଁ ଲଗାଯାଏ ଛୋଟ ପିଲାମାନେ ଛୋଟ ଛୋଟ ଢୋଲ ବା ଭୋଗୀ କାଟ୍ଟୁ କୁ ବଜାଇ ନିଆଁ ର ଚାରିପଟେ ବୁଲି ନାଚନ୍ତି ଏବଂ ଇନ୍ଦ୍ରଙ୍କୁ ପୂଜା କରାଯାଏ ।ଦ୍ୱିତୀୟ ଦିନ ସୂର୍ଯ୍ୟଙ୍କୁ ପୂଜା କରାଯାଏ ।ତେଣୁ ସୂର୍ଯ୍ୟ ପୋଙ୍ଗଲ କୁହାଯାଏ ।ନୂଆ ଚାଉଳର ଖିରି ଘରେ ଘରେ ତିଆରି ହୁଏ ଏବଂ ଦେବ ଦେବୀଙ୍କୁ ଅର୍ପଣ କରାଯାଇଥାଏ ।ଘରକୁ ସଫା ସୁତରା କରି ଘର ବାହାରେ ଚିତା ମୁରୁଜ ବା ରଙ୍ଗୋଲି ତିଆରି କରାଯାଏ ।ପୋଙ୍ଗଲ ରେ ଗାଈ କୁ ପୂଜା କରାଯାଏ। ପୋଙ୍ଗଲ ସମଗ୍ର ଦକ୍ଷିଣ ଭାରତରେ ପାଳନ କରାଯାଏ ।ଶ୍ରୀଲଙ୍କା ରେ ମଧ୍ୟ ଲୋକମାନେ ପୋଙ୍ଗଲ ପାଳନ କରିଥାନ୍ତି। ପୋଙ୍ଗଲ ଉପଲକ୍ଷେ ଭିର୍ନ୍ନ ଭିର୍ନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବନ୍ଧୁ ମିଳନ ଦେଖିବା କୁ ମିଳେ। ଗୁଜରାଟ ରେ ଲୋକ ମାନେ ମକର ସଂକ୍ରାନ୍ତି ରେ ଗୁଡି ଉଡାନ୍ତି ।ରଙ୍ଗ ବେରଙ୍ଗର ଗୁଡ଼ି ଦୋକାନ ବଜାରେ ବିକ୍ରି ହୁଏ ।ଏବଂ ଲୋକମାନେ ଗୁଡ଼ି ଉଡାଇ ଏହି ପର୍ବ କୁ ପାଳନ କରନ୍ତି। ଓଡିଶା ରେ ମକର ସଂକ୍ରାନ୍ତି ରେ ଘରେ ଘରେ ମକର ଚାଉଳ ତିଆରି କରାଯାଏ ଏବଂ ଠାକୁରଙ୍କୁ ଭୋଗ ଲଗାଇ ଲୋକେ ପ୍ରସାଦ ଗ୍ରହଣ କରନ୍ତି। ଓଡିଆଙ୍କ ଇଷ୍ଟ ଦେବତା ଜଗନ୍ନାଥ ମଧ୍ୟ ମକର ସଂକ୍ରାନ୍ତି ପାଳିଥାନ୍ତି। ଜଗନ୍ନାଥ ଙ୍କ ବଡ ଦେଉଳ ରେ ମକର ସଂକ୍ରାନ୍ତିର ନୀତି କାନ୍ତି ଆଲଗା ହୋଇଥାଏ। ନୂଆ ଚାଉଳ ରେ ଗୁଡ,ନଡିଆ କୋର,କଦଳୀ ଖୁଆ ଏବଂ ଅନ୍ୟାନ୍ୟ ଫଳ ପକାଇ ମକର ଚାଉଳ ତିଆରି କରାଯାଏ ଏବଂ ମକର ଚାଉଳ ଧରି ସେବାୟତ ମାନେ ସାତ ଥର ମନ୍ଦିର ବେଢା କୁ ପରିକ୍ରମାଣ କରିଥାନ୍ତି ସେତେବେଳେ ସେମାନେ ନିଜ ପାଟି କୁ କନା ରେ ବାନ୍ଧିଥାନ୍ତି ।ଫେଣା,ସାକର ଓ ପାନ ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଏ ।ମକର ସଂକ୍ରାନ୍ତି ରେ ୮୪ ପ୍ରକାର ଭୋଗ ଠାକୁରଙ୍କୁ ଲାଗି ହୋଇଥାଏ। ମକର ସଂକ୍ରାନ୍ତି ରେ ଜଗନ୍ନାଥ,ବଳଭଦ୍ର ଓ ଶୁଭଦ୍ରାଙ୍କୁ ମକର ଚୁଳ ଲଗାଯାଏ ଏବଂ ମକର ୮୪ ବେଶ ରେ ସଜାଯାଏ।

,ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ଫୋନ ନମ୍ବର -
୭୨୦୫୧୦୦୮୩୯

# କ'ଣ ପ୍ରକୃତରେ ଦେଶରେ ରାମରାଜ୍ୟ ପ୍ରତିଷ୍ଠା ହେବ ?

**ଗୋପାଳ ମହାପାତ୍ର**

ଦୁନିଆ ବଦଳୁଛି, ଦେଶ ବଦଳୁଛି, ଦୁନିଆ ଆଗକୁ ବଢିବାରେ ଲାଗିଛି ହେଲେ ଆମେ ପଛକୁ ଫେରିଆସୁଛେ । ଆମେ ରାମ ରାଜ୍ୟ ଆଡକୁ ମୁହାଁଇଛେ । ବିଜେପି ଏହି ପୁଣ୍ୟ କାର୍ଯ୍ୟ କରୁଛି । କଂଗ୍ରେସର ତ ଠିକ୍ ଠିକଣା ନାହିଁ । ଜାତୀୟ ଗଣ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି କେମିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡରେ ଅଙ୍କଗଣିତର ହିସାବରେ ବିଜେପିକୁ ଜିତାଇ ଆଗାମୀ ଲୋକସଭା ନିର୍ବାଚନରେ ହିନ୍ଦୀ ଭାଷାଭାଷୀରାଜ୍ୟରୁ ୨୫୦ କିମ୍ବା ତାଠାରୁ ଅଧିକ ଆସନରେ ପ୍ରାର୍ଥୀକୁ ଜିତାଇବା ପାଇଁ ଯୋଜନା କରିଛନ୍ତି । ଅନ୍ୟପକ୍ଷରେ କିନ୍ତୁ ମୋଦୀ ମ୍ୟାଜିକ୍ ପାଇଁ କେବଳ ଦେଶରେ ନୁହେଁ ତାଙ୍କ ଦଳର ଲୋକମାନଙ୍କ ମଧ୍ୟରେ ଭିନ୍ନ ଏକ ମାନସିକତା ସୃଷ୍ଟି ହେଉଛି । ମୋଦୀ ପୁରା ଦଳକୁ ତାଙ୍କ ଅନୁଶାସନରେ ନିୟନ୍ତ୍ରିତ କରୁଛନ୍ତି ଯେମିତି ଆଗାମୀ ଦିନରେ ଦଳର କେହି ନେତା କେଶୁଭାଇ କିମ୍ବା ଉମାଭାରତି ହେବା ପାଇଁ ଚିନ୍ତା ବି କରିବେନି। ରାଜନାଥଙ୍କ ଠାରୁ ଆରମ୍ଭ କରି ବସୁନ୍ଧରା ରାଜେଙ୍କ ଭଳି ନେତାଙ୍କୁ ଅଣଦେଖା କରି କଣଠେସା କରିବାରେ ମଧ୍ୟ ସମର୍ଥ ହୋଇଛନ୍ତି । ଶିବରାଜ ସିଂ ପାଟି ଚୁପ୍ କରି ରହିବାକୁ ବାଧ । ମୋଦୀ ଯାହା ମୁଣ୍ଡ ଉପରେ ହାତ ରଖି ଦେଉଛନ୍ତି ସିଏ ରାତାରାତି ମୁଖ୍ୟମନ୍ତ୍ରୀ ହୋଇଯାଉଛନ୍ତି ଓ ଯାହା ଉପରେ ତାଙ୍କର କୋପଦୃଷ୍ଟି ପଡୁଛି ତା ପାଦତଳୁ ମାଟି ଖସିଯାଉଛି । କିନ୍ତୁ ଦେଶ ରାମରାଜ୍ୟ ଆଡକୁ ମୁହାଁଇଛି । ଦେଶରେ ରାମରାଜ୍ୟ ପାଇଁ କିଛି ତ କଠୋର ହେବାକୁ ପଡିବ । ଏକ ସମୟରେ ଉତ୍ତରପ୍ରଦେଶ ଦେଶକୁ ଦିଗ୍ ?ଦର୍ଶନ ଦେଉଥିଲା ଓ ସେଇ ରାଜ୍ୟରୁ କେହି ଦେଶର ନେତୃତ୍ୱ ନେଉଥିଲେ । କିନ୍ତୁ ଏବେ ଦେଶକୁ ଗୁଜୁରାଟ ଦିଗଦର୍ଶନ ଦେଉଛି ଓ ଗୁଜୁରାଟ ଦେଶର ନେତୃତ୍ୱ ନେବା ଲୋକ ସ୍ଥିର କରୁଛି। ଏମିତି ଦେଖିବାକୁ ଗଲେ ଦେଶ ଗୁଜୁରାଟ ପାଖରେ ଋଣୀ। ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ବର୍ତ୍ତମାନର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା ମଧ୍ୟ ଗୁଜୁରାଟର । ଗୁଜୁରାଟ ହିଁ ସର୍ବ ପ୍ରଥମେ ରାମରାଜ୍ୟ କଥା ଉଠାଇଥିଲା। ଗୁଜୁରାଟରେ ଜନ୍ମିତ ଗାନ୍ଧୀ ରାମରାଜ୍ୟ କଥା କହିକହି ରାମଙ୍କ ପାଖକୁ ଚାଲିଗଲେ କିନ୍ତୁ ରାମରାଜ୍ୟ ଆସି ପାରିଲାନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ଏବଂ ସେ ଏବେ ଗାନ୍ଧୀଙ୍କ ରାମରଜ୍ୟର ସ୍ୱପ୍ନକୁ ସାକାର କରିବା ପାଇଁ ଅଣ୍ଟା ଭିଡିଛନ୍ତି । ଲୋକଙ୍କୁ ସ୍ୱପ୍ନ ଦେଖାଇବା ଏବଂ ସ୍ୱପ୍ନକୁ ସାକାର କରିବା ଦିଗରେ ଉଦ୍ୟମ କରୁଛନ୍ତି । ମୋଦୀ ଏବଂ ତାଙ୍କ ପାଖ ଲୋକମାନଙ୍କୁ ଆଗାମୀ ଲୋକସଭା ନିର୍ବାଚନରେ ହିନ୍ଦୀ ଭାଷାଭାଷିଅଞ୍ଚଳରୁ ୨୫୦ ଆସନ ଆଣିବାର ଯୋଜନା ସ୍ୱରୂପ ୩ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ ଚୟନ କରିବା ପାଇଁ ୯ ଦିନ ସମୟ ଲାଗିଗଲା । ବିଜେପି ତ କଂଗ୍ରେସ ନୁହେଁ ଯେ ଭବିଷ୍ୟତ ଚିନ୍ତା ନକରି ମନଇଚ୍ଛା କିଛି କରିଦେବ । ବିଚାର ବିମର୍ଶ ପାଇଁ ସମୟ ତ ଲାଗିବ । କଂଗ୍ରେସର ଦୁରଦୃଷ୍ଟି କେବଳ ସୋନିଆ ଗାନ୍ଧୀଙ୍କ ପାଖରେ ଥିଲା । ପରେ ବୋଧ ହୁଏ କିଛି ଲୋକ ସୋନିଆଙ୍କ ଭଳି ଦୂରଦ୍ରଷ୍ଟା ହୋଇପାରିଛନ୍ତି ଅନ୍ୟଥା ମୋଦୀ ମ୍ୟାଜିକ୍ ତ କଂଗ୍ରେସକୁ ସମୂଳେ ଧ୍ୱସ୍ତ ବା ମୂଳପୋଛ କରିଦେଇଥାନ୍ତା । ଜାତୀୟ ଗଣମାଧ୍ୟମ ଅନୁସାରେ ଜାତି ଜନଗଣନା ରାଜନୀତି କଂଗ୍ରେସର ବିପର୍ଯ୍ୟୟ ପାଇଁ ଦାୟୀ । ଏଥିପାଇଁ କଂଗ୍ରେସ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡରେ ହାରିଲା । ମୋଦୀ ମ୍ୟାଜିକର ପ୍ରଭାବରେ ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ ବିଜେପି ଜିତିବା ସହ ଏହାର ପ୍ରଭାବ ହରିଆଣା, ଉତ୍ତରପ୍ରଦେଶ,ବିହାର ଓ ଓଡିଶାରେ ପଡିବ ବୋଲି କୁହା ଯାଉଛି । କଂଗ୍ରେସ ନିଜର ସ୍ଥିତି ସୁଧାରିବାରେ ଅକ୍ଷମ ହୋଇଥିବା ବେଳେ ବିଜେପି ନିଜର ସ୍ଥିତିକୁ ମଜଭୁତ କରିପାରିଛି । ବିଜେପିର ସ୍ଥିତି ମଜଭୁତ ପାଇଁ ଅଟଳ ବିହାରୀ ଏବଂ ଲାଲକୃଷ୍ଣଆଡଭାନୀଙ୍କ ଉଦ୍ୟମ ଅପେକ୍ଷା ମୋଦୀ ଓ ଅମିତ ସାହାଙ୍କ ଉଦ୍ୟମ ଅଧିକ ଫଳପ୍ରଦ ହୋଇଛି ବୋଲି କୁହାଯାଉଛି । ୨୦୨୪ରେ ପୁନର୍ବାର ସରକାର ଗଢିବା ପାଇଁ ବିଜେପି ଏବେ ଉଦ୍ୟମ ଆରମ୍ଭ କରିଦେଇଛି । ବିଜେପିର ଅନୁରାଗ ଠାକୁରଙ୍କ ବୟାନ ଅନୁସାରେ ୨୦୨୪ ଲୋକସଭା ନିର୍ବାଚନରେ ଦଳ ୪୦୦ ଆସନରୁ ଅଧିକ ଆସନରେ ଜିତିବ । ୩୦୩ ଆସନରେ ଜିଣି ବିଜେପି ଧାରା ୩୭୦କୁ ହଟାଇ ଥିବା ବେଳେ ତ୍ରିପଲ ତଲାକ ଆଇନକୁ ରଦ୍ଦ କରିଛି । ନାରୀ ଶକ୍ତି ବନ୍ଦନ ଆଇନ ଆଣିଛି ଓ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରାଇ ପାରିଛି । ୪୦୦ କିମ୍ବା ତାଠାରୁ ଅଧିକ ଆସନରେ ଜିତିଲେ ଦେଶରେ ରାମରାଜ୍ୟ ପ୍ରତିଷ୍ଠା କରାଇ ପାରିବ । କଂଗ୍ରେସର ତ ଏମିତି କୌଣସି ଲକ୍ଷ୍ୟ ନାହିଁ । ବିଜେପି ରାଷ୍ଟ୍ରପତି ପଦରେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଅଧିଷ୍ଠିତ କରାଇ ଆଦିବାସୀ ଅଧୁଷିତ ରାଜ୍ୟ ଛତିଶଗଡରେ ନିଜର ପ୍ରଭାବ ବିସ୍ତାର କରିବାରେ ସକ୍ଷମ ହୋଇଛି । ଏବେ ଛତିଶଗଡରେ ଜଣେ ଆଦିବାସୀ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରି ଦେଶର ଆଦିବାସୀ ଭୋଟରଙ୍କୁ ନିଜ ଆଡକୁ ଆକର୍ଷିତ କରିବାର ଉଦ୍ୟମ କରୁଛି । ମଧ୍ୟପ୍ରଦେଶରେ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ କରି ବିହାର ଓ ଉତ୍ତରପ୍ରଦେଶରେ ଯାଦବ ଭୋଟକୁ ଅକ୍ତିଆର କରିବ ବୋଲି ଆଶା ରଖିଛି । ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଭଜନ ଲାଲ ପଣ୍ଡିତଙ୍କୁ ରାଜସ୍ଥାନର ମୁଖ୍ୟମନ୍ତ୍ରୀ କରାଇ ବିଜେପି ବ୍ରାହ୍ମଣ ଭୋଟରମାନଙ୍କ ଭୋଟ ପାଇବ ବୋଲି ମଧ୍ୟ ଆଶା ବାନ୍ଧିଛି । କଂଗ୍ରେସରେ ମୋଦୀଙ୍କ ଭଳି ଏମିତି ଦୁରଦ୍ରଷ୍ଟା ନାହାଁନ୍ତି ଯିଏ ସାହାସ କରି ରିସ୍କ ନେଇପାରିବ । ଏଣୁ ସାହାସ କରିପାରୁନଥିବା ଓ ରିସ୍କ ନେଇ ପାରୁନଥିବା ଦଳଠାରୁ କ'ଣ ଆଶା କରାଯାଇପାରିବ ? କଂଗ୍ରେସ ଏବେ ପରାଜୟର ଦୁଃଖକୁ ଭୁଲିପାରିନାହିଁ । ରାଜ୍ୟସଭାରେ ଏବେ ବିଜେପି ଏକ ନୂଆ ବିଧେୟକ ଗୃହିତ କରାଇ ପାରିଛି ।ବିରୋଧୀଙ୍କ ବିରୋଧ ଓ ହଟଗୋଳ ସତ୍ତ୍ୱେ ବିଧେୟକ ଗୃହିତ ହୋଇଯାଇଛି । ଲୋକସଭାରେ ମହୁଆ ମୋଇତ୍ରାଙ୍କ ସଦସ୍ୟତା ରଦ୍ଦ ହୋଇଛି। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ନେଇ ବିରୋଧୀଙ୍କ ହଟଗୋଳ ଯୋଗୁଁ ୧୫ ଜଣ ସାଂସଦଙ୍କୁ ନିଲମ୍ବିତ ହେବାକୁ ପଡିଛି । ପରିସ୍ଥିତି ଏଭଳି ଯେ ସବୁ ବିରୋଧୀ ମିଶିଲେ ମଧ୍ୟ ସରକାରଙ୍କ କୌଣସି କାମକୁ ରୋକି ପାରୁନାହାନ୍ତି । ସଂସଦରେ ବିରୋଧୀଙ୍କ ଶକ୍ତି ସୀମିତ ଏବଂ କଂଗ୍ରେସକୁ ଛାଡି ଅନ୍ୟ କୌଣସି ବିରୋଧୀ ଦଳ ସଂସଦର ସ୍ଥିତିକୁ ନେଇ ରାଜରାସ୍ତାକୁ ଓହ୍ଲାଇବା ସ୍ଥିତିରେ ନାହାନ୍ତି । ଏଣୁ ବିଜେପି ଆଗାମୀ ଦିନରେ ଦେଶରେ ରାମରାଜ୍ୟପ୍ରତିଷ୍ଠା ହେବ ବୋଲି ଯାହା କହୁଛି ତାହାହିଁ ହେବ । ଆମକୁ ରାମରଜ୍ୟର ଶାସନ ଦେଖିବା ପାଇଁ ମାନସିକ ଭାବେ ପ୍ରସ୍ତୁତ ହେବାକୁ ପଡିବ ।

ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪

# ଓଡ଼ିଆ ସାହିତ୍ୟର କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତି

**ବିଶ୍ୱବିଜୟୀ ଦାଶ**

୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ରେ ପବିତ୍ର ମକରସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓଡ଼ିଆ ଗାଳ୍ପିକ ତଥା ଔପନ୍ୟାସିକ ବ୍ୟାସକବି ଫକୀରମୋହନ ସେନାପତି ।ତାଙ୍କ ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ଓ ମାତା ଙ୍କ ନାମ ତୁଳସୀ ଦେବୀ ସେନାପତି। ଓଡ଼ିଶାରେ ଫକୀରମୋହନଙ୍କ ଜନ୍ମଜୟନ୍ତୀ କୁ ୧୪ ଜାନୁୟାରୀରେ ପାଳନ କରି ଆସୁଥିଲେ ମଧ୍ୟ ସଂକ୍ରାନ୍ତି ପୁରୁଷ ଙ୍କ ଜନ୍ମବର୍ଷ ମକର ସଂକ୍ରାନ୍ତି ଜାନୁୟାରୀ ୧୩ ତାରିଖ ରେ ପଡ଼ିଥିବାରୁ ତାଙ୍କର ପ୍ରକୃତ ଜନ୍ମତାରିଖ ୧୩ ଜାନୁୟାରୀ ୧୮୪୩ ।ତାଙ୍କୁ ଏକ ବର୍ଷ ପାଞ୍ଚ ମାସ ବୟସ ବେଳେ ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତିଙ୍କର ମୃତ୍ୟୁ ଘଟିଲା । ଏହାର ମାତ୍ର ୧୪ ମାସ ପରେ ତାଙ୍କ ମାତା ତୁଳସୀ ଦେବୀ ସେନାପତି ମଧ୍ୟ ଇହଧାମ ତ୍ୟାଗ କରିଥିଲେ। ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ତାଙ୍କର ଜେଜେମା ସମ୍ଭାଳିଥିଲେ ।ଫକୀରମୋହନଙ୍କ ପ୍ରକୃତ ନାମ ଥିଲା ବ୍ରଜମୋହନ । ବାଲ୍ୟକାଳରେ ସେ ପ୍ରାୟତଃ ଅସୁସ୍ଥ ରହୁଥିବାରୁ ତାଙ୍କ ଜେଜେ ତାଙ୍କୁ ଫକୀରମାନଙ୍କ ପାଖକୁ ନେଇଯାଉଥିଲେ । ସେହି ଫକୀରମାନଙ୍କ ସମ୍ମାନାର୍ଥେ ତାଙ୍କ ଜେଜେମା' ତାଙ୍କ ନାଁ ବଦଳାଇ କରିଦେଲେ ଫକୀରମୋହନ ।ଫକୀରମୋହନଙ୍କ ଅସୁସ୍ଥତା ଓ ଅର୍ଥର ଅଭାବ ସକାଶେ ମଧ୍ୟ ସେ ମା ?ଇନର ପାଶ୍ କଲା ପରେ ବାଲେଶ୍ୱରର ବାରବାଟୀ ସ୍କୁଲରେ ବିଦ୍ୟାଧ୍ୟୟନ ଜାରି ରଖିଥିଲେ । ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତ ଶିକ୍ଷା କରୁଥିଲେ । ସେ ନିଜର ପାରଦର୍ଶିତା ଯୋଗୁଁ ଶିକ୍ଷକ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଆର୍ଥିକ ଦୁରବସ୍ଥା ଯୋଗୁଁ ବିଦ୍ୟାଳୟର ମାସିକ ଖର୍ଚ୍ଚ ୨୫ ପଇସା ଦେଇ ନ ପାରି ତାଙ୍କୁ ପାଠପଢ଼ା ତ୍ୟାଗ କରିବାକୁ ପଡ଼ିଥିଲା ଏବଂ ସେହି ବାରବାଟୀ ସ୍କୁଲରେ ତାଙ୍କୁ ମାସିକ ୨.୫୦ ଟଙ୍କା ଦରମାରେ ଶିକ୍ଷକ ଚାକିରୀ କରିବାକୁ ହୋ ?ଇଥିଲା ।ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତରେ ଶିକ୍ଷାଦାନ ଆରମ୍ଭ କରିଦେଲେ। ଏହି ସବୁ ବିଷୟରେ ସେ ନିଜେ ନିଜର ଜ୍ଞାନ ?କୁ ପ୍ରଗାଢ଼ କରିପାରିଥିଲେ । ବାଲେଶ୍ୱର କଲେକ୍ଟରେଟ୍ ?ରେ କିଛି କାଳ ପାଇଁ ସେ କିରାଣୀ ଚାକିରି କରିଥିଲେ । ପରବର୍ତ୍ତୀ କାଳରେ ସେ ବାଲେଶ୍ୱର ମିଶନ ସ୍କୁଲରେ ୧୮୭୧ ଯାଏଁ ଶିକ୍ଷକତା କରିଥିଲେ ।ଓଡ଼ିଆ ଭାଷା ସାହିତ୍ୟ କୁ ସୁରକ୍ଷା ଦେବାରେ ହେଉ ଓ ସମାଜ ସଂସ୍କାର ଦିଗରେ ହେଉ,ତାଙ୍କର ଅବଦାନ ଅତୁଳନୀୟ ହୋଇରହିଛି ।ସେ ଲେଖିଯାଇଥିବା ଗଳ୍ପ ଓ ଔପନ୍ୟାସିକ ଗୁଡ଼ିକ ଆଜି ବି ଅନ୍ୟ ଗାଳ୍ପିକ ମାନଙ୍କ ପାଇଁ ମାଇଲ ଖୁଣ୍ଟ ହୋଇ ରହିଛି ।ଜଣେ ସୁଦକ୍ଷ ସେନାପତି ଯେପରି ନିଜର ଉପସ୍ଥିତ ବୁଦ୍ଧି,ସାହାସ ଓ ଶକ୍ତି ଦ୍ୱାରା ଯୁଦ୍ଧକ୍ଷେତ୍ରରେ ବିଜୟର ଧ୍ୱଜା ଉଡ଼ାଇଥାଏ,ଠିକ୍ ସେହିପରି ବ୍ୟାସକବି ଫକୀରମୋହନ ସେନାପତି କଠିନ ସଂଗ୍ରାମ କରି ଆମ ମାତୃଭାଷା କୁ ବିଜୟ ମୁକୁଟ ପିନ୍ଧାଇ ଥିଲେ ଏବଂ ଫକୀରମୋହନ ସେନାପତି,ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସହ ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଭାବରେ ଓଡ଼ିଆ ଭାଷାକୁ ବିଦେଶୀମାନଙ୍କ କବଳରୁ ବଞ୍ଚାଇବା ପାଇଁ ଲଢିଥିଲେ।୧୮୬୮ ମସିହାରେ ଫକୀରମୋହନ ବାଲେଶ୍ୱରରେ ଏକ ପ୍ରେସ ପ୍ରତିଷ୍ଠା କରିବା ସହ କରିଥିଲେ ଓଡ଼ିଆ ଭାଷା ଆନ୍ଦୋଳନ ଯୁଦ୍ଧ ର ଅୟମାରମ୍ଭ ।ଏହି ପ୍ରେସ ର ପ୍ରତିଷ୍ଠା ହେବା ପରେ ବହୁ ପାଠ୍ୟ ପୁସ୍ତକ ପ୍ରକାଶ କରିବା ସହ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିଲେ ।ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକା ସମ୍ବାଦପତ୍ର ଭଳି ତାଙ୍କରି ସମ୍ପାଦନାରେ ବାଲେଶ୍ୱର ରୁ ପ୍ରକାଶ ହୋଇଥିଲା ପାକ୍ଷିକ ସାହିତ୍ୟପତ୍ର 'ବୋଧଦାୟିନୀ' ଓଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମ୍ବାଦ ବାହିକା' । ଯାହା ତାଙ୍କର ଅକ୍ଳାନ୍ତ ପରିଶ୍ରମ, ପ୍ରାଣପାତ ଉଦ୍ୟମ, ଗଭୀର ଆତ୍ମବିଶ୍ୱାସ, ଜାତିପ୍ରୀତି ଓ କର୍ତ୍ତବ୍ୟନିଷ୍ଠାର ସୁସ୍ପଷ୍ଟ ପରିଚୟ ।ଓଡ଼ିଆ ସାହିତ୍ୟକୁ ତାଙ୍କର ଥିଲା ଅନନ୍ୟ ଦାନ । ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢି ତୋଳିଥିଲେ ।ସେହି ସମୟର ସାଧାରଣ ସାମାଜିକ ଚଳଣିକୁ ନେଇ ହିଁ ସେ ରଚିଛନ୍ତି ଅନେକ ଉପନ୍ୟାସ, ପୁସ୍ତକ । ତାଙ୍କ ରଚନାରେ ତତକାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ଗୁଡିକ ସହଜରେ ବାରି ହୋଇପଡେ ।୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ - 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଚ୍ଛକ ଦର୍ପଣ । ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାରମାନଙ୍କ ଦେଇ ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋ ?ଇଛି । ଓଡ଼ିଆର ପ୍ରଥମ ଆତ୍ମଜୀବନୀର ମଧ୍ୟ ସେ ଥିଲେ ରଚୟିତା । ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ' ।ଫକୀରମୋହନ ସେନାପତି ଓଡ଼ିଆ ଗଳ୍ପ ସାହିତ୍ୟର ଜନକ । ଫକୀରମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଗଳ୍ପ ଏବଂ ଉପନ୍ୟାସ ରଚନା କରିଛନ୍ତି । ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରି ଦ୍ୱାରା ସମ୍ପାଦିତ।୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଏ । 'ରେବତୀ' ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରଣ କରାଯାଇଛି । ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା'ର ଅଧ୍ୟୟନକୁ ଦାୟୀ କରାଯାଇଛି । ଫକୀରମୋହନ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପଗୁଡିକ :ରେବତୀ (୧୮୯୮),ବାଲେଶ୍ୱରୀ ପଙ୍ଗାଲୁଣ (୧୯୦୭),ବାଲେଶ୍ୱରୀ ରାହାଜାନୀ (୧୯୦୭),ମୌନାମୌନୀ (୧୯୦୭),ପୁନର୍ମୂଷିକୋଭବ (୧୯୦୯),ଡାକମୁନ୍‌ସୀ (୧୯୧୨)କାଳିକାପ୍ରସାଦ ଗୋରାପ (୧୯୧୩),କମଳାପ୍ରସାଦ ଗୋରାପ (୧୯୧୩)ଧୂଳିଆ ବାବା (୧୯୧୩),ପେଟେଣ୍ଟ ମେଡିସିନ (୧୯୧୩),ସୁନାବୋହୂ(୧୯୧୩),ବିରେଇ ବିଶାଳ (୧୯୧୩)ରାଣ୍ଡିପୁଅ ଅନନ୍ତା(୧୯୧୩),ବଗଲାବଗୁଲୀ (୧୯୧୪)ସଭ୍ୟ ଜମିଦାର (୧୯୧୪)ଅଜାନାତି କଥା (୧୯୧୫)ମାଧମହାନ୍ତିଙ୍କ କନ୍ୟାସୁନା (୧୯୧୫),ଅଧର୍ମବିତ୍ତ(୧୯୧୫)ପାଠୋଇ ବୋହୂ (୧୯୧୫) ଗାରୁଡିମନ୍ତ୍ର (୧୯୧୬) ।ଫକୀରମୋହନଙ୍କ ପ୍ରଥମ କବିତା ସଙ୍କଳନ 'ଉତ୍କଳ ଭ୍ରମଣ' ୧୮୯୨ରେ ପ୍ରକାଶ ପାଇଥିଲା। ତାଙ୍କର ଅନ୍ୟାନ୍ୟ ପଦ୍ୟ କୃତିମାନଙ୍କ ମଧ୍ୟରେ 'ପୁଷ୍ପମାଳା', 'ଉପହାର', 'ପୂଜା ଫୁଲ', 'ପ୍ରାର୍ଥନା', 'ଅବସର ବାସରେ' ଓ 'ଧୂଳି' ପ୍ରଧାନ । ନିଜସ୍ୱ କୃତି ବ୍ୟତୀତ ସେ ମଧ୍ୟ ସଂସ୍କୃତ 'ମହାଭାରତ' ଓ 'ରାମାୟଣ'କୁ ଓଡ଼ିଆରେ ଅନୁବାଦ କରିଥିଲେ । ଏ ଦୁଇଟିଯାକ ଆକ୍ଷରିକ ଅନୁବାଦ ନୁହେଁ ବରଂ ଭାବାନୁବାଦ । ତାଙ୍କର ପ୍ରଥମ ସ୍ତ୍ରୀ ରୋଗଶଯ୍ୟାରେ ଥିବାବେଳେ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଶୁଣିବାକୁ ଇଚ୍ଛା କରିବାରୁ ସେ ଏହି ଅନୁବାଦ ଦ୍ୱୟ କରିଥିଲେ । ତେବେ ତାଙ୍କର ଏହି ରଚନା ଦ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କର ଏହି ମହତ ପ୍ରଚେଷ୍ଟା ଲାଗି ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯା ?ଇଛି । ତତ୍କାଳୀନ ବାମରାର ରାଜାଙ୍କଦ୍ୱାରା ସେ ମଧ୍ୟ 'ସରସ୍ୱତୀ' ଉପାଧିରେ ଭୂଷିତ ହୋ ?ଇଥିଲେ ।ଓଡ଼ିଆ ଭାଷାର ଉନ୍ନତି ଓ ପ୍ରଚାର ନିମନ୍ତେ ସେ ୧୮୬୭ରେ 'ଉତ୍କଳ ଭାଷା ଉନ୍ନତି ବିଧାନି ସଭା' ନାମକ ଏକ ସଙ୍ଗଠନ ଗଢ଼ିଥିଲେ । 'ଉତ୍କଳ ସାହିତ୍ୟ ସମାଜର' ୧୯୧୨ ଓ ୧୯୧୭ର ବାର୍ଷିକ ସଭାରେ ସେ ସଭାପତି ଦାୟିତ୍ୱ ତୁଲାଇଥିଲେ । ୧୯୧୫ ମସିହାରେ ଫକୀରମୋହନ ସତ୍ୟବାଦୀ ବିଦ୍ୟାଳୟକୁ ପରିଭ୍ରମଣରେ ଯାଇଥିଲେ ଏବଂ ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର କାର୍ଯ୍ୟ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ। ଓଡ଼ିଆ ସାହିତ୍ୟ ର କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତି ୧୪ ଜୁନ୍ ୧୯୧୮ ମସିହାରେ ଦୁନିଆ ଛାଡ଼ି ଚାଲିଗଲେ। ସେ ଏକାଧାରାରେ ଜଣେ ଗାଳ୍ପିକ,ଔପନ୍ୟାସିକ, କବି,ପ୍ରାବନ୍ଧିକ,ଅନୁବାଦକ,ଶିଶୁ ସାହିତ୍ୟିକ ଏବଂ ଦୂରଦ୍ରଷ୍ଟା ସମ୍ପନ୍ନ ସମାଜ ସଚେତକ ।ତାଙ୍କରି ସ୍ମୃତି ରେ ତାଙ୍କ ଜନ୍ମସ୍ଥାନ ବାଲେଶ୍ୱର ର ସ୍କୁଲ,କଲେଜ ଓ ବିଶ୍ୱବିଦ୍ୟାଳୟ ଆଦି କୁ ତାଙ୍କରି ନାମରେ ନାମିତ କରାଯାଇଛି ।ଏହି ଅସାଧାରଣ ପ୍ରତିଭାଧର ଓଡ଼ିଆ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ। ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ।

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮



# ଉଦ୍‌ଘାଟିତ ହେଲା ୬ ବସ୍ତିରେ ସ୍ମାର୍ଟ ପାଠାଗାର



**କଟକ(ବ୍ୟୁରୋ):** ଜାତୀୟ ଯୁବ ଦିବସକୁ ସ୍ମରଣ କରିବା ଅବସରରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଶୁକ୍ରବାର ୬ଟି ବସ୍ତିରେ ସ୍ମାର୍ଟ ପାଠାଗାର ଉଦଘାଟିତ ହୋଇଯାଇଛି । ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟ'ୀ ମାଝି, ବିଧାୟକ ସୌଭିକ ବିଶ୍ୱାଳ, ସିଏମସି କମିଶନର ନିଖିଲ ପଵନ କଲ୍ୟାଣ ପ୍ରମୁଖ ଏହି ଉଦଘାଟନ ଉତ୍ସବରେ ଯୋଗଦେଇଥିଲେ । ପ୍ରଥମ ଥର ପାଇଁ କଟକ ସହରର ବସ୍ତି ଅଂଚଳରେ ଏଭଳି ପଦକ୍ଷେପ ନିଆଯାଇଛି । ବିଶେଷକରି ଉକ୍ତ ଅଂଚଳର ଲୋକମାନଙ୍କର ଜ୍ଞାନର ବିକାଶ ପାଇଁ ଏହା ଯଥେଷ୍ଟ ସହାୟକ ହେବ ବୋଲି ମେୟର ଶ୍ରୀ ସିଂହ ପ୍ରକାଶ କରିଛନ୍ତି ।ୱାର୍ଡ ନଂ୧ର କୃଷକବଜାର ପାଠାଗାର, ୱାର୍ଡ ନଂ ୩ ତିଳକାନଗର ପାଠାଗାର ଓ ଧବଳେଶ୍ୱର ଗଡା ପାଠାଗାର, ୱାର୍ଡ ନଂ ୪୮ରେ ନିମପୁର ପାଠାଗାର ଓ ଲକ୍ଷ୍ମଣପୁର ପାଠାଗାର ଏବଂ ୪୯ ନମ୍ବର ୱାର୍ଡରେ ତରୋଳ ଆଦିବାସୀ ସାହି ପାଠାଗାର ଆଜି ଉଦଘାଟିତ ହେବା ପରେ କାର୍ଯ୍ୟକ୍ଷମ ହୋଇଛି ।ସ୍ମାଲାଇବ୍ରେରୀରେ ୨୦ ଜଣ ବସିବା ପାଇଁ ସୁବିଧା ରହିଛି । ଛୋଟ ପିଲାଙ୍କ ପାଇଁ ଅନେକ ପ୍ରକାର କାହାଣୀ ପୁସ୍ତକ ରହିଥିଲା ବେଳେ ମହିଳା ଦକ୍ଷତା ସଂପର୍କିତ ବହି ପାଠାଗାରରେ ରହିଛି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରତିଯୋଗିତାମୂଳକ ପୁସ୍ତକ ମଧ୍ୟ ଏହି ପାଠାଗାରଗୁଡିକରେ ରହିଛି । ବିଶେଷକରି ଭାଷା ଓ ସାହିତ୍ୟକୁ ଅଧିକ ଦୃଢୀଭୂତ କରିବା ଲାଗି ଓଡିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସହ ବିଶିଷ୍ଟ ଓଡିଆ ସାହିତ୍ୟିକମାନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ଉପନ୍ୟର୍ମାନ ସ୍ଥାନ ପାଇଛି । ସେହିଭଳି ପାଠାଗାରଗୁଡିକରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଥିଲା ବେଳେ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିୟୋଜିତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ପାଠାଗାରରେ ୧ ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ସ୍ଥାନ ପାଇଥିଲା ବେଳେ ପାଠକଙ୍କ ଆବଶ୍ୟକତା ଅନୁଯାୟୀ ଆହୁରି ୪ ହଜାର ପୁସ୍ତକ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସିଏମସି ପକ୍ଷରୁ କୁହାଯାଇଛି ।ସିଏମସି ଦ୍ୱାରା ବସ୍ତିଗୁଡିକର ଉନ୍ନତିକରଣ କରାଯାଇ ବିଜୁ ଆଦର୍ଶ କଲୋନିରେ ପରିଣତ କରାଯାଇବସ୍ତିବାସିନ୍ଦାଙ୍କ ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁସେଠାରେ ସ୍ମାର୍ଟ ପାଠାଗାର ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୮ଟି ପାଠାଗାରର କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ଆଜି ୬ଟି ପାଠାଗାରକୁ ବସ୍ତିବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ଗୋଟିଏ ପାଠାଗାର ପିଛା ୭୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସିଟି ଇଂଜିନିୟର ଅତନୁ ସାମ' ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ସୋନା ଟୁଡୁ, ଡେପୁଟି କମିଶନର ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ସୁକା' କୁମାର ବେଉରା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମୋନାଲିସା ଦାସ, କର୍ପୋରେଟର ରୀତାଂଜଳି ବେହେରା, ନଳିନୀ ବେହେରା, ସହକାରୀ ଯନ୍ତ୍ରୀ ଧିରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



**ଚାନ୍ଦବାଲି(ଅମୃତ ମିଡ଼ିଆ ):** ଦୁଇ ଦିନ ଧରି ଚାଲୁଥିବା କ୍ରୀଡ଼ା ଉତ୍ସବର ପ୍ରଥମ ଦିନରେ ପଛପଡା କ୍ଲଷ୍ଟରର ସି ଆର ସିସି ସୁଶାନ୍ତ ପଣ୍ଡା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଠାରୁ କ୍ରୀଡା ମଶାଲ ଗ୍ରହଣ କରିବା ସହ ଉଦଘାଟନ କରିଥିଲେ । ଦୁଇ ଦିନ ଧରି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଦ୍ୱିତୀୟ ଦିବସରେ ବିଦ୍ୟାଳୟର ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଜ୍ଜାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ ଯୋଗଦେଇ ଶିକ୍ଷା ସହିତ କ୍ରୀଡା ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ ଓ ମାନସିକ ବିକାଶ କରିଥାଏ ଏଣୁ ବିଦ୍ୟାଳୟକୁ କ୍ରୀଡ଼ାର ଏନ୍ତୁଡ଼ି ଶାଳ ରୂପେ ବିବେଚନା କରାଯାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ଭାଗିରଥି ସେଠୀ ଯୋଗଦେଇ ଶିକ୍ଷା ସହିତ କ୍ରୀଡାକୁ ଗୁରୁତ୍ୱ ଦେଲେ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ ବୋଲି କହିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ମାଆ ମାନଙ୍କ ମଧ୍ୟରେ ମିଉଜିକ ଚେୟାର ଖେଳରେ ମାନିନୀ ଜେନା ପ୍ରଥମ, ମାମୁନି ସ୍ୱାଇଁ ଦ୍ୱିତୀୟ ଏବଂ ରୁକ୍ମଣୀ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନଗୁରମା ଚିନ୍ମୟୀ ରାଉତ ସମସ୍ତ ଅତିଥି ,ଗୁରୁଜି ଗୁରୁମା, ଛାତ୍ରଛାତ୍ରୀ, ଅଭିଭାବକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଗୁରୁମା ଲିଜରାଣୀ ରାଉତ, ଚୁନିତା ସାହୁ, ନିରୂପମା ଦାସ ,ସିପ୍ରା ରାଣୀ ନାୟକ ,ସୀମାରଣୀ ପଲାଇ, ବର୍ଷା ମହାନ୍ତି, ମଧୁସ୍ମିତା ପାତ୍ର, ତୁଳସୀ ଭଳ , ସୁଭଦ୍ରା ମାଝୀ, କୀର୍ତିମୟୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିପଦା(ଅମୃତ ମିଡିଆ):** ବଡ଼ସାହି ବ୍ଲକ ଅନ୍ତର୍ଗତ ସୋରିଷ କୋଠା,ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଅଛି । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମହାଳିକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପରିଡ଼ା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରବିନାରାୟଣ ମହାନ୍ତି (ସହକାରୀ ବନ ସଂରକ୍ଷକ) ମୟୂରଭଞ୍ଜ, ସ୍ୱତନ୍ତ୍ର ଅତିଥି ଡଃ. ପ୍ରକାଶ ଚନ୍ଦ୍ର ମହାପାତ୍ର(ଅବସର ପ୍ରାପ୍ତ ଅଧ୍ୟକ୍ଷ ବଡ଼ସାହି ମହାବିଦ୍ୟାଳୟ), ମୁଖ୍ୟବକ୍ତା ଡଃ. ପ୍ରଦୀପ୍ତ କୁମାର ମିଶ୍ର (ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ), ସମ୍ମାନନୀୟ ଅତିଥି ସେନ୍ତୋଷ କୁମାର ଖଣ୍ଡା( ଶାଳଗାଁ ମହାବିଦ୍ୟାଳୟର ଇକୋ କ୍ଲବ ସଂଯୋଜକ), ଲକ୍ଷ୍ମଣ ରାଉତ(ସମାଜ ସେବୀ) ଯୋଗ ଦେଇଥିଲେ । ଅତିଥିବୃନ୍ଦ ପ୍ରଭୁ ଜଗନ୍ନାଥଙ୍କ ଫେଟାଚିତ୍ରେର ପୁଷ୍ପ ଦେଇ ଉଦ୍ଘାଟନ କରିଥିଲେ ।ଜଗନ୍ନାଥ ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଜଡ଼ିଦା ମଞ୍ଚ ପରିଚାଳନା କରିଥିଲେ, ଚିନ୍ମୟ କୁମାର ମିଶ୍ର, ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ । ଛାତ୍ର - ଛାତ୍ରୀଙ୍କ ଠାରେ ସୃଜନଶୀଳତାର ଅଭାବ ପରିଲକ୍ଷିତ ହେଉଛି, ଉପଯୁକ୍ତ ପରିବେଶ ସହିତ ଖାପ ଖୁଆଇ ପାରିଲେ ଜୀବନର ଉନ୍ନତି ହେବ ବୋଲି ମତ ଦେଇଥିଲେ । ଆଜିର ଶିକ୍ଷା ବ୍ୟବସ୍ଥାର ନୈତିକ ଶିକ୍ଷା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ଅପରିହାର୍ଯ୍ୟ ଅଟେ । ଯେକୌଣସି କ୍ଷେତ୍ରେର ସଫଳତା ହାସଲ ପାଇଁ ସ୍ୱପ୍ନ ଦେଖିଲେ ମଣିଷ ବଡ଼ ହେଇପାରିବ ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ଦେଇଥିଲେ । ମୁଖ୍ୟ ଅତିଥି ବିଦ୍ୟାଳୟକୁ ଔଷଧୀୟ ବୃକ୍ଷ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ପୂର୍ବରୁ ବିଦ୍ୟାଳୟର ଛାତ୍ର - ଛାତ୍ରୀ ମାନଙ୍କ ମଧ୍ୟେର ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଛାତ୍ର-ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମେର ବନିତା ଗିରି, ନିୟତି କର, ସୁଧା ପାଣି ବେହେରା, ମମତା ମଞ୍ଜରୀ ସାହୁ, ଶୁଭେଜ୍ୟୋତି ସାହୁ, ଶତୃଘ୍ନ ନନ୍ଦୀ ଓ ଅନ୍ୟମାନେ ସହେଯାଗ କରିଥିଲେ । ସବର୍ଶେଷେର ବିଷ୍ଣୁ ଚରଣ ଦାସ ସମସ୍ତ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅପର୍ଣ କରିଥିଲେ ।

# ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜନ୍ମଜୟନ୍ତୀ ପାଳିତ



**ମାର୍ଶାଘାଇ(ଅମୃତ ମିଡିଆ):** ଜମ୍ବୁ ସାମୁଦ୍ରୀକ ଥାନା ଅନ୍ତର୍ଗତ ଜମ୍ବୁ ଗ୍ରାମ ପଞ୍ଚାୟତ ରେ ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ ବିଶ୍ୱ ଯୁବ ଦିବସ ଅବସରରେ ସ୍ୱାମୀଜୀଙ୍କ ୧୬୧ତମ ଜନ୍ମଜୟନ୍ତୀ ଉତ୍ସବ ପାଳିତ ହୋଇଛି କ୍ଷ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜମ୍ବୁ ପଂଚାୟତ ର ସରପଞ୍ଚ ବିଶ୍ୱଜିତ ବସୁ, ସମ୍ମାନିତ ଅତିଥି ଭାବେ ଜମ୍ବୁ ମେରାଇନ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ,ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ମନୀଭୂଷଣ ଦାସ ଯୋଗ ଦେଇଥିଲେ ,ବିବେକାନନ୍ଦ ଙ୍କ ଜିବନି ଆଦର୍ଶ ବିଷୟରେ ଆଲୋଚନା କରିବା ସହିତ ବିବେକାନନ୍ଦ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସମାଜ ସେବାରେ ଉତ୍ସର୍ଗୀକୃତ ହେବାପାଇଁ ଆହ୍ୱାନ ଦେଇଥିଲେ ଏହି ଉତ୍ସବରେ କ୍ଲବ ର ସଭାପତି ଶ୍ରୀମନ୍ତ ପାହାଡ଼ି ବାର୍ଷିକ ଉତ୍ସବ ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହିତ ସମ୍ପାଦକ ଗୁରପଦ ବେରା ସ୍ୱାଗତ ଭାଷଣ ଦେଇଥିଲେ, କ୍ଲବର ସମସ୍ତ ସଦସ୍ୟ ସମେତ ଶତାଧିକ ଗ୍ରାମ ବାସୀ ଉତ୍ସବରେ ଯୋଗଦେଇ ଥିଲେ କ୍ଷ କ୍ଲବ ତରଫରୁ ସ୍ଥାନୀୟ ଅଂଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଧ୍ଧା କରାଯାଇଥିଲା ।

# ପ୍ଲାଷ୍ଟିକମୁକ୍ତ ସଚେତନତା ଶିବିର




**ମାର୍ଶାଘାଇ (ଅମୃତ ମିଡିଆ):** ଜମ୍ବୁ ସାମୁଦ୍ରୀକ ଥାନା ଅନ୍ତର୍ଗତ ବତୀଘର ପଂଚାୟତରେ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏକ୍ରିକ୍ ପ୍ରକଳ୍ପ ଓ ନେଚର୍ସ କ୍ଲବ କେନ୍ଦ୍ରାପଡା ସହଯୋଗରେ ପଂଚାୟତର ବିଭିନ୍ନ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା କ୍ଷ ପଂଚାୟତ ସଭା ଗୃହରେ ସରପଂଚ ଶିବାନୀ ବିଜୁଳି ଙ୍କ ଅଧଖତାରେ ଆୟୋଜିତ ସଭାରେ ନେଚର୍ସ କ୍ଲବ ସଭାପତି ମଧୁସ୍ମିତ ପତି ,ଟିମ ଲିଡର ନିରଞ୍ଜନ ପଣ୍ଡା, ସଂଯୋଜକ ଜ୍ୟୋତି ରଞ୍ଜନ ସାହୁ,ସମାଜସେବୀ ଏସ କେ ଶିବା ଙ୍କ ସହ ଖରିନାସୀ ଓ ବତୀଘରର କ୍ଲାଇମେଟ ଚମ୍ପିଅନ ମାନେ ଉପସ୍ଥିତ ଥିଲେ କ୍ଷ ବତୀଘର ପଂଚାୟତକୁ ସମ୍ପୁର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରିବାକୁ ଯୁବକ ଯୁବତୀ ମାନେ ସହଯୋଗର ହାତ ବଢାଇବାକୁ ସରପଂଚ ଶିବାନୀ ବିଜୁଳି କହିଛନ୍ତି ।

# ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ମୟୂରଭଞ୍ଜ ଗସ୍ତ



**ବାରିପଦା(ଅମୃତ ମିଡିଆ):** ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅୟୋଗର ସଦସ୍ୟା ଛବିରାଣୀ ମାହାଲି ଏବଂ ସୁଶ୍ରୀ ଜଲିନା ପ୍ରିୟଦର୍ଶନୀ ମୟୂରଭଞ୍ଜ ଜିଲ୍ଲା ପରିଦଶର୍ନେର ଆସି ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ସମ୍ପକର୍ରେ ସମୀକ୍ଷା କରିଛନ୍ତି । ପ୍ରଥେମ କୁଳିଅଣା ବ୍ଲକ ଅନ୍ତଗର୍ତ ଭୋଲଗଡିଆ ଅଙ୍ଗନବାଡି କେନ୍ଦ୍ର ଓ ବାଲିପାଳ ସ୍ଥିତ ମା ସୁନାମୁହିଁ ଛତୁଆ ୟୁନିଟ, ବାରିପଦା ସ୍ଥିତ ମହାରାଣୀ ତକତ କୁମାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦଶର୍ନ କରି ଯୋଜନାର ବିଭିନ୍ନ କାର୍ଯ୍ୟକାରିତା ସମ୍ପକର୍ରେ ସମୀକ୍ଷା କରିଥିଲେ । ଅଙ୍ଗନବାଡି କେନ୍ଦ୍ରେର ଶିଶୁ ମାନଙ୍କୁ ସଠିକ ଭାବେର ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ଅଛି କି ନାହିଁ ସେ ସମ୍ପକର୍ରେ ତଦାରଖ କରିବା ସହିତ ଗ୍ରାମବାସୀଙ୍କ ସହିତ ମଧ୍ୟ ଅଲୋଚନା କରିଥିଲେ. ଛତୁଆ ୟୁନିଟ ରେ ଛତୁଆର ମାନ ଏବଂ ପରିଷ୍କାର ପରିଚ୍ଛନ୍ନତା ସମ୍ପକର୍ରେ ତଦାରଖ କରିଥିଲେ. ସେହିପରି ବାଳିକା ବିଦ୍ୟାଳୟେର ଝିଅ ପିଲାଙ୍କର ସୁବିଧା ଅସୁବିଧା ତଦାରଖ କରିବା ସହିତ ଛାତ୍ରୀ ମାନଙ୍କ ସହ ଅଲୋଚନା କରିଥିଲେ । ସେହିପରି ମୟୂରଭଞ୍ଜ କିଶୋର ନ୍ୟାୟ ବୋଡର୍ର ସଦସ୍ୟ ମାନଙ୍କ ସହିତ ଆଇନ ସହିତ ଜଡିତ ଥିବା ଶିଶୁ ମାନଙ୍କ ସମ୍ପକର୍ରେ ଅଲୋଚନା କରିଥିଲେ । ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟ ମାନଙ୍କ ସହିତ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ଥଇଥାନର ବିଭିନ୍ନ ଦିଗ ତଥା ଶିଶୁ ମଙ୍ଗଳ ସମିତିର ଅନ୍ୟାନ୍ୟ କାର୍ଯ୍ୟକାରିତା ସମ୍ପକର୍ରେ ଅଲୋଚନା କରିଥିଲେ । ପେର ବାରିପଦା ସ୍ଥିତ ଆରଡିଏସି ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ପରିଦଶର୍ନ କରି ଏହାର ସଠିକ କାର୍ଯ୍ୟକାରିତା ସମ୍ପକର୍ରେ ତଦାରଖ କରିଥିଲେ । ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀଙ୍କ ସହିତ ସାକ୍ଷାତ କରି ଶିଶୁ ମାନଙ୍କ ନିଶା ସେବନ, ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯ୍ୟାତନା, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଭଳି ଶିଶୁ ମାନଙ୍କ ବିଭିନ୍ନ ସମସ୍ ?ଯା ସମ୍ପକର୍ରେ ଅଲୋଚନା କରିଥିଲେ । ସେହିପରି ବାରିପଦା ବେଢଇସାହି ସ୍ଥିତ ଆଦର୍ଶ ଅଙ୍ଗନବାଡି ପରିଦଶର୍ନ କରିବା ସହିତ ସେଠାରେ କିଶୋରୀ ମାନଙ୍କ ସହିତ ଅଲୋଚନା କରିଥିଲେ । ଭଞ୍ଜପୁର ସ୍ଥିତ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ, ୱାନ ଷ୍ଟୋପ ସେଣ୍ଟର, ସ୍ୱାଧାର ଗୃହ ଏବଂ ଉଜ୍ୱଳା ଗୃହ ପରିଦଶର୍ନ କରି ଏହାର କାର୍ଯ୍ୟକାରିତା ସମ୍ପକର୍ରେ ତଦାରଖ କରିବା ସହିତ ଅନ୍ତେବାସୀ ମାନଙ୍କ ସହିତ ଅଲୋଚନା କରିଥିଲେ । ଉକ୍ତ ପରିଦଶର୍ନ ସମୟେର ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଂକୁ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ସସ୍ମିତା ମହାନ୍ତି, ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ମଧୁସୂଦନ ରଥ ଏବଂ ପରାମଶର୍ଦାତା ଦିଲୀପ କୁମାର ପଣ୍ଡା ସହେଯାଗ କରିଥିଲେ ।

# ନୂଆ-ଓ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜକୁ ଜିଲ୍ଲାସ୍ତରରେ ଶ୍ରେଷ୍ଠ ସଫଳତା

**ବାଲିଅନ୍ତା(ଅମୃତ ମିଡିଆ):** ପ୍ରତାପ ଶାସନ ଡିଗ୍ରୀ କଲେଜକୁ ନୂଆ-ଓ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାରେ ଅପୂର୍ବ ସଫଳତା ମିଳିଛି । ଖୋର୍ଦ୍ଧା ଓ ଭୁବନେଶ୍ୱର ର ବିଭିନ୍ନ କଲେଜ କୁ ନେଇ ଡିସେମ୍ବର ୨୯ ରୁ ଜାନୁୟାରୀ ୫ ଯାଏ ଜିଲ୍ଲାସ୍ତରୀୟ 'ଯୁବ ଓଡିଶା ଓ ନବୀନ ଓଡିଶା' ପ୍ରତିଯୋଗିତା ଚାଲିଥିଲା ' । ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ସବୁ କଲେଜକୁ ପଛରେ ପକେଇ ପ୍ରତାପ ଶାସନ ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନେ ମୋଟ ୨୧ ଟି ବିଭାଗରୁ ସର୍ବାଧିକ ଚାରି ଥ୪ଧ ଗୋଟି ବିଭାଗରେ ଚମ୍ପିୟାନ ହୋଇ ବାଲିଅନ୍ତା ବ୍ଲକ ପାଇଁ ଗର୍ବ ଓ



ଗୌରବ ଆଣିଛନ୍ତି ।ବୁଧବାର ଦିନ ଖୋର୍ଦ୍ଧା ହାବେଳୀ ପଡିଆରେ ଅନୁଷ୍ଠିତ ନୂଆ-ଓ ଜିଲ୍ଲାସ୍ତରୀୟ ମହୋତ୍ସବରେ ସରକାରଙ୍କ ତରଫରୁ ଖୋର୍ଦ୍ଧା ବିଧାୟକ ଜିତେନ୍ଦ୍ରନାଥ ମିତ୍ର,ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ନାରୀନେତ୍ରୀ ଶ୍ରୀମୟୀ ମିଶ୍ର କଲେଜର ଚମ୍ପିୟାନ ମାନଙ୍କୁ ଟ୍ରଫି ଓ ନଗଦ ୩୦ ହଜାର ଟଙ୍କା ର ଚେକ ପୁରସ୍କାର ଆକାରରେ ପ୍ରଦାନ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ସମେତ ଅନେକ ସରକାରୀ ଅଧିକାରୀ ମହୋତ୍ସବରେ ଉପସ୍ଥିତ ଥିଲେ । କଲେଜର ଡ୍ରାମା ଟିମଙ୍କୁ ଟ୍ରଫି ସମେତ ୧୫ ହାଜରର ଚେକ,ବ୍ୟଙ୍ଗ କବିତାରେ ସାଲୋନୀ ହୋତା,ଫାସନ ଶୋ ରେ ବର୍ଷା ଆଗ୍ରୱାଲ ଓ ବ୍ୟଙ୍ଗ ଚିତ୍ରରେ ରାଜୁ କୁମାର ବେରା ଙ୍କୁ ୫ ହଜାର ଲେଖାଁ ଚେକ ଟ୍ରଫି ଓ ସାଟିଫିକେଟ ମିଳିଛି । କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ ଡଃ ରଜନୀ ରଞ୍ଜନଙ୍କ ପ୍ରତେକ୍ଷ୍ୟ ମାର୍ଗଦର୍ଶନ ସହିତ କଲେଜ ଅଧକ୍ଷ ଡଃ କାଳନ୍ଦୀ ଚରଣ ସାହୁଙ୍କ ତତ୍ୱାବଧାନରେ ପିଲାମାନେ ବାଳକାଟୀ ପାଇଁ ଅର୍ପୁ ସଫଳତା ଆଣି ପାରିଛନ୍ତି । କେବଳ ଏତିକି ନୁହେଁ ଏହି କଲେଜ ଛାତ୍ର ସୌମ୍ୟ ରଞ୍ଜନ ବେହେରା ଜିଲ୍ଲା ସ୍ତରୀୟ କ୍ଷୁଦ୍ର ଚଳଚିତ୍ର ପ୍ରତିଯୋଗିତାରେ ୨ୟ ସ୍ଥାନ ସହିତ ଫୋଟୋଗ୍ରାଫିରେ ୩ୟ ସ୍ଥାନ ହାସଲ କରି ଗୌରବ ଆଣିଛନ୍ତି । ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ନୂଆ-ଓ ମହୋତ୍ସବରେ କଲେଜର ଅଧ୍ୟାପକ ଚିତ୍ରସେନ ସାହୁ, ଗଙ୍ଗାଧର ରାଉତ, କାର୍ଯ୍ୟକ୍ରମ କୋଅର୍ଡିନେଟର ହେମନ୍ତ କୁମାର ଦାଶ,ଅଧ୍ୟାପିକା ରଂଜିତା ପ୍ରଧାନ, ନିରୁପମା ପାତ୍ର ଓ ପ୍ରଫୁଲ୍ଲ ସେଠି ପ୍ରମୁଖ କଲେଜର ୮୫ ଜଣ ଛାତ୍ରଛାତ୍ରୀଙ୍କ ସହିତ ଖୁସି ମୁହୂର୍ତ୍ତରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ । ଜିଲ୍ଲାରେ ସବୁ କଲେଜ ଠାରୁ ପ୍ରତାପ ଶାସନ ଡିଗ୍ରୀ କଲେଜ ସବୁଠୁ ଅଧିକ ଚମ୍ପିୟାନ ହାସଲ କରିଥିବାରୁ ଅଧକ୍ଷ ଡଃ କାଳନ୍ଦୀ ଚରଣ ସାହୁ କଲେଜର ନୂଆ-ଓ କାର୍ଯ୍ୟକ୍ରମ ନୋଡାଲ ଅଫିସର ଓ ଟିମ ସମେତ ପରିଚାଳନା କମିଟି ସଭାପତି ସମସ୍ତ ସଭ୍ୟ ସଭ୍ୟା,ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଜାନୁଆରୀ ୧୭ରୁ ନୂଆ-ଓ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା

**ବାରିପଦା(ଅମୃତ ମିଡିଆ):** ଯୁବଶକ୍ତିର ବିକାଶ ପାଇଁ ସାରା ରାଜ୍ୟେର ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମର ଅଂଶ ବିଶେଷ ସ୍ୱରୂପ ମୟୂରଭଂଜ ଜିଲ୍ଲାେର ଆଗାମୀ ଜାନୁୟାରୀ ୧୭ରୁ ୨୧ ତାରିଖ ଯାଏଁ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ସଂକ୍ରାନ୍ତେର ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏବଂ



ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତିଙ୍କ ସଂଚାଳନାରେ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୪ଟି ସବ ଡିଭିଜନରୁ ବଛା ଯାଇଥିବା ଖେଳାଳି ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତରେ ଭାଗ ନେବେ ଏବଂ ୨୧ ତାରିଖ ଦିନ ସମସ୍ତ ବିଜେତାଙ୍କୁ ପୁରସ୍କୃତ କରାଯିବ । ସୂଚନା ଅନୁସାରେ, ଏହି ୫ ଦିନ ବ୍ୟାପି ହେବାକୁ ଥିବା କ୍ରୀଡା ପ୍ରତିଯୋଗିତରେ, ଉଭୟ ମହିଳା ଓ ପୁରୁଷ ଫୁଟବଲ, କ୍ରିକେଟ, ଖୋଖୋ, ଭଲିବଲ, କବାଡି ଏବଂ ହକି ଭଳି କ୍ରୀଡା ସାମିଲ ହେବା ସହିତ ଜିଲ୍ଲାର ଅନେକ ପ୍ରତିଭାବାନ କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରାଯିବାର ଆୟୋଜନ ମଧ୍ୟ କରା ଯାଉଛି । ପ୍ରକାଶ ଥାଉକି ରାଇରଙ୍ଗପୁର ସ୍ଥିତ ମହୁଲଡିହା ଏବଂ କେଚରୀ ପଡିଆ ଠାରେ ଫୁଟବଲ ପ୍ରତିଯୋଗିତା ହେବାକୁ ଥିବା ବେଳେ ଚାନ୍ଦୁଆ ଠାରେ ହକି, ବିଶ୍ୱବିଦ୍ୟାଳୟ ପଡିଆ ଠାରେ କବାଡି, ଏମ.କେ.ସି. ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ, ଖୋ ଖୋ, ଏବଂ ବାରିପଦା ଷ୍ଟାଡିଅମ ଠାରେ ଭଲିବଲ ଓ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ସମସ୍ତ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ଦାୟିତ୍ୱ ଅପର୍ଣ କରିଛନ୍ତି । ଉକ୍ତ ବୈଠକେର ସମସ୍ତ ଆଇ.ଟି.ଡ଼ି.ଏ. ର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ, ଦେବାଶିଷ ମହାପାତ୍ର, ଅତିରିକ୍ତ ଏସପି ଉମାଶଙ୍କର ମହାରଣା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ରୂପଭାନୁ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ସହକାରୀ ଅଗ୍ନିଶମ ଅଧିକାରୀ ଭେବେନ୍ଦ୍ରନାଥ ଦେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚମ ସମ୍ଭାଗସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



**ବାଲିଗୁଡ଼ା (ଅମୃତ ମିଡିଆ):** ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୁଲ୍ୟରେ ଶିକ୍ଷା ବିକାଶ ସମିତି ଓଡିଶା ଦକ୍ଷିଣ-ପୂର୍ବ ସମ୍ଭାଗର ଖେଳକୁଦ ସମାରୋହ ଫୁଲବାଣୀ ସ୍ଥିତ ପୋଲିସ ରିଜର୍ଭ ପଡିଆଠାରେ ଉଦ୍ଘାଟିତ ହୋଇ ଯାଇଛି କ୍ଷ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ପାତ୍ର ଡ଼ି ପି ଇ ଓ ,ମୁଖ୍ୟ ବକ୍ତା ଦକ୍ଷିଣ ପୂର୍ବ ସଂଭାଗ ସମ୍ପାଦକ କିରଣ କୁମାର ପାଢୀ , ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ , ଗଂଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ସମେତ କ୍ରୀଡା ପରିଚାଳକ ଉପସ୍ଥିତ ଥିଲେ ।

ଏହି ପ୍ରତିଯୋଗିତାଦୁଇ ଦିନ ଧରି ଚାଲିବ । ଏଥିରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ହୋଇଥିବା କ୍ରୀଡାବିତଙ୍କୁ ନେଇ ଆୟୋଜିତ ହେଉଛି । ଏଥିରେ କୃତକାର୍ଯ୍ୟ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟର ସମ୍ପାଦକ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି ଶିବ ଶଙ୍କର ପାତ୍ର, ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀଙ୍କ ସମେତ ସମସ୍ତ ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଉପସ୍ଥିତ ଥିଲେ । ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ସମାନ୍ତ ରାୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୧୬୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି ।

# ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ବିଜେପି ପ୍ରତିନିଧିଦଳ



**ନୂଆପଡ଼ା (ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲାରେ ମଣ୍ଡି ଆରମ୍ଭ ଠାରୁ ଆଜି ପାର୍ଯ୍ୟନ୍ତ ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଚାଷୀ ମାନଙ୍କୁ କଟନି ଛଟନୀ ରେ ଜିଲ୍ଲରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ବେଳେ ଏହା ଉପରେ ସିବିଆଇ ତଦନ୍ତ କରିବାକୁ ବିଜେପି ପକ୍ଷରୁ ବାରମ୍ବାର ରାଜ୍ୟ ସରକାର ଓ ଜିଲ୍ଲାପ୍ରଶାସନ ଙ୍କୁ ଦାବି କରିଛନ୍ତି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ମିଲର୍ସ ମାନଙ୍କ ସହ ମିଶି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ନେଇ ଆଜି ନୂଆପଡ଼ର ବିଜେପି କୃଷକ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପ ଜିଲ୍ଲାପାଳ ଭୀମସେନ ଶବର ଙ୍କୁ ଜରିଆରେ ଓଡ଼ିଶା ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଜେପି କୃଷକ ମୋର୍ଚ୍ଚାର ଦାବି ଯେ ଓଡ଼ିଶାରେ ଚଳିତ ଖରିଫ ଋତୁରେ ଧାନ କିଣା କାରବାରେ ବ୍ୟପକଭାବେ ଦୁର୍ନୀତି ଓ ଅବ୍ୟବସ୍ଥା ଦେଖା ଦେଇଛି । ମିଲର୍ସ ଓ ପ୍ରଶାସନ ଦଳର ନେତା ଚାଷୀମାରଣ ନୀତି ଯୋଗୁ ଚାଷୀ ଆଜି ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ମଣ୍ଡି ମାନଙ୍କରେ ରାଜ୍ୟ ସରକାରଙ୍କ ତରଫରୁ କିଣାଯାଇଥିବା ଧାନ କ୍ୱିଣ୍ଟାଲପ୍ରତି ୫ରୁ୧୦ କିଜି କଟନିଛଟନ କରାଯାଇଛି । ଚାଷୀଙ୍କ ବସ୍ତା ସୁତୁଲି ଦିଆଯାଇ ନଥିବା ବେଳେ ଧାନ ମଣ୍ଡିରେ ଧାନ ଓଜନ କରିବା ଓ ଅନଲୋଡିଙ୍ଗ କରିବା ନାମରେ କ୍ୱିଣ୍ଟାଲ ପ୍ରତି ୧୦ ଟଙ୍କା ଲେଖାଏଁ ଚାଷୀ ଠାରୁ ଆଦାୟ କରାଯାଇଛି । ନୂଆପଡ଼ା ଜିଲ୍ଲାରେ ବହୁ ମଣ୍ଡିରେ ଭିତ୍ତିଭୂମି ନଥିବାରୁ ଚାଷୀ ମାନଙ୍କ ଧାନ ସୁରକ୍ଷିତ ଭାବେ ରହିପାରୁ ନାହିଁ । ମଣ୍ଡିରେ ଚାଷୀ ମାନଙ୍କ ପାଇଁ ଗୋଦାମ ଘର, ବିଶ୍ରାମ ଘର, ଶୌଚାଳୟ ଓ ପିଇବା ପାଣିର ବ୍ୟବସ୍ଥା ନାହିଁ ବୋଲି ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ବିଜେପି ରାଜ୍ୟ କାର୍ଯ୍ୟକାରେଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ସୁଶାନ୍ତ ପତୀ, ଲାଲାରାମ ସାହୁ, ସନ୍ତୋଷ ସାହୁ, ହେତୁରାମ ସାହୁ, ଜୟଦେବ ହୋତା, ଗୋବିନ୍ଦରାମ ଦଣ୍ଡସେନା ସହ ଚାଷୀ ମାନେ ଉପସ୍ଥିତ ରହିଥିଲେ ।

**ନୂଆପଡ଼ା ଜିଲ୍ଲା**

## ଦୁଇବନ୍ଧୁଙ୍କ ମଧ୍ୟରେ ଝଗଡ଼ା
# କୋଡ଼ିବେଣ୍ଟ ମାଡ଼ରେ ଜଣକର ମୃତ୍ୟୁ



**ବ୍ରହ୍ମପୁର (ଅମୃତ ମିଡିଆ):** ମଦ ପିଇ ଦୁଇବନ୍ଧୁଙ୍କ ମଧ୍ୟରେ ଝଗଡା କୋଡ଼ି ବେଣ୍ଟ ମାଡ଼ରେ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ଗଣ୍ଡଳା ବିଜୟ ପାଣିଗ୍ରାହୀ ଏବଂ ତାଙ୍କ ବନ୍ଧୁ ମଧ୍ୟରେ ବଚସା ହୋଇଥିଲା । ମଦ ନିଶାରେ ବିଜୟ ପାଣିଗ୍ରାହୀଙ୍କ ବନ୍ଧୁ ଉତକ୍ଷିପ୍ତ ହୋଇ ନିକଟରେ ଥିବା ଏକ କୋଡ଼ି ବେଣ୍ଟ ସାହାଯ୍ୟରେ ବିଜୟ ପାଣିଗ୍ରାହୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ବେଳେ ଘଟଣାସ୍ଥଳରେ ହିଁ ବିଜୟ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରୁ ଅଭିଯୁକ୍ତ ଜଣକ ଫେରାର ରହିଥିବା ବେଳେ ସ୍ଥାନୀୟ ଲୋକେ ତୁରନ୍ତ ହିଞ୍ଜିଳି ଥାନାକୁ ଖବର ଦେଇଥିଲେ । ଖବର ପାଇ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ପହଂଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡିକାଲ ପଠାଇଥିବା ବେଳେ ଆସିକା ଏସ୍‌ଡିପିଓ ଏବଂ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ଉପସ୍ଥିତ ରହି ତଦନ୍ତ ଜାରି ରଖିଥିବା ଜଣାପଡିଛି ।

# ଯୁବକଙ୍କ ମେଳରେ ଯୁବ ଦିବସ ପାଳିଲା ଆସ୍ଥାୟାର

**ଆନନ୍ଦପୁର (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପଦ୍ମପୁର ଖେଳପଡିଆଠାରେ ଆସ୍ଥାୟାର ତରଫରୁ ଜାତୀୟ ଯୁବ ଦିବସ ପାଳନ ହେଇଯାଇଛି । ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକର ଅସ୍ଥାୟାର ତରଫରୁ ଆଶୁତୋଷ ରଣା ଯୋଗ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନର ତାତ୍ପର୍ଯ୍ୟ ବୁଝାଇ ତାଙ୍କର ଜୀବନୀ, ଦର୍ଶନ ତଥା ବାଣୀ , ସାମ୍ପ୍ରତିକ ଯୁବ ସମାଜ ପାଇଁ ପ୍ରେରଣା ଦାୟକ ବୋଲି ମତରଖିଥିବା ବଳେ ସମସ୍ତ ଶିଶୁ ଙ୍କୁ ଶିକ୍ଷା ସହ ଯୋଡିବା, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ମୁକ୍ତ କରିବା ବୋଲି ନିଜର ମନ୍ତବ୍ୟ ରେ କହିଥିଲେ କ୍ଷକ୍ଷ ଆଜିର ଏହି ଯୁବ ଦିବସ ଆସ୍ଥାୟାର ତରଫରୁ ଆନନ୍ଦପୁର କ୍ଲଷ୍ଟର, ଶାଳବନି କ୍ଲଷ୍ଟର, ବାଇଲୋ କ୍ଲଷ୍ଟର, ଧକୋଟ କ୍ଲଷ୍ଟର ଏବଂ ଗୟଳମୁଣ୍ଡା କ୍ଲଷ୍ଟର ପାଳନ ହୋଉଥିବା ବଳେ ଯୁବକ ମାନଙ୍କର ମିଳିତ ରେ ପଣସଡ଼ିଆ କ୍ଲଷ୍ଟରେ ଏକ ମଶାଲ ରାଲି ମାଧ୍ୟମରେ ସଚେନତା କରାଯାଇଥିଲା । ଆନନ୍ଦପୁର ବ୍ଲକର ବିଭିନ୍ନ ଜାଗାରେ ଆସ୍ଥାୟାର ତରଫରୁ ହୋଉଥିବା ଆଜିର ଯୁବଦିବସ କାର୍ଯ୍ୟକ୍ରମକୁ ଆନନ୍ଦପୁର ବ୍ଲକ ର ବି ସି ସମୀର ମହାକୁଡ଼, ବି ଏଲ ସି ବିଶ୍ୱଜିତ ପଲେଇ, ଆଇ ସି ଡି ଏସ ଲଳିତା ମହାନ୍ତ, ଏମ ଆଇ ଏସ ଧରମାନନ୍ଦ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍ୱାଭିମାନୀ ରାମକୃଷ୍ଣ
# ଦିବ୍ୟାଙ୍ଗ ହେଲେ ବି ତିନିଚକିଆ ଗାଡିରେ ପରିବା ବିକି ପେଟ ପୋଷୁଛନ୍ତି



**ବ୍ରହ୍ମପୁର(ଅମୃତ ମିଡିଆ):** ତିନିଚକିଆ ଗାଡ଼ି ଗଡୁଚି ତା ସହିତ ଗଡୁଚି ସଂସାର ରଥ ଦୁନିଆ ଭିତରେ ନିଜର ଅକ୍ଷମତାକୁ ନ ଦେଖାଇ ନିଜେ ସ୍ୱାବଲମ୍ବୀ ହେବାର ବାଟ ବାଛିଛନ୍ତି ସିଏ । ସେଥିପାଇଁ ଟ୍ରାଇ ସାଇକେଲ ରେ ଟମାଟ, ଫୁଲ କୋବି, ଝଟା , ବିନ୍ସ , କଲରା ଭଳି ବିଭିନ୍ନ ପରିବା ଧରି ସାହି ସାହି ବୁଲୁଛନ୍ତି । ଆଉ ଯାହା ରୋଜଗାର ହେଉଛି ସେଥିରେ ତାଙ୍କର ପରିବାର ପେଟ ପୋଷିବାରେ ଦୀର୍ଘ ଦିନ ହେଲା ସକ୍ଷମ ହୋଇ ଆସୁଛନ୍ତି । ନିଜକୁ ସ୍ୱାବଲମ୍ବୀ କରିଥିବା ଏହି ଦିବ୍ୟାଙ୍ଗ ବୟସ୍କ ବ୍ୟକ୍ତି ହେଉଛନ୍ତି ଗଞ୍ଜାମ ଜିଲ୍ଲା ସୋରଡା ଏନଏଏସି ୧୧ ନମ୍ବର ଓ୍ୱାର୍ଡର ରାମ କୃଷ୍ଣ ନାୟକ । ରାମ କୃଷ୍ଣ ନାୟକଙ୍କ ଜୀବନ ରେ ଅନେକ ଝଡ଼ ଝଞ୍ଜା ଆସିଥିଲେ ମଧ୍ୟ ସେ ସବୁକୁ ଖାତିର ନ କରି ସେ ନିଜେ ରୋଜଗାର କ୍ଷମ ହେବା ସ୍ୱପ୍ନ ଦେଖିଛନ୍ତି । ନିଜର ଜମି ବାଡ଼ି ବୋଲି କିଛି ନାହି ସରକାରୀ ସହାୟତା କହିଲେ ଭତା ସାତଶହ ଟଙ୍କା ଓ ଚାଉଳ ଯେଉଁଥିରେ ପରିବାରର ପେଟ ପୋଷିବା ବହୁତ କଷ୍ଟକର । ପରିବାର କହିଲେ ସ୍ତ୍ରୀ ଝିଅ କିନ୍ତୁ ଝିଅକୁ ଦୁଃଖ କଷ୍ଟରେ ବାହା ଦେଇ ସାରିଛନ୍ତି । ବର୍ତ୍ତମାନ ଅସହାୟ ଅବସ୍ଥାରେ ବୟସର ଶେଷ ପରିଣତି ରେ ପହଞ୍ଚିଲେ ସୁଦ୍ଧା ନିଜ କର୍ତ୍ତବ୍ୟରୁ ଓହରି ନାହାନ୍ତି ରାମ କୃଷ୍ଣ ନାୟକ । ପ୍ରତେକ ଦିନ ସକାଳ ହେଲେ ଟ୍ରାଇ ସାଇକଲ ଧରି ବାହାରି ପଡ଼ନ୍ତି ପରିବା ଚାଷୀ ଙ୍କ ଠାରୁ ପରିବା କିଣିବା ପାଇଁ ଆଉ ପରିବା କିଣି ପ୍ରତେକ ଗ୍ରାମର ସାହି ସାହି ବୁଲି ପରିବା ବିକନ୍ତି । ସେଥିରୁ ସେ ଦେଡଶହରୁ ଦୁଇଶହ ଟଙ୍କା ଆଦାୟ କରି ପରିବାର ଚଳାଉଛନ୍ତି । ଅପର ପକ୍ଷରେ ରହିବା ପାଇଁ ଘର ଖଣ୍ଡେ ବି ନାହିଁ ସରକାରଙ୍କ ଗରିବ ମାନଙ୍କ ପ୍ରତି ମାଳମାଳ ଯୋଜନା ରହିଥିଲେ ମଧ ସତୁରି ବର୍ଷ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ବିଜୁ ପକା ଘର ଓ ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି । ତେଣୁ ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ନିକଟରେ ସେ ସରକାରୀ ସହାୟତା ପାଇଁ ଅନୁରୋଧ ଜଣାଇଛନ୍ତି ।

# ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ବୈଠକ



**ଭଞ୍ଜନଗର (ଅମୃତ ମିଡିଆ):** ବଡକୋଦଣ୍ଡା ସ୍ଥିତ ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ଠାରେ ଚତୁର୍ଥ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ବୈଠକ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲାପ ପାତ୍ର ଏହାକୁ ଶୁଭାରମ୍ଭ କରିବାପରେ ଶିକ୍ଷକ ସକ୍ଷଜନ ସ୍ୱାଇଁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ସି.ଆର.ସି.ସି ମୋହନ ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ରାଜଶ୍ରୀ ପଟ୍ଟନାୟକ ବୈଠକରେ ଆଗାମୀ ଦଶମ ବୋର୍ଡ ପରୀକ୍ଷାରେ ପ୍ରସ୍ତୁତି, କ୍ଲବ ର କାର୍ଯ୍ୟ, ଦୈନନ୍ଦିନ ସ୍କୁଲ ଆସିବା, ମୋ କଥା ମୋ କାହାଣୀ ମାଧ୍ୟମରେ ଓଡ଼ିଆ ଭାଷାଜ୍ଞାନର ଅଭିବୃଦ୍ଧି, ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିରତା, ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀ ଙ୍କ ଭାଗିଦାର ଉପରେ ବିଷଦ ଆଲୋଚନା କରାଯାଇଥିଲା । ବୈଠକରେ ଏକଶହରୁ ଊର୍ଦ୍ଧ୍ୱ ଅଭିଭାବକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଆଲୋଚରେ ଅଂଶଗ୍ରହଣ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଅନିମା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ସାନମଙ୍ଗ ପଞ୍ଚାୟତରେ ବୁଲିଲା ଜଗନ୍ନାଥ ଅର୍ପଣ ରଥ



**ଆଳି (ଅମୃତ ମିଡିଆ):** ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନ ପାଖେଇ ଆସୁଥିବା ବେଳେ ଆଳି ବ୍ଲକର ବିଭିନ୍ନ ପଞ୍ଚାୟତ ପକ୍ଷରୁ ତତ୍ପରତାର ସହିତ ଜଗନ୍ନାଥ ଅର୍ପଣ ରଥ ପରୀକ୍ରମା କରା ଯାଉଥିବା ଦେଖିବାକୁ ମିଳୁଛି । ଏହି ଅବସରରେ ଆଳି ବ୍ଲକର ମହୁ, ସାନମଙ୍ଗ, ବାଟିପଡା, ପତ୍ରପୁର, ନରେନ୍ଦ୍ରପୁର, ମାଣିକପାଟଣା ଆଦି ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ଗାଁ ଗାଁ ବୁଲୁଛି ।

ମହୁ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟ ଗତ ଶୁକ୍ରବାର ଆରମ୍ଭ ହୋଇ ଶନିବାର ଦିନ ଶେଷ ହୋଇଛି । ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ସମିତି ସଭ୍ୟ ମମତାରାଣୀ ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ଅର୍ପଣ ରଥ ପଞ୍ଚାୟତ ପରୀକ୍ରମା କରିଥିବା ବେଳେ ଗ୍ରାମରେ ସଂକୀର୍ତନ ମଣ୍ଡଳୀର ସଂକୀର୍ତ୍ତନରେ ଜଗନ୍ନାଥ ମୟ ପରିବେଶ ସୃଷ୍ଟି ହୋଇଥିଲ । ଏହି କାର୍ଯ୍ୟକ୍ରମକୁ ଭରତ ଦାସ, ଅକ୍ଷୟ ଭୂୟାଁ,ଆଶିଷ କୁମାର କର,ମାଧବାନନ୍ଦ ଜେନା,ବାଦଲ ପାତ୍ର,ସୁଧାକର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ସାନମଙ୍ଗ ପଞ୍ଚାୟତରେ ସରପଞ୍ଚ ହେମଲତା ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜଗନ୍ନାଥ ଅର୍ପଣ ରଥ ପରିକ୍ରମାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ଯୋଗ ଦେଇଥିଲେ । ଏହି ଅର୍ପଣ ରଥ ସାନମଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ସାନମଙ୍ଗ, ଠାକୁରସାହି ଓ ପାଞ୍ଚଣପଡାରେ ଶେଷ ହୋଇଥିଲା । ଗାଁ ଗାଁ ରେ ଏହି ରଥ ବୁଲିବା ସମୟରେ ମହିଳା ମାନେ ଏହାକୁ ବନ୍ଦାପନା କରି ନିଜ ଗ୍ରାମକୁ ସ୍ୱାଗତ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ, ଅରୁଆ ଚାଉଳ ପ୍ରଦାନ କରିଥିଲେ । ସେହିପରି ନରେନ୍ଦ୍ରପୁର ପଞ୍ଚାୟତରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଘର ଘର ବୁଲି ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଥିବା ବେଳେ ସରପଞ୍ଚ ଇନ୍ଦୁମତୀ ସ୍ୱାଇଁ ଉପସ୍ଥିତ ଥିଲେ । ସେହିପରି ବାଟିପଡା, ପତ୍ରପୁର ପଞ୍ଚାୟତର ପ୍ରତି ଗ୍ରାମରେ ଏହି ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି ।

## ଗଞ୍ଜେଇ ବୋଝେଇ ବୋଲେରୋ ଜବତ
# ଗାଡି ଛାଡ଼ିଦେଇ ମାଫିଆ ଚମ୍ପଟ



**ଜୟପୁର (ଅମୃତ ମିଡିଆ):** ଗଞ୍ଜେଇ ବୋଝେଇ ବୋଲେରୋ ଜବତ ମାଫିଆ ଚମ୍ପଟ ମାରିଛି । ସୂଚନା ଅନୁଯାୟୀ ମାଛକୁଣ୍ଡ ପୋଲିସ ଗଞ୍ଜେଇ ଚୋରା ଚାଲାଣ ରୋକିବା ପାଇଁ ଶଗର ରୋଡ଼ ନିକଟରେ ନାକାବନ୍ଦୀ କରିଥିଲେ । ଦ୍ରୁତ ଗତିରେ ଆସୁଥିବା ବୋଲେରୋ ଗାଡି ପୋଲିସ କୁ ଦେଖି ବ୍ୟାରେକେଟ ଭାଙ୍ଗି ଚମ୍ପଟ ମାରିବାକୁ ଉଦ୍ୟମ କରୁଥିଲା । ପୋଲିସ ପିଛା କରିବା ଦେଖି ନିକଟସ୍ଥ ଜଙ୍ଗଲ ଭିତର କୁ ଯାଇ ଗାଡି ଛାଡି ମାଫିଆ ଫେରାର ହୋଇଯାଇଥିଲା । ପୋଲିସ ଗାଡ଼ିକୁ ଯାଞ୍ଚ କରିବାରୁ ୫ ଟି



ବସ୍ତାରେ ଏକ କୁଇଣ୍ଟାଲ ଗଞ୍ଜେଇ ବାହାର କରିଥିଲା । ଏହି ଗଞ୍ଜେଇ ଆନ୍ଧ୍ରପ୍ରଦେଶରୁ ଓଡିଶା ଦେଇ ବାହାର ରାଜ୍ୟ କୁ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି । ଜବତ ଗଞ୍ଜେଇର ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ବୋଲେର ରେ ଲାଗିଥିବା ନମ୍ବର ପ୍ଲେଟ କୁ ଯାଞ୍ଚ କରିବା ପାରେ ଗାଡି ମାଲିକ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଭାରସାମ୍ୟ ହରାଇ ଓଲଟିଲା ଧାନବୋଝେଇ ଟ୍ରାକ୍ଟର
# ଜଣେ ଶ୍ରମିକ ମୃତ, ଜଣେ ଆହତ



**ଛତ୍ରପୁର (ଅମୃତ ମିଡିଆ):** ଧାନ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟିଲା, ଯାହାଫଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଶ୍ରମିକ ଗୁରୁତର ଆହାତ ହୋଇ ବ୍ରହ୍ମପୁର ମେଡିକାଲ ରେ ଭର୍ତ୍ତି ଚିକିତ୍ସା ହେଉଛନ୍ତି, ମୃତ ଶ୍ରମିକ ଜଣକ ହେଲେ ସୁନ୍ଦରପୁର ଗ୍ରାମ ବାଲି ସାହିର ରାମ ନାୟକ ଏବଂ ଗୁରୁତର ଆହତ ଶ୍ରମିକ ଜଣକ ହେଲେ ବାଲି ସାହିର ସାଗର ନାୟକ ବୋଲି ସୁନ୍ଦରପୁର ଗ୍ରାମ ପଂଚାୟତ ର ସରପଞ୍ଚ ଗଗନ କୁମାର ବେହେରା ସୂଚନା ଦେଇଛନ୍ତି, ମିଳିଥିବା ସୂଚନା ଅନୁସାରେ ସୁନ୍ଦରପୁର ଗ୍ରାମ ରୁ ଧାନ ବୋଝେଇ ହୋଇଥିବା ଏକ ଟ୍ରାକ୍ଟର କରାପଲ୍ଲୀ ମିଲକୁ ଯାଉଥିବା ବେଳେ ବଳରାମ ପୁର ଓ କରାପଲ୍ଲୀ ମଝିରେ ରାସ୍ତାରେ ଭରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଖସିପଡ଼ିଥିଲା, ଯାହାଫଳ ରେ ଟ୍ରାକ୍ଟର ରେ ଥିବା ଦୁଇ ଜଣ ଶ୍ରମିକ ଟ୍ରାକ୍ଟର ତଳେ ଚାପି ହୋଇଯା ଇଥିଲା, ଏହା ଖବର ପାଇ ସରପଞ୍ଚ ଗଗନ କୁମାର ବେହେରା ଘଟଣା ସ୍ଥଳରେ ପହଁଚି ଅଂଚଳବାସୀ ଙ୍କ ସହଯୋଗ ରେ ଜେସିବି ଯୋଗେ ଦୁଇଜଣ ଶ୍ରମିକ ଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ ବ୍ରହ୍ମପୁର ମେଡିକାଲ କୁ ପଠାଇଥିଲେ, ସେଠାରେ ଉପସ୍ଥିତ ଡାକ୍ତର ରାମ ନାୟକ ଙ୍କୁ ମୃତ ଘୋଷଣା କରିଥିଲେ ।



# ପଞ୍ଚାୟତରେ ଖୋଲିଲା ଧାନମଣ୍ଡି




**ଦଶରଥପୁର(ଅମୃତ ମିଡିଆ):** ଦଶରଥପୁର ବ୍ଲକ ଅଧିନସ୍ଥ ରାହାଶୋଇ ପଂଚାୟତସ୍ଥିତ ମା ବୋଉଳାନୀ ସ୍ୱୟଂ ସହାୟକ ଗୋଷ୍ଠୀ, ଜଗନ୍ନାଥପୁର ପକ୍ଷରୁ ଧାନ ବିକ୍ରୟ କେନ୍ଦ୍ର (ମଣ୍ଡି) ଉଦଘାଟିତ ହୋଇଯାଇଛି । ଏହି ସମୟରେ ସଂଘର ସଭାପତି ଲିଶାରାଣୀ ପଣ୍ଡା ଓ ସମ୍ପାଦିକ ପ୍ରଭାସିନୀ ପଣ୍ଡାଙ୍କ ସମେତ ସଂଘର ସମସ୍ତ ସଦସ୍ୟା ମାନେ ଉପସ୍ଥିତ ଥିଲେ । ଆରଏମସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୬ ହଜାର କୁଇଂଟାଲ ଧାନ କିଣିବା ପାଇଁ ଟାର୍ଗେଟ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଏଫ କ୍ୟୁ ମାନର ଧାନ ଦର ୨୧୮୩ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏ ଗ୍ରେଡ଼ ଧାନର ଦର ୨୨୦୩ ଟଙ୍କା ସ୍ଥିର କରାଯାଇଛି ।

# ବଳଦେବ ଉଚ୍ଚବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳନ




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରାତନ ବିଦ୍ୟାଳୟ ବଳଦେବ ଉଚ୍ଚ ବିଦ୍ୟାଳୟରେ ୟୁଥ୍ ଆଣ୍ଡ ଇକୋ କ୍ଲବ୍ ସୌଜନ୍ୟରେ ପବିତ୍ର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ସଭାପତିତ୍ୱ କରି ଜାତୀୟ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ମୁଖ୍ୟ ଅତିଥି ଭାବେ ଆଲୁମୁନି ଅଦୈତ ପ୍ରସାଦ ଦାସ ଓ ମୁଖ୍ୟବକ୍ତା ଭାବରେ ବ୍ରଜସୁନ୍ଦର ଦାସ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ତର୍କ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗିମାନଙ୍କୁ ଅତିଥି ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜଶ୍ରୀ ଆଚାର୍ଯ୍ୟ, ଝରଣା ମହାପାତ୍ର, ସନ୍ତୋଷୀ ରାଉତ, ପ୍ରଜ୍ଞାସ୍ମିତା ନାୟକ, ମୀନତି ଦାସ, ବିଶ୍ୱଜିତା ସେନାପତି, ଗୀତାଞ୍ଜଳି ବେହେରା, କଳ୍ପନା ଲେଙ୍କା ଓ କ୍ଷୀରୋଦ ପରିଡା ପ୍ରମୁଖ ଶିକ୍ଷକ/ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ତପନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାକ୍ତନ ଛାତ୍ର ଦେବଦାସ ମହାନ୍ତି ଓ ରାଜକିଶୋର ତ୍ରିପାଠୀଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ଯୁବ ସଂକଳ୍ପ ସମାବେଶ




**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ନିଶ୍ଚନ୍ତକୋଇଲି ବ୍ଲକ କୁଳିଆ ଠାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଯୁବ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରି ସବୁ ଦୃଷ୍ଟିରୁ ୨୦୩୬ ସୁଦ୍ଧା ସମୃଦ୍ଧଶାଳୀ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ବିଜେପି ପକ୍ଷରୁ ଯେଉଁ ଆହ୍ୱାନ ଦିଆଯାଇଛି ତାହାକୁ ସଫଳ କରିବା ନିମନ୍ତେ ଯୁବଗୋଷ୍ଠୀ ଏକତ୍ରିତ ହେବାର ଆବଶ୍ୟକତା ରହିଛି ଏବଂ ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଓ ସମ୍ପନ୍ନ ଓଡ଼ିଶା ନିର୍ମାଣ କରିବା ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । କଟକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଦେବଦତ୍ତ କର ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ଅନ୍ୟତମ ଅତିଥି ଭାବେ ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ,ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ନୟନ ମହାନ୍ତି,କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା,ପ୍ରଦୀପ ପଟ୍ଟନାୟକ,ତୁଷାରକାନ୍ତ ଚକ୍ରବର୍ତ୍ତୀ, ଭୁବନମୋହନ ଜେନା, ମାହାଙ୍ଗା ବିଜେପି ନେତା ଶାରଦା ପ୍ରଧାନ,ମାହାଙ୍ଗା ବିଧାନସଭା କ୍ଷେତ୍ରର ୨୪ଜଣିଆ ଯୁବ ଟିମ୍ ଙ୍କ ସମେତ କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, କଟକ ଜିଲ୍ଲା ସମ୍ପାଦକ ବିବେକାନନ୍ଦ ବେହେରା, ନାରୀ ନେତ୍ରୀ କନକଲତା ବେହେରା, କମଳା ବସ୍ତିଆ , ଜୋନ୍ ସଭାପତି ରଂଜନ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ନେଇ ମୁଣ୍ଡବିନ୍ଧା

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କେତେକ ବିଶୃଙ୍ଖଳିତ ଛାତ୍ରୀଙ୍କ ଅସଦ ଆଚରଣ ଯୋଗୁଁ ସାରା ମହାବିଦ୍ୟାଳୟ ବିଶୃଙ୍ଖଳିତ ହୋଇପଡିଛି । ଏହି ଘଟଣା କଲେଜ ଅଧକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଘଟଣା ଅନୁଯାଇ ବର୍ତ୍ତମାନ ମହାବିଦ୍ୟାଳୟରେ ଚାଲି ଥିବା ସରକାରଙ୍କ ନୂଆ 'ଓ' ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଗତକାଲି ସନ୍ଧ୍ୟାରେ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା । ସେତିକି ବେଳେ ମହାବିଦ୍ୟାଳୟର ଜନୈକ +୩ ଛାତ୍ରୀ ଏକ ଉତେଜନା ସୃଷ୍ଟିକାରୀ ଡ୍ରେସ ପିନ୍ଧି ସେହି କାର୍ଯ୍ୟକ୍ରମରେ ଡ୍ୟାନ୍ସ କରିବାକୁ ଜିଦ ଧରିଥିଲେ । ଏଭଳି ଡ୍ୟାନ୍ସକୁ ଦାୟୀତ୍ୱରେ ଥିବା ଅଧାପିକାଙ୍କ ସମେତ କାର୍ଯ୍ୟକ୍ରମର ବିଚାରପତିମାନେ ବି ଅନୁମତି ପ୍ରଦାନ କରିନଥିଲେ । ଫଳରେ ସଂପୃକ୍ତ ଛାତ୍ରୀ ଜଣଙ୍କ ସେହି ଅଧାପିକାଙ୍କ ସମେତ ଅନ୍ୟ ଜଣେ ଅଧାପିକାଙ୍କୁ ଗାଳି ଗୁଲଜ କରି ସେଠାରୁ ଚାଲି ଯାଇଥିଲେ । ଆଜି ସେ ସମ୍ପର୍କରେ ମହାବିଦ୍ୟାଳୟ ଅଧକ୍ଷଙ୍କ ଚାମ୍ବରରେ ସଂପୃକ୍ତ ଅଧାପିକାମାନେ ଘଟଣା ବିଷୟରେ କଲେଜ ଅଧକ୍ଷ ଅଶୋକ କୁମାର ଦାସଙ୍କୁ ଜଣାଇଥିଲେ । ଏସମ୍ପର୍କରେ ସେଠାରେ ଆଲୋଚନା ଚାଉଲିଥିବା ବେଳେ ସଂପୃକ୍ତ ଛାତ୍ରୀ ଜଣଙ୍କ ପୁନର୍ବାର ସେହି ଅଧାପିକାମାନଙ୍କୁ ଆଙ୍ଗୁଳି ଦେଖାଇ ବିଭିନ୍ନ ଆପତ୍ତିଜନକ କଥା କହିଥିଲେ । ଫଳରେ ସମାଧାନ ହେବାକୁ ଯାଉଥିବା ଘଟଣାଟି ଭିନ୍ନ ରୂପ ନେଇଥିଲା । ସେହି ସମୟରେ ଅଧକ୍ଷଙ୍କ ଚାମ୍ବର ବାହାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥନରେ କେତେକ ଅଣଛାତ୍ର ଅତ୍ୟନ୍ତ ଅଶ୍ଳିଳ ଭାଷାରେ ବଡ ପାଟିରେ ଗାଳି ଗୁଲଜ କରିବାରେ କଲେଜ ପକ୍ଷରୁ ଟାଉନ ଥାନାକୁ ଘଟଣା ବିଷୟରେ ଟେଲିଫୋନ ଯୋଗେ ଜଣାଇ ଦିଆଯାଇଥିଲା । ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାରେ ପାଟି କରୁଥିବା ଅଣଛାତ୍ରମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ । ସୂଚନା ଅନୁଯାୟୀ ଆଜି ସେହି ଘଟଣାର କୌଣସି ସମାଧାନ ହୋଇ ପାରି ନାହିଁ । ସଂପୃକ୍ତ ଦୁଇ ଅଧାପିକାଙ୍କୁ ଲିଖିତ ଭାବରେ ଘଟଣା ସମ୍ପର୍କରେ ଜଣାଇବାକୁ କଲେଜ ଅଧକ୍ଷ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ୨୭ତମ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମାଜିକ କର୍ମୀ ବିଷ୍ଣୁଚରଣ ମହାପାତ୍ର ଯୋଗଦେଇ ବିବେକାନନ୍ଦଙ୍କ ଶିକ୍ଷାଦାନ ଏବଂ ଆନ୍ତର୍ଜାତୀୟ ସଂହତିରେ ଯୁବକମାନଙ୍କ ଭୂମିକା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏହି ସଭାରେ ଯୁବ ରେଡ୍‌କ୍ରସ୍‌ର ପରାମର୍ଶଦାତା ଅଧାପକ ବିକାଶ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସାଂପ୍ରତିକ ସମୟରେ ଦେଶ ଗଠନରେ ଯୁବକମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଯୁବ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୁବ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା କଲେଜ ପରିସରକୁ ସଫେଇ କରାଯାଇଥିଲା । ଏଥିସହିତ ସ୍ୱେଚ୍ଛାସେବୀମାନେ ନିଶା ନିବାରଣ ପାଇଁ ଶପଥ ପାଠ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀ ଗୋପୀନାଥ ତ୍ରିପାଠୀ, ସୁବାଶିଷ ମହାରଣା, ସନ୍ଧ୍ୟାରାଣୀ ରାୟ, ବିଜ୍ଞାନ ବେଜ୍ ପ୍ରମୁଖ ପରିଚାଳନା କରିଥିଲେ ।

# ରେସଓ୍ୱା ଅନ୍ତେବାସୀଙ୍କୁ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଂଟନ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରେସ୍‌ଓ୍ୱା ଅନ୍ତେବାସୀଙ୍କୁ ଆଜି କମ୍ବଳ ବଣ୍ଟନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମିରଟସ୍ ପ୍ରଫେସର ଡଃ ଦେବେନ୍ଦ୍ର କୁମାର ଦାସ ଗରାପୁର ସ୍ଥିତ ରେସ୍‌ଓ୍ୱା ସ୍ୱାଧାର ଗୃହରେ ପହଞ୍ଚି ଅନ୍ତେବାସୀମାନଙ୍କୁ କମ୍ବଳ ବଣ୍ଟନ କରିବା ସହିତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ । ରେସ୍‌ଓ୍ୱାର ନିର୍ଦ୍ଦେଶକ ସେକ୍ ଲିୟାକତ୍ ହୋସେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ନଳିନୀ ବିହାରୀ ମହାନ୍ତି, ପରିଚାରିକା ମିନତୀ ମହାରଣା ଓ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅମିତ୍ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ ବାଣିଜ୍ୟ ବିଭାଗ ମୁଖ୍ୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନରଞ୍ଜନ ଦାସଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ନୂତନ ବିଭାଗୀୟ ମୁଖ୍ୟ ପ୍ରାଧାପିକା ୱାଇ. ପଦ୍ମାବତୀ, ଅଧାପକ ଡ. ସୁରେଶ ଚନ୍ଦ୍ର ଦାସ, ବିକାଶ କୁମାର ନାୟକ, ମନୋଜ ପ୍ରଧାନ, ବିଭବ କୁମାର ମହାନ୍ତି, ଚିତ୍ତରଞ୍ଜନ ମଲ୍ଲ, ଅଧାପିକା ରଞ୍ଜିତା ଗଡସରା, ଆର୍ଯ୍ୟସ୍ମିତା କର, କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଡ. ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଡ. ଦାସଙ୍କ କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱବୋଧ ସମ୍ପର୍କରେ ଅବତାରଣା କରି ତାଙ୍କର କେନ୍ଦ୍ରାପଡା ମହାବିଦ୍ୟାଳୟର କାର୍ଯ୍ୟକାଳ ସମୟର ବିଭିନ୍ନ ଘଟଣାକୁ ଅବଲୋକନ କରିଥିଲେ । ଏହି ଅବସରରେ ଡ. ଦାସଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ତାଙ୍କର ଏକ ଚିତ୍ରକୃତି ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗୋପୀନାଥ, ଆଶୁତୋଷ, ସୁପ୍ରଭା ପ୍ରମୁଖ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆଜି ମୟୂରଭଞ୍ଜ ଆସୁଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**ବେତନଟୀ(ଅମୃତ ମିଡିଆ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଆସୁଛନ୍ତି ଆସନ୍ତାକାଲି ରେଳମନ୍ତ୍ରୀ ମମତାପାଳରେ ବି.ଏସ.ଏନ.ଏଲ ମୋବାଇଲ ଟାୱାର ଏବଂ ବେତନଟୀ ରେଳ ଷ୍ଟେସନରେ ଦିଘ୍ର ଦିନରୁ ଅପେକ୍ଷାରେ ଥିବା ଅଞ୍ଚଳବାସୀଙ୍କ ପାଇଁ ଅଣ୍ଡାର ପାସ୍ ର ଶିଳାନ୍ୟାସ କରିବା ସହ ବେତନଟୀ ଷ୍ଟେସନରେ ଅନଲାଇନ ଟିକଟ ସଂରକ୍ଷଣ ପାଇଁ କଂପ୍ୟୁଟର କରଣ ଶୁଭ ଉଦଘାଟନ କରିବେ । ଆୟୋଜିତ ସଭାରେ ସାଧାରଣ ଜନତାଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସଭାରେ ବାଲେଶ୍ୱର ସାଂସଦ ପ୍ରତାପଷଢ଼ଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳି ସମେତ ରେଲୱେ ଅଧିକାରୀଗଣ ଉପସ୍ଥିତି ରହିବେ । ଶାନ୍ତି ଶୃଙ୍ଗଳା ପାଇଁ ଜିଆରପି ଏବଂ ପୁଲିସ ମୃତୟନର ବ୍ୟବସ୍ଥା କରାଯାଇଛି ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



**କଟକ(ବ୍ୟୁରୋ):** ଚଳିତବର୍ଷ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବରେ ପାଳନ କରାଯିବ । ଏହି ଜାତୀୟ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଏଥିସହ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ସହ ପୂର୍ଣ୍ଣ ସହଯୋଗ କରିବେ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ନରହରୀ ସେଠୀ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଯୋଗଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ଉପନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ ବିଭାଗ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,କଟକ ଶ୍ରୀ ଲଲାଟେନ୍ଦୁ ମହାପାତ୍ର ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ଏଥିସହ ସଂପୃକ୍ତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମର ସର୍ବସଫଳତା ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ସାଧାରଣତନ୍ତ୍ର ଦିବସ ବାରବାଟୀ ଷ୍ଟାଡିୟମ ପଡିଆରେ ପାଳନ କରାଯିବ । ଏହାର ପ୍ରବେଶ ପଥ କ୍ଲବ ହାଉସ ଦେଇ ଉତ୍ସବସ୍ଥଳକୁ ସଂଯୋଗ କରିବ । ସକାଳ ୮ ଘଟିକା ୩୫ ମିନିଟ ସମୟରେ ମୁଖ୍ୟଅତିଥି ଐତିହାସିକ ବାରବାଟୀ ଷ୍ଟାଡିୟମ୍ ପଡିଆରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିବେ । ସାଧାରଣତନ୍ତ୍ର ଦିବସରେ ଜନପ୍ରତିନିଧି ବୃନ୍ଦ, ନିମନ୍ତ୍ରିତ ଅତିଥି, କୃତୀପ୍ରତିଯୋଗୀ, ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମାରୋହକୁ ନିମନ୍ତ୍ରିତ କରାଯିବ । ପୋଲିସ ପ୍ଲାଟୁନ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ଗୁଡିକର ଜାତୀୟ ସମର ଶିକ୍ଷାର୍ଥୀବାହିନୀ ଓ ସିଭିଲିୟାନ ଛାତ୍ରଛାତ୍ରୀମାନଙ୍କୁ ପରେଡରେ ଅଂଶଗ୍ରହଣ କରିବେ । ସମର ଶିକ୍ଷାର୍ଥୀ ବାହିନୀ ଦଳଙ୍କ ନିମନ୍ତେ କମାଣ୍ଡିଂ ଅଫିସର ଆବଶ୍ୟକୀୟ ନିର୍ଦ୍ଦେଶନାମା ମହାବିଦ୍ୟାଳୟ ଓ ବିଦ୍ୟାଳୟକୁ ପ୍ରେରଣ କରିବେ । ସେହିଭଳି ସିଭିଲିୟାନ ଦଳଙ୍କ ପରେଡରେ ଯୋଗଦାନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ସମନ୍ୱୟ ରକ୍ଷା କରିବେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବାପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱ ଯଥା ସ୍ୱାସ୍ଥ୍ୟ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ପୁଲିସ ବିଭାଗ ଅଧିକାରୀ ଓ କର୍ମଚାରୀ, କଟକ ମହାନଗର ନିଗମର ସଫେଇ ଓ ପରିମଳ କର୍ମଚାରୀ ତଥା ବାହାନଗା ରେଳ ଦୁର୍ଘଟଣାରେ ପୀଡିତମାନଙ୍କୁ ଉଲ୍ଲେଖନୀୟ ସେବା ଯୋଗାଇଦେଇଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ଏତଦଭିନ୍ନ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀପ୍ରତିଯୋଗୀମାନଙ୍କୁ ଉତ୍ସବରେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଏତଦଭିନ୍ନ ଜନସାଧାରଣଙ୍କ ମଧ୍ୟରେ ଜାତୀୟଚେତନା ଉଦ୍ରେକ କରିବା ଉଦ୍ଦେଶ୍ୟରେ ଦିବସର ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ ପରିବେଷଣ କରାଯିବ । ସକାଳ ୯ ଘଟିକା ସମୟରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିପରି ଐତିହ୍ୟମଣ୍ଡିତ ବାରବାଟୀ ଦୁର୍ଗର ମୁଖ୍ୟ ପ୍ରବେଶଦ୍ୱାର, ସ୍ୱରାଜ ଆଶ୍ରମ, କର୍ମବୀର ଗୌରିଶଙ୍କର ରାୟ ଟାଉନହଲ, ସହିଦ ଭବନ, କଲେକ୍ଟୋରେଟ, ମହାନଗର ନିଗମ କାର୍ଯ୍ୟାଳୟ, ପଢିଆରୀ ପାଠାଗାର ଓ ସୂଚନା କେନ୍ଦ୍ର ଇତ୍ୟାଦି ସ୍ଥାନମାନଙ୍କରେ ଆଲୋକିକରଣ ଓ ସହରରେ ବିଭିନ୍ନ ପ୍ରବେଶପଥମାନଙ୍କରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତୋରଣ ନିର୍ମାଣ କରିବା ନିମନ୍ତେ କଟକ ମହାନଗର ନିଗମ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଅନୁରୋଧ କରାଯାଇଛି । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ କଟକ ମହାନଗର ନିଗମ , ବିଦ୍ୟୁତ ସରବରାହ ସଂସ୍ଥା(ଝଚଉଡଂଉଖ), କଟକ ପୂର୍ବ ପ୍ରଭାଗ-୧, ଅଗ୍ନିଶମ ସେବା କାର୍ଯ୍ୟାଳୟ, ୱାଟକୋ କାର୍ଯ୍ୟାଳୟ, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ, ପୋଲିସ କମିଶନରେଟ ଅଧିକାରୀମାନଙ୍କୁ ନ୍ୟସ୍ତ ଦାୟିତ୍ୱ ସୂଚାରୁ ରୂପେ ସଂପାଦନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ରାଜ୍ୟ ନିରାମୟ ଯୋଜନାର ପ୍ରମୁଖ ପରାମର୍ଶଦାତା ତଥା ଅଧକ୍ଷ ଓଡିଶା ମୋ ପରିବାର,କଟକ ଶାଖା ଡଃ. ରଞ୍ଜନ କୁମାର ବିଶ୍ୱାଳ, ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ବରିଷ୍ଠ ସାମ୍ବାଦିକ ଶ୍ରୀ ରମଣୀ ରଞ୍ଜନ ଦାସ,ମିଳିତ ଜାତିସଂଘ ଓଡିଶା ଶାଖା ସଂଯୋଜକ ଶ୍ରୀ ଦୀପାୟନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶ୍ରୀ ଶିବ ଟୋପୋ, ଅତିରିକ୍ତ ଉପ-ଆୟୁକ୍ତ ପୋଲିସ କମିଶନରେଟ,କଟକ ଏସ.କେ. ସରିଫୁଉଦ୍ଦୀନ, କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର,ଡେପୁଟୀ କମିଶନର,କଟକ ମହାନଗର ନିଗମ ଶ୍ରୀ ସୁକାନ୍ତ ଚନ୍ଦ୍ର ବେଉରା, ସହକାରୀ ନିର୍ବାହୀଯନ୍ତ୍ରୀ ପୂର୍ତ୍ତ ପ୍ରଭାଗ-୧ ଇଂ ଦେବେନ୍ଦ୍ର ମିଶ୍ର ,ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ଲୋକନାଥ ପାତ୍ର,କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ ,କଟକ ମହାନଗର ଶାନ୍ତି କମିଟି ସଂପାଦକ ଶ୍ରୀ ଭିକାରି ଦାସ ଉପସ୍ଥିତ ଥିବାବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ଉତ୍ସବ ପାଳନ ସହ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୪ର୍ଥ ପର୍ଯ୍ୟାୟରେ ୫-ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

**ଭଞ୍ଜନଗର (ଅମୃତ ମିଡିଆ):** ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ହାଇସ୍କୁଲ ରୂପାନ୍ତରଣ ଯୋଜନାର ୪ର୍ଥ ପର୍ଯ୍ୟାୟରେ ଜଗନ୍ନାଥ ପ୍ରସାଦ ବ୍ଲକ ର ବି.ଡିପୁର ଗ୍ରାମପଞ୍ଚାୟତର ଚନ୍ଦ୍ର ଶେଖର ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ହାଇସ୍କୁଲ ର ଲୋକାର୍ପଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ କୁ ୫ଟି ଓ ନବୀନ ଓଡିଶା ଅଧକ୍ଷ ଭି.କେ ପାଣ୍ଡିଆନ୍ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ କନ୍ଧମାଳ ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ବିପ୍ର ଚରଣ ବାରିକ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏହି ଅଭିନବ ପ୍ରୟାସ ଆନ୍ତରିକ କୃତଜ୍ଞତା ଜଣାଇବା ସହ ମାନ୍ୟବର ଅର୍ଥ ମନ୍ତ୍ରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ ଧନ୍ୟବାଦ ଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପାଠପଢ଼ିବା ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଲେବ୍ରୋଟରୀ, ଉତ୍ତମ ଟଏଲେଟ୍, ପାନୀୟ ଜଳର ବ୍ୟବସ୍ଥା ସାଙ୍ଗକୁ ଖେଳପଡ଼ିଆ ରହିଛି । ଯାହାଫଳରେ ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବରୁ ସରକାରୀ ବିଦ୍ୟାଳୟକୁ ଆସିବାକୁ ଅମଙ୍ଗ ହେଉଥିଲେ ସେମାନେ ବିଦ୍ୟାଳୟକୁ ଆସିବା ନିମନ୍ତେ ଆଗଭର ହେବେ । ବିଦ୍ୟାଳୟର ଏଭଳି ରୂପାନ୍ତରୀକରଣକୁ ନେଇ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଶିକ୍ଷକ,ଶିକ୍ଷୟତ୍ରୀଙ୍କ ମହଲରେ ମଧ୍ୟ ଆନନ୍ଦର ଲହରୀ ଦେଖିବାକୁ ମିଳିଛି ।ଘରୋଇ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କ ଅଧିକ ଦୁର୍ବଳତା ରହିଥିବା ବେଳେ ଘରୋଇ ବିଦ୍ୟାଳୟରେ ଯେଉଁ ସବୁ ସୁବିଧା ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଛି ଠିକ୍ ସେହିପରି ସୁବିଧାର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ବିଦ୍ୟାଳୟର ରୂପାନ୍ତରୀକରଣ ହେବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସରକାରୀ ବିଦ୍ୟାଳୟରେ ପାଠପଢ଼ିବା ନିମନ୍ତେ ଉତ୍ସାହ ବଢ଼ିବ । ପୂର୍ବରୁ କଳାପଟାରେ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ପାଠ ପଢ଼ାଉଥିଲେ । ତାହାକୁ ଛାତ୍ରଛାତ୍ରୀମାନେ ମନେ ରଖିବା ସହ ନିଜର ନୋଟ୍‌ବୁକ୍‌ରେ ଲେଖୁଥିଲେ । କିନ୍ତୁ ବର୍ତ୍ତମାନ ଆଉ କଳାପଟା ନୁହେଁ । କଳାପଟାରେ ସ୍ଥାନରେ ଛାତ୍ରଛାତ୍ରୀ ମାନେ ପାଠ ପଢିବେ ଇପସ୍ମାର୍ଟ୍ ବୋର୍ଡ଼ । ତାହାକୁ ଛାତ୍ରଛାତ୍ରୀମାନେ ମନେ ରଖିବା ସହଜ ହୋଇଯିବ ।ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି । ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡିଶା ଗଠନର ଭିତ୍ତିସ୍ଥାପିତ ହେବ । ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ ରୂପାନ୍ତର ଆଣିଥାଏ ବୋଲି ନିଜର ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟାକ୍ରମେ ରେ ସରପଞ୍ଚ ଶ୍ରମତି ରଶ୍ମିତା ସାହୁ,ସମିତି ସଭ୍ୟା ଶ୍ରୀମତୀ ଗୀତାରାଣୀ ବାରିକ, ପୂର୍ବତନ ସମିତି ସଭ୍ୟ ଅମିର କୁମାର ସ୍ୱାଇଁ, ସରପଞ୍ଚ ପ୍ରତିନିଧି ଶିଶିର କାନ୍ତ ସାହୁ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରମୋଦ କୁମାର ଗୌଡ଼ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ ତତ୍ୱାଧିକାରୀ ଶ୍ରୀ ସୁଶାନ୍ତ କୁମାର ସାହୁ, ସଂସ୍କୃତ ଶିକ୍ଷୟତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର, ହିନ୍ଦୀ ଶିକ୍ଷୟତ୍ରୀ ଶ୍ରୀମତୀ ନମିତା କୁମାରୀ ପାଳ, ଖେଳ ଶିକ୍ଷୟତ୍ରୀ ପ୍ରତିମା କୁମାରୀ ରଥ,ପ୍ରଭାତ କୁମାର ବାରିକ, ବିଦେଶୀ ଖଟେଇ, ଜିତେନ୍ଦ୍ର ରଥ, ମଧୁସୂଦନ କର ସମତେ ୩୦୦ ଉର୍ଦ୍ଧ ଛାତ୍ର ଛାତ୍ରୀ ୨୦୦ ଉର୍ଦ୍ଧ ଅଭିଭାବକ ଓ ସାଧାରଣ ଲୋକ ଏଥିରେ ଯୋଗଦେଇ ଥିଲେ । ସନ୍ଧ୍ୟା ସମୟ ରେ ହାଇସ୍କୁଲ ର ଚାରିପାଖରେ ରଙ୍ଗ ବେରଙ୍ଗ ସୁସଜିତ ଆଲୋକମାଳା ହାଇସ୍କୁଲ ସୌନ୍ଦର୍ଯ୍ୟ କୁ ବଢାଇବା ସହ ଏହାର ରମଣିୟ ଦୃଶ୍ୟ ଜନସାଧାରଣ ଙ୍କୁ ଅକୁଷ୍ଟ କରିବା ସହ ସଂସ୍କୃତିକ କାର୍ଯ୍ୟକ୍ରମ ଜନସାଧାରଣ ଙ୍କ ମନ ମୋହିଥିଲା ।





# ମୋଟରସାଇକେଲ ଧକ୍କାରେ ଯୁବକଙ୍କ ମୃତ୍ୟୁ



**ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁଳସାହି ଗ୍ରାମନିକଟରେ ରାସ୍ତାରୁ ବ୍ୟକ୍ତିଙ୍କ ମୃତ୍ୟୁ ଦେହ ଶନିବାର ସକାଳୁ ଉଦ୍ଧାର ହୋଇଛି । ସୂଚନା ମୁତାବକ ତାଳଦା ଦେବୀ ନଦୀକୂଳରେ ଯାତ୍ରା ହେଉଥିବାରୁ ଶୁକ୍ରବାର ରାତ୍ର ୯ଘଟିକାରେ ନିଜ ଘର ଗାରେହି ଗ୍ରାମର କୁମରବିଶ୍ୱାଳ (୫୧)ଯାତ୍ରା ଦେଖିବାକୁ ଆସିଥିଲେ । କିନ୍ତୁ ଶନିବାର ଦିନ ମୃତଦେହ ଉଦ୍ଧାର ପରେ ମୃତ କୁମର ବିଶ୍ୱାଳଙ୍କ ଭାଇ ରବୀନ୍ଦ୍ର ବିଶ୍ୱାଳ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଶନିବାର ସକାଳ ୫ଘଟିକାରେ ଖବର ପାଇଥିଲେ ଯାତ୍ରା ଦେଖି ଘରକୁ ଚାଲି ଚାଲି ଫେରୁଥିବା ସମୟରେ କୌଣସି ବ୍ୟକ୍ତି ମଟର ସାଇକେଲ ଧକ୍କା ଦେବାରୁ ସେହିଠାରେ ରାସ୍ତା ପାର୍ଶ୍ୱରେ ପଡି ମୃତ୍ୟୁ ହୋଇଛି ବୋଲି । କିନ୍ତୁ ମୋଟରସାଇକେଲ ଚାଳକ କିଏ, ଗାଡି ନମ୍ବର କେତେ ତାହା ଏ ପର୍ଯ୍ୟନ୍ତ ପରିଚୟ ମିଳିପାରିନଥିବା ବେଳେ ଅସ୍ତରଙ୍ଗ ପୋଲିସ ଘଟଣା ସ୍ଥଳରେ ପହଂଚି ଅସ୍ତରଙ୍ଗ ଥାନା କେଶ ନମ୍ବର ୦୯/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଦର୍ଶନଶାସ୍ତ୍ର ବିଭାଗର ଆଲୋଚନାଚକ୍ର

**କେନ୍ଦ୍ରାପଡା (ଅମୃତ ମିଡିଆ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ "କ ର୍ବ୍ୟ ଓ ସାଧୁତା" ଉପରେ ଏକଦିବସୀୟ ଆଲୋଚନାଚକ୍ର ବିଭାଗୀୟ ସେମିନାର ହଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଦର୍ଶନଶାସ୍ତ୍ର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଆସୋସିଏଟ ପ୍ରଫେସର ଡ. ସରୋଜକାନ୍ତ କର ଯୋଗଦେଇ ଜଣେ ଛାତ୍ରର କ ର୍ବ୍ୟ ଓ ଦାୟୀତ୍ୱ କ'ଣ ରହିବା ଉଚିତ, ଦାୟୀତ୍ୱ, କ ର୍ବ୍ୟ ଏବଂ ସାଧୁତା ମଧ୍ୟରେ କି ପ୍ରକାର ସମ୍ପର୍କ ରହିବା ଉଚିତ, କ ର୍ବ୍ୟ ଓ ସାଧୁତା ପରସ୍ପର ପରିପୁରକ, ଛାତ୍ର ଜୀବନର ମୌଳିକ କ ର୍ବ୍ୟ କ'ଣ ହେବା ଆବଶ୍ୟକ, ଜଣେ ଛାତ୍ରର କି କି ଗୁଣ ରହିବା ଉଚିତ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଶୀମଦ୍ ଭାଗବତ ଗୀତା ଅନୁଯାୟୀ ଆମର ଧର୍ମ ଏବଂ ସଦଗୁଣ କ'ଣ ହେବା ଆବଶ୍ୟକ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ଏହାପରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉ ର ପ୍ରଦାନ କରିଥିଲେ ଡ. କର । ଶେଷରେ ଦର୍ଶନଶାସ୍ତ୍ର ବିଭାଗର ଅଧ୍ୟାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଆ ହାଇସ୍କୁଲ ୧୯୮୧ ବ୍ୟାଚର ବନ୍ଧୁମିଳନ

**କେନ୍ଦ୍ରାପଡା (ଅମୃତ ମିଡିଆ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆ ହାଇସ୍କୁଲର ୧୯୮୧ ମାଟ୍ରିକ ବ୍ୟାଚର ୩୫ତମ ବନ୍ଧୁମିଳନ ଉତ୍ସବ ଜମଧର ପଞ୍ଚାୟତର ଜ ିଲୋ ସ୍ଥିତ ରାମଦାସ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୁରାତନ ଛାତ୍ର ରାଜକିଶୋର ଲେଙ୍କାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅମିୟ ନାୟକ, ଅଭୟ ନାୟକ, ସୁବାଷ ନାୟକ, ଅଶୋକ ରାଉତ, ରାମନାରାୟଣ ତ୍ରିପାଠୀ, ମନୋଜ ବାରିକ, କିଶୋର ସ୍ୱାଇଁ, ବିଜୟ ନାୟକ, ସଞ୍ଜୟ ମଲ୍ଲ, ଶ୍ରୀକାନ୍ତ ସାମଲ, ପ୍ରଦୀପ ସାହୁ, ଶ୍ରୀକାନ୍ତ ବାରିକ, ଜୟଦେବ ନାୟକ, ଲଳିତମୋହନ ପଟ୍ଟନାୟକ ପ୍ରମୁଖ ପୁରାତନ ଛାତ୍ରମାନେ ଯୋଗଦେଇ ସେହି ପୁରୁଣା ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ସ୍ୱାଇଁ, ଧନେଶ୍ୱର ସ୍ୱାଇଁ, ଅରକ୍ଷିତ ସେଠୀ, ରାଜକିଶୋର ସାହୁ, ସନ୍ତୋଷ ମୁଦୁଲି, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରାକ୍ତନ ଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅନ୍ତର୍ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ସାହାଦତ ଖାନ୍ ସମ୍ବର୍ଦ୍ଧିତ




**କେନ୍ଦ୍ରାପଡା (ଅମୃତ ମିଡିଆ):** ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଫେରିଥିବା କୁନି ଧାବକ ସାହାଦତ ଖାନକୁ କେନ୍ଦ୍ରାପଡାରେ ଉଚ୍ଛୋସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସାହାଦତ ନେପାଳରୁ ଫେରି ଦୁହୁରିଆ ନିକଟରେ ପହଞ୍ଚିବା ପରେ ସେଠାରୁ ଏକ ସୁସଜ୍ଜିତ ଗାଡିରେ ତାକୁ ଏକ ବିରାଟ ପଟୁଆରରେ ସହର ମଧ୍ୟ ଦେଇ ପୁରୁଣା ବସଷ୍ଟାଣ୍ଡକୁ ପାଛୋଟି ଅଣାଯାଇଥିଲା । ସେଠାରେ ବିଭିନ୍ନ କ୍ରୀଡା ଅନୁଷ୍ଠାନ ସମେତ ସାମାଜିକ ସଂଗଠନ ଗୁଡିକ ପକ୍ଷରୁ ମଧ୍ୟ ଅନ୍ତର୍ଜାତୀୟ କ୍ରୀଡାବିତ ସାହାଦତ ଖାନଙ୍କୁ ଉଚ୍ଛୋସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନେପାଳର ପୋଖରା ରଙ୍ଗଶାଳାର ଅନ୍ତର୍ଜାତୀୟ ଷ୍ଟାଡିୟମରେ ସ୍ପୋର୍ଟ୍ସ ଡେଭଲପମେ ଆଣ୍ଡ ପ୍ରମୋସନ ଫାଉଣ୍ଡେସନ ଅଫ ଇଣ୍ଡିଆ ପକ୍ଷରୁ ତିନିଦିନ ଧରି ଆୟୋଜିତ ଷଷ୍ଠ ଇଣ୍ଡୋ -ନେପାଳ ଇ ରନେସନାଲ ଚମ୍ପିୟନସିପ୍‌ରେ ଭାରତରୁ ୧୦୩ଜଣ ପ୍ରତିଯୋଗୀ ଭାଗନେଇଥିବା ବେଳେ ଓଡିଶାରୁ ୬ଜଣ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଓଡିଶାର ବିକାଶ ବେହେରା ଭଲିବଲରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ସେକ ସାକିର କବାଡିରେ ରୌପ୍ୟ, ମାନସରଞ୍ଜନ ପିଙ୍ଗୁଆ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ, ବିଶ୍ୱଜିତ ପଣ୍ଡା ୫ହଜାର ମିଟରରେ ରୌପ୍ୟ, ସୁମିତ କୁମାର ଏକଶହ ମିଟରରେ ସ୍ୱର୍ଣ୍ଣ, ସାହାଦତ ଖାନ ୫ହଜାର ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହି ଚମ୍ପିୟନସିପରେ ଭାରତର ସର୍ବକନିଷ୍ଠ ଖେଳାଳୀ ଭାବେ ସାହାଦତ ଖାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ସୁନାମ ଅର୍ଜନ କରିଥିବାରୁ ସ୍ପୋର୍ଟ୍ସ ଡେଭଲପମେ ଆଣ୍ଡ ପ୍ରମୋସନ ଆସୋସିଏସନର ସଭାପତି ପ୍ରତାପ ସଂଗ୍ରାମ କେଶରୀ ବଳ ଓ ସମ୍ପାଦକ ତଥା କୋଚ ଜଗଦୀଶ ସାମଲ ସମସ୍ତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କୁନିଧାବକ ସାହାଦତର ପିତା ସୌକତ ଖାନକୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହିତ ସମସ୍ତ ଖେଳାଳୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ଅବସରରେ ବଡହାଟସ୍ଥିତ ଆପେକ୍ସ ଆଙ୍ଗଲୋ ଆରବିକ ସ୍କୁଲ ପକ୍ଷରୁ ଛାତ୍ର ତଥା ଅନ୍ତର୍ଜାତୀୟ ଖେଳାଳି ସାହାଦତ ଖାନକୁ ଉଚ୍ଛୋସିତ ସମ୍ବିର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ସ୍କୁଲ ପରିସରରେ ବିଦ୍ୟାଳୟର ଅଧକ୍ଷ ସାୟରା ପରଭିନଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କାକଟମଙ୍ଗଳା କ୍ଲଷ୍ଟରର ସି.ଆର.ସି.ସି. ଦେବାଶିଷ ସାହୁ, ବିଶିଷ୍ଟ ଅତିଥି ଭାବେ ପୋଲିସ ମୁଖ୍ୟାଳୟର ଡିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ ଉପନଗରପାଳ ଅକ୍ତରୀ ଖାତୁନ, ଆଥଲେଟିକ ଆସୋସିଏସନର ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ହାବିଲଦାର ନରେନ୍ଦ୍ର ନାଥ ସୋରେନ, ମଦ୍ରାସା ଆରବିୟା ତାଲିମୁଲ ଇସଲାମ୍‌ର ସଭାପତି ମୀର ହାସିମୁଲ୍ଲା ପ୍ରମୁଖ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ର ସାହାଦତ ଖାନଙ୍କ ସମେତ ରାଜ୍ୟର ଦୁଇଜଣ ଖେଳାଳି ବିଶ୍ୱଜିତ ପଣ୍ଡା ଓ ସେକ ସାକିରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଗଞ୍ଜେଇ ଜବତ, ଜଣେ ଗିରଫ



**ଭଞ୍ଜନଗର (ଅମୃତ ମିଡିଆ):** ସ୍ଥାନୀୟ ପୋଲିସ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିବା ସହ ତାଠାରୁ ଏକ ଗଞ୍ଜେଇ ଭର୍ତ୍ତି ଅଖା ଜବତ କରିଛି । ସଂପୃକ୍ତ ବ୍ୟକ୍ତିଙ୍କ ନାମ କୈଳାସ ବେହେରା ଓ ଘର ପୁରୁଷୋତ୍ତମପୁର କନକ ସାହି ବୋଲି ଜଣାପଡିଛି । ଶୁକ୍ରବାର ସନ୍ଧ୍ୟାରେ କୈଳାସ ନିକଟସ୍ଥ ସୋରାଦେବୀ ମନ୍ଦିର ରାସ୍ତାରେ ଅତ୍ୟନ୍ତ ସନ୍ଦେହ ଜନକ ଅବସ୍ଥାରେ ଏକ ଅଖା ବସ୍ତା ଧରି ଠିଆ ହୋଇଥିବା ବେଳେ ଏସଂପର୍କରେ କେହି ଜଣେ ସ୍ଥାନୀୟ ପୋଲିସ କୁ ଖବର ଦେଇଥିଲେ । ଆଉ ଖବର ପାଇବା ପରେ ମୁଜାଗଡ ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ଏସଆଇ ମୋହନ କହଁର ତୁରନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କୈଳାସ କୁ ଧରିବା ସହ ସେ ଧରିଥିବା ଅଖାକୁ ଚେକ୍ କଲାବେଳେ ସେଥିରେ ଗଞ୍ଜେଇ ଥିବା ଜାଣିଥିଲେ । ପରେ ଏସଂପର୍କରେ ସେ ଥାନା ଅଧିକାରୀ ଭଗବାନ ପୂଜାରୀ ଙ୍କୁ ସୂଚନା ଦେଇଥିଲେ ।

ପରେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ କୁ ଓଜନ କରାଯାଇଥିବା ବେଳେ ଏଥିରେ ମୋଟ ୨୨ କେଜି ୪୯୦ ଗ୍ରାମ ଗଞ୍ଜେଇ ଥିବା ସ୍ପଷ୍ଟ ହୋଇଥିଲା । ଏସଂପର୍କରେ ଭଞ୍ଜନଗର ଥାନାରେ ୩୫/୨୪ ପ୍ରକାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ କୈଳାସ ବେହେରା କୁ ଶନିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଭଗବାନ ପୂଜାରୀ ଙ୍କ ସୂତ୍ରରୁ ଜଣାପଡିଛି ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣା ପଲ୍ଲୀ ଅଞ୍ଚଳର ସେବା ନିବୃତ୍ତ ଶିକ୍ଷକ ଓ କର୍ମଚାରୀ ବିକାଶ ମଞ୍ଚର ପୂର୍ବତନ ସଭାପତି ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସାହୁଙ୍କ ମୃତ୍ୟୁର ଦ୍ୱାଦଶାହ ଶ୍ରାଦ୍ଧ ଦିବସରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ତାଙ୍କର ବାସସ୍ଥାନ ଶୀତଳା ପଲ୍ଲୀ ଠାରେ ଆୟୋଜିତ ହୋଇ ଯାଇଛି ।ମଞ୍ଚର ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଓଡିଶା .ସେବାନିବୃତ୍ତ ଶିକ୍ଷକ ଓ କର୍ମଚାରୀ ବିକାଶ ମଞ୍ଚର ଗଞ୍ଜାମ ଜିଲ୍ଲା ସଭାପତି କାମରାଜୁ ମହାରଣା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସରଳତା,ଶିକ୍ଷାଦାନରେ ନିଷ୍ଠାପରତା ତଥା ଅବସର ପ୍ରାପ ମଞ୍ଚ ଗଠନରେ ତାଙ୍କର ଭୂମିକା ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚର ପୂର୍ବତନ ସଭାପତି ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ ବିଷୋୟି,ଦିବାକର ପଟ୍ଟନାୟକ,ସଂପାଦକ ପତିତପାବନ ବିଷୋୟି ଗ୍ରାମ କମିଟୀ ସଭ୍ୟ ରାମନାଥ ପ୍ରଧାନ,ତ୍ରିପତି ପ୍ରଧାନ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ଗୁଣଗାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।ପ୍ରଥମେ ଦିବଂଗତ ଆତ୍ମାର ସଦ୍ଗତି ପାଇଁ ଦୁଇ ମିନଟ ନୀରବ ପ୍ରାଥନା କରାଯାଇ ପୃଷ୍ପାଞ୍ଜଳୀ ଅର୍ପଣ କରାଯାଇଥିଲା ।

# ୯ ଓ ୧୧ନଂ ୱାର୍ଡରେ କମ୍ପିଉଠିଲା ଜୟ ଜଗନ୍ନାଥ ଧ୍ୱନି : ସଂଗ୍ରହ ହେଲା ଗୁଆ - ଅକ୍ଷତ

## ଘରକୁ ଘର ବୁଲି ମାଗିଲେ ଛତ୍ରପୁର ବିଧାୟକ , ଦୁଇଟି ୱାର୍ଡର କାଉନସିଲର ଓ ଜନପ୍ରତିନିଧିଗଣ

### ଗଞ୍ଜାମ ଏସ୍‌ପିଙ୍କ ବାସଭବନରେ ଜୟ ଜଗନ୍ନାଥ ଅର୍ପଣ ରଥ କୁ ଭବ୍ୟ ସମ୍ବର୍ଦ୍ଧନା



**ଛତ୍ରପୁର (ଅମୃତ ମିଡିଆ):** ଓଡିଶାରେ ଶ୍ରୀ ଜଗନ୍ନାଥ ସଂସ୍କୃ ତି ର ସଂରକ୍ଷଣ, ସୁରକ୍ଷା ଏବଂ ପ୍ରଚାର-ପ୍ରସାର , ଓଡିଶା ସରକାରଙ୍କ 'ଆମ ଓଡିଶା ନବୀନ ଓଡିଶା' ଯୋଜନାର ଅନ୍ୟତମ ଅଂଶବିଶେଷ ଓ ଏହି କ୍ରମେ ଜାନୁୟାରୀ ୧୭ତାରିଖ ଦିନ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ନିର୍ମିତ ଐତିହାସିକ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ । ଏହି ପରିପ୍ରେକ୍ଷୀରେ ଜୟ ଜଗନ୍ନାଥ ଅର୍ପଣ ରଥ ଘର କୁ ଘର ବୁଲି ଭକ୍ତଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରୁଛନ୍ତି । ଗଂଜାମ ଜିଲ୍ଲାର ଛତ୍ରପୁର ଏନଏସି ଅନ୍ତର୍ଗତ ୯ ଓ ୧୧ନଂ ୱାର୍ଡ ରେ ଭକ୍ତିମୟ ପରିବେଶରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିବା ସହ ବନ୍ଦାପନା ପରେ ଏକ ବିରାଟ ଶୋଭାଯାତ୍ରାରେ ଅର୍ପଣ ରଥ ବାଜା ବାଜଣା, ଯୋଡି ଶଙ୍ଖ, ଭଜ କୀର୍ତ୍ତନ ସହ ଜୟ ଜଗନ୍ନାଥ ଧ୍ୱନିରେ ବାହାରି ପ୍ରଥମେ ୯ନଂ ୱାର୍ଡର କାଉନସିଲର ପ୍ରିତିଛନ୍ଦା ସାମଲଙ୍କ ନେତୃତ୍ୱରେ ବ୍ୟାଙ୍କ କଲୋନୀ ଠାରୁ ରଥକୁ ପୂଜା ଅର୍ଚ୍ଚନା କରାଯାଇ ୱାର୍ଡର ଘର କୁ ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ପରେ ୧୧ନଂ ୱାର୍ଡର କାଉନସିଲର ସନ୍ତୋଷୀ ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ବେରେକସାହି ସ୍ଥିତ ଶ୍ରୀଗଣେଷ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ମୂର୍ତ୍ତି ରଖି ଧୁମଧାମରେ ପୂଜା ଅର୍ଚ୍ଚନା କରାଯାଇଥିଲା । ସେଠାରୁ ଅର୍ପଣ ରଥ ବାହାରି ୱାର୍ଡ ର ବିଭିନ୍ନ ସାହି କୁ ପରିକ୍ରମା ଘର କୁ ଘର ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ଏହି ସମୟରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରଭୂ ଜଗନ୍ନାଥଙ୍କ ପ୍ରତି ପ୍ରବଳ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ୯ନଂ ୱାର୍ଡର କାଉନସିଲର ଶ୍ରୀମତି ସାମଲଙ୍କ ନେତୃତ୍ୱରେ ସମସ୍ତ ଜନପ୍ରତିନିଧୀ ଓ ଶ୍ରଦ୍ଧାଳୁ ମାନେ ଗଂଜାମ ଏସପିଙ୍କ ବାସଭବନକୁ ଯାଇ ଏସପି ଜଗମୋହନ ମୀନା ଏବଂ ତାଙ୍କ ପତ୍ନୀଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ସେଠାରେ ମଧ ଜୟ ଜଗନ୍ନାଥ ଅର୍ପଣ ରଥ କୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଥିଲା । ଉଭୟ ଦୁଇଟି ୱାର୍ଡରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଘରକୁ ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୂରୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି.ପାପା ରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି.ରାଜୁବାବୁ , ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ଆଇନଜିବୀ ରଂଜନ ମହାପାତ୍ର, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ଯୁବ ବିଜେଡି ଗଂଜାମ ଏସନଏସି ସଭାପତି ସୁଧୀର ପାଢି, ଯୁବ ବିଜେଡି ଜିଲ୍ଲା ନେତା ଶମ୍ଭୁନାଥ ସ୍ୱାଇଁ, ଅକ୍ଷୟ ସ୍ୱାଇଁ ଓ ରାଜେଶ କୁମାର ମହାରଣା, ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ଛତ୍ରପୁର ବିଜୁ ଆଇନ ସାମ୍ମୁଖ୍ୟର ସଭାପତି ସୁରେଶ କୁମାର ପଣ୍ଡା , ଉପସଭାପତି ସିମାଞ୍ଚଳ ମହାପାତ୍ର ଓ ଭୈରବୀ କୁମାର ପଟ୍ଟନାୟକ, ଏଲ.ଗୋପାଳ ରାଓ, ଆଇନଜିବୀ ପ୍ରଶାନ୍ତ କୁମାର ଶତପଥୀ, ପୁଳିନ ବିହାରୀ ପଟ୍ଟନାୟକ ଓ ଟି ,ମୋହନ ରେଡ୍ଡୀ,କାଉନସିଲର ଦେବାଶିଷ ମିଶ୍ର, ବି.ନିର୍ମଳା, ମମତା ପାତ୍ର, ଏମ. ୱାଣୀ ସେନାପତି, ଟି.ଗଣେଶ ରେଡ୍ଡୀ, ଅମରେଶ କୁମାର ମହାରଣା, କେ.ରମେଶ , ଅରୁନ୍ଧତି ରେଡ୍ଡୀ ଓ ସୁମନ୍ତ ନାହାକ, ଯୁବ ନେତା କିଶୋର ବେହେରା, ସପନ ନାହାକ, ମିଟୁ ବେହେରା ଙ୍କ ସମେତ ମିଶନ ଶକ୍ତି ସଦସ୍ୟା, ସ୍ୱଚ୍ଛସାଥୀ, ଏନଏସିର ବହୁ କର୍ମଚାରୀ ଏବଂ ଶହ ଶହ ଭକ୍ତ ମାନେ ସାମିଲ ଥିଲେ । ସ୍ଥାନୀୟ ଶ୍ରୀ ଗୌରୀ ଶଙ୍କର ମନ୍ଦିର ନିକଟଥିବା ହନୁମାନ ବିଗ୍ରହ ଠାରେ ମନ୍ଦିର କମିଟି ଓ ଲାଇନ୍ସ କ୍ଲବ ପକ୍ଷରୁ ଯୁବ ବିଜେଡି ସଭାପତି ତଥା ପୂର୍ବତନ କାଉନସିଲର ଟି.ଚନ୍ଦ୍ରଶେଖର ରାଓଙ୍କ ତତ୍ୱାବଧାନରେ ଜୟ ଜଗନ୍ନାଥ ଅର୍ପଣ ରଥ କୁ ସ୍ୱାଗତ କରାଯିବା ସହିତ ଭୋଗର ପୂଜା ଅର୍ଚ୍ଚନା ମଧ କରାଯାଇଥିଲା ।

# ତିନିଦିନିଆ 'ଗ୍ଲୋରି ଫେଷ୍ଟ-୨୦୨୪' ବେଳାଭୂମୀରେ ଉଦ୍‌ଯାପିତ

- ଗ୍ଲୋରି କୁଇନ୍ ମୁକୁଟ ପିନ୍ଧିଲେ ଯମୁନା ସୋନୱାଲ
- ବିଶ୍ୱଜିତ ମହାପାତ୍ରଙ୍କ ଗୀତରେ ଝୁମିଲେ ଦର୍ଶକ
- ବେଳାଭୂମୀରେ ଜମିଲା ଉଦ୍‌ଯାପନୀ ଉତ୍ସବ

**ପୁରୀ(ବ୍ୟୁରୋ):** ଶ୍ରୀକ୍ଷେତ୍ର ଅଗ୍ରଣୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ତିନିଦିନିଆ 'ଗ୍ଲୋରି ଫେଷ୍ଟ୍-୨୦୨୪' ଶୁକ୍ରବାର ବେଳାଭୂମୀରେ ଉଦଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଅଧକ୍ଷ ଓଞ୍ଚଉଉ ସମ୍ବିତ ପାତ୍ର, ବିଧାୟକ ଜୟନ୍ତ ଷଡଙ୍ଗୀ,ଶଙ୍କର ପରିଡା ,ପ୍ରଭାସ ମହାନ୍ତି,ହୋଟେଲିଅର ରାଜ କିଶୋର ପାତ୍ର ଯୋଗଦେଇଥିଲେ ।ଏହି ଦିବସର ମୁଖ୍ୟ ଆକର୍ଷଣ ଥିଲେ ଇଣ୍ଡିଆନ ଆଇଡଲ ୨୦୧୮ ବର୍ଷ ର ଫାଇନାଲିଷ୍ଟ ବିଶ୍ୱଜିତ ମହାପାତ୍ର ଓ ସୋନାମ ଦାସ। ଏମାନଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ । ବେଳାଭୂମୀର ଶିତୁଆ ସନ୍ଧ୍ୟାକୁ ବିଶ୍ୱଜିତଙ୍କ ଗୀତ ଦର୍ଶକଙ୍କୁ ମୋହିତ କରିଥିଲା । କାର୍ଯ୍ୟକ୍ରମକୁ ଆଙ୍କର ପିୟୂଷ ଓ ଦୁର୍ଗା ସଂଯୋଜନା କରିଥିଲେ। ତିରୁପତି ବିଶ୍ୱବିଦ୍ୟାଳୟର ଯମୁନା ସୋନୱାଲ ଚଳିତବର୍ଷ ଗ୍ଲୋରି କୁଇନ୍-୨୦୨୪ ମୁକୁଟ ପିନ୍ଧିଛନ୍ତି। ଗ୍ଲୋରିକୁଇନ୍‌ର ପ୍ରଥମ ରନର୍ସଅପ ପୁରୀ ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଛାତ୍ରୀ ଟୀଶା ମିଶ୍ର, ଦ୍ୱିତୀୟ ରନର୍ସଅପ ହାଇଟେକ କଲେଜ ଭୁବନେଶ୍ୱରର ଛାତ୍ରୀ ଅଭିଲିପ୍ସା ନାୟକ ସ୍ଥାନ ହାସଲ କରିଛନ୍ତି। ଏହାସହ ରାଉରକେଲା ସରକାରୀ ମହାବିଦ୍ୟାଳୟ ଦଳଗତ ଚମ୍ପିୟନ ଟ୍ରଫି ହାତେଇଥିବାବେଳେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନ ,ପୁରୀର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଟ୍ୟାଲେଣ୍ଟ ଅଫ୍ ଦି ୟର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟିମକୁ ଶୃଙ୍ଖଳିତ ଦଳ ଭାବେ କରାଯାଇଛି। ଏହାସହ ଅନ୍ୟାନ୍ୟ ୦୭ ଗୋଟି ବିଭାଗରେ ଅନୁଷ୍ଠିତ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଛି ।ଏହି ଉତ୍ସବରେ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ କ୍ୟାମ୍ପସ, ଏସ୍‌ସିଏସ୍ ସ୍ୱଂୟଶାସିତ ମହାବିଦ୍ୟାଳୟ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ, ଆଞ୍ଚଳିକ ଡ଼ିଗ୍ରି କଲେଜ ଢେଙ୍କାନାଳ, ହାଇଟେକ୍ କଲେଜ ଅଫ୍ ନର୍ସିଂ, ହାଇଟେକ୍ ସ୍କୁଲ୍ ଅଫ ନର୍ସିଂର ୨୭୫ରୁ ଊର୍ଦ୍ଧ୍ୱ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ତଥା ଗ୍ଲୋରି ଫେଷ୍ଟ୍-୨୦୨୪ର ଅଭ୍ୟର୍ଥନା କମିଟିର ଅଧକ୍ଷ ଜୟନ୍ତ କୁମାର ଷଡଙ୍ଗୀ, ଗୌରହରି ପ୍ରଧାନ, ଅନୁଷ୍ଠାନର ଅଧକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧକ୍ଷ ରାଜେଶ କୁମାର ମହାନ୍ତି, ଉପାଧକ୍ଷ ରାକେଶ ସାମଲ, ଯୁଗ୍ମ-ଉପାଧକ୍ଷ ହରପ୍ରସାଦ ବିଶ୍ୱାଳ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସଂଗଠନ ସଂପାଦକ ସୌମ୍ୟ ରଞ୍ଜନ ମିଶ୍ର, କୋଷାଧକ୍ଷ ଜଗମୋହନ ଚୌଧୁରୀ, ସାଂସ୍କୃତିକ ସଂପାଦକ ଦାମୋଦର ଶତପଥୀ, ସମାଜସେବା ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ରଥଶର୍ମା,ଶିବ ଶଙ୍କର ପ୍ରଧାନ,ପ୍ରଦୀପ ପରିଡା,ଆଲୋକ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସାହି ଆଖଡ଼ାର ପାରମ୍ପରିକ ନୃତ୍ୟରେ କମ୍ପିଲା ବଡ଼ଦାଣ୍ଡ







**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ର ଲୋକାର୍ପଣ ଚଳିତ ମାସ ୧୭ ତାରିଖରେ ଅନୁଷ୍ଠିତ ହେବ ।ଗତକାଲି ଶ୍ରୀଗଜପତି ମହାରାଜା ଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ପାଇଁ ରାଜଗୁରୁ ଙ୍କୁ ଆଚାର୍ଯ୍ୟ ବରଣ କରାଯାଇ ଯଜ୍ଞଶାଳାରେ ଅଙ୍କୁରାରୋପଣ ପୂଜନ କରାଯାଇଥିଲା ।ଆଜି ଯଜ୍ଞଶାଳାରେ ଅଙ୍କୁର ପୂଜନ କରାଯାଇଥିଲା ।ଲୋକାର୍ପଣ ଦିନ ଯେତିକି ପାଖେଇ ଆସୁଛି ସାଧାରଣ ରେ ସେତିକି ଉତ୍କଣ୍ଠା ଓ ଉତ୍ସାହ ପରିଲକ୍ଷିତ ହେଉଛି ।ପ୍ରତ୍ୟେକ ଚାହୁଁଛନ୍ତି ସେମାନେ ମଧ୍ୟ ମହାପ୍ରଭୁଙ୍କ ଏହି ଭବ୍ୟ କାର୍ଯ୍ୟକ୍ରମ ରେ ନିଜକୁ ସାମିଲ କରିବେ ।ଆଜି ପୁରୀ ର ଆଠ ସାହି ଆଖଡା ମଧ୍ୟରୁ କାଳୀକା ଦେବୀ ସାହି ଓ ମାଟି ମଣ୍ଡପ ସାହି ସେମାନଙ୍କ ସାଂସ୍କୃତିକ ଓ ସମରକଳା ପ୍ରଦର୍ଶନ କରିଥିଲେ ।ପୁରୀ ର ଆଖଡା ଓ ଜାଗା ଘରର ସଂସ୍କୃତି ବହୁ ପ୍ରାଚୀନ ।ଏହି ଆଖଡା ଓ ଜାଗା ଘରର ପ୍ରଶିକ୍ଷିତ ସଦସ୍ୟ ମାନେ ଶ୍ରୀମନ୍ଦିର କୁ ବାହ୍ୟ ଆକ୍ରମଣ ରୁ ସୁରକ୍ଷା ଦେବା ପାଇଁ ନିୟୋଜିତ ଥିଲେ ।ବିଭିନ୍ନ ସମରକଳା ରେ ପ୍ରଶିକ୍ଷିତ ଓ ସମୃଦ୍ଧ ଏହି ଜାଗା ଘର ସେନା ଭାବେ କାର୍ଯ୍ୟ କରୁଥିଲେ ।ସେହି ପାରମ୍ପରିକ କଳା ଓ ଐତିହ୍ୟ କୁ ବଞ୍ଚାଇ ରଖିବାକୁ ସରକାର ଓ ପ୍ରଶାସନ ସହଯୋଗ ମଧ୍ୟ କରୁଛନ୍ତି ।ତାହାର ପୁନରୁଦ୍ଧାର ଓ ବିଭିନ୍ନ ଆବଶ୍ୟକୀୟ ଉପକରଣ ଦ୍ୱାରା ଜାଗା ଘର ଗୁଡିକ ତାହାର ଐତିହ୍ୟକୁ ସମୃଦ୍ଧ କରିପାରିଛି। ଆଜିର ସମାରୋହରେ ନାଗା,ଦୂର୍ଗା, କାଳୀ,ଗଣେଶ ମେଢ଼ ସହ ଘୋଡାନାଚ, ଓଡିଶୀ, ଘଣ୍ଟ, ସଂକୀର୍ତ୍ତନ ଇତ୍ୟାଦି ସାମିଲ ହୋଇଥିଲା ।ଉଭୟ ସାହି ସେମାନଙ୍କ ନିଜ ସାହି ପରିକ୍ରମା କରି ସିଂହ ଦ୍ୱାରରେ ପହଞ୍ଚି ଥିଲେ ।ପରେ ଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇ ପୁନଶ୍ଚ ସିଂହ ଦ୍ୱାର ହୋଇ ସାହିକୁ ପ୍ରତ୍ୟାବର୍ତ୍ତନ କରିଥିଲା ।ହଜାର ହଜାର ଲୋକ ଏହି ପାରମ୍ପରିକ ସୁନ୍ଦର କାର୍ଯ୍ୟକ୍ରମ କୁ ଉପଭୋଗ କରୁଥିଲେ ।ଉଭୟ ସାହିର ମୁରବି, ସ୍ୱଚ୍ଛାସେବୀ ଅତ୍ୟନ୍ତ ଶୃଙ୍ଖଳା ର ସହ ଏହି ଶୋଭାଯାତ୍ରା କୁ ସମ୍ପନ୍ନ କରାଇଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର

# ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡିଥିବା ବେଳେ ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଶନିବାର ପୁରୀ ଗସ୍ତରେ ଆସି ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ଶନିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ଶ୍ରୀମନ୍ଦିର ପରିକ୍ରମାର ଚାରିପାଖ ବୁଲି ସମସ୍ତ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ ମୁଖ୍ୟ ଶାସନ ସଚିବ। ତେବେ ସବୁ କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟ ଶାସନ ସଚିବ। ଶ୍ରୀମନ୍ଦିର ଚାରିପାଖରେ ଲାଗିଥିବା ଆକର୍ଷଣୀୟ ଲାଇଟିଂ ବ୍ୟବସ୍ଥା କିଭଳି ବଜାୟ ରହିପାରିବ ସେନେଇ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା



କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମହାପ୍ରଭୁଙ୍କ ଇଚ୍ଛାରେ ହୋଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି ମୁଖ୍ୟ ଶାସନ ସଚିବ। ଏଥିପାଇଁ ଜମି ଦାନ କରିଥିବା ପରିବାରକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟ ସଚିବ। ତେବେ ଶ୍ରୀମନ୍ଦିର ଚାରିପାଖକୁ ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ସେ ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀମନ୍ଦିରକୁ ଆସିବା ପାଇଁ ଏବେ ଦୁଇଟି ରାସ୍ତା ହୋଇଥିବା ସେ କହିଛନ୍ତି। ବଡ଼ଦାଣ୍ଡ ସହିତ ଭକ୍ତମାନେ ନବନିର୍ମିତ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପାର୍କିଂ ରେ ଗାଡ଼ି ରଖି ଶ୍ରୀମାର୍ଗ ଦେଇ ସିଧାସଳଖ ଶ୍ରୀମନ୍ଦିର କୁ ଆସିପାରିବେ। ଭକ୍ତମାନେ ଖୁବ୍ କମ୍ ସମୟରେ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଭକ୍ତଙ୍କ ଯାତାୟତ ପାଇଁ ସମଙ୍ଗ ପାର୍କିଂ ରୁ ଜଗନ୍ନାଥ ବଲ୍ଲଭ, ଜଗନ୍ନାଥ ବଲ୍ଲଭରୁ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ଯାଏଁ ବ୍ୟାଟେରୀ ଚାଳିତ ବସ୍ ଏବଂ ହାଲୁକା ଯାନ ମଧ୍ୟ ଚଳାଚଳ କରିବ। ଭକ୍ତମାନେ ନିଜ ଗାଡ଼ିକୁ ପାର୍କିଂ ରେ ରଖି ଏହି ବ୍ୟାଟେରୀ ଚାଳିତ ଗାଡ଼ିରେ ଯାତାୟତ କରିପାରିବେ। ସବୁ କାର୍ଯ୍ୟ ଶେଷ ହୋଇଥିବା ବେଳେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ଏବେ ସମସ୍ତଙ୍କ ଅପେକ୍ଷା ଥିବା କହିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯଜ୍ଞ ମଣ୍ଡପ ନିକଟରେ ଥିବା ସ୍ୱତନ୍ତ୍ର ଗୃହରେ ଅଙ୍କୁର ପୂଜନ



**ପୁରୀ(ବ୍ୟୁରୋ):** ଉତ୍ସବମୁଖର ଶ୍ରୀକ୍ଷେତ୍ର। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଝଲସୁଛି ପୁରୀ ସହର । ପ୍ରତିଷ୍ଠା ଉତ୍ସବ ପାଇଁ ଆରମ୍ଭ ହୋଇଯାଇଛି ପୂଜାର୍ଚ୍ଚନା । ଯଜ୍ଞ ମଣ୍ଡପ ପ୍ରସ୍ତୁତ । ଗଜପତିଙ୍କ ଦ୍ୱାରା ବରଣ ହୋଇଥିବା ବ୍ରାହ୍ମଣମାନେ ଯଜ୍ଞ ମଣ୍ଡପ ନିକଟ ସ୍ୱତନ୍ତ୍ର ଗୃହରେ କରିଛନ୍ତି ଅଙ୍କୁର ପୂଜନ । ୧୫ ତାରିଖରୁ ଆରମ୍ଭ ହେବ ଯଜ୍ଞ । ପରମ୍ପରା ଅନୁଯାୟୀ ଯଜ୍ଞ ପୂର୍ବରୁ ହୋଇଛି ଅଙ୍କୁରାରୋପଣ ଓ ଅଙ୍କୁର ପୂଜନ । ସେପଟେ ଶନିବାର ଶ୍ରୀମନ୍ଦିର ପାରମ୍ପରିକ ଦରଜୀ ସର୍ଦ୍ଦାର ଶିଳାନ୍ୟାସ ପଥରର ନେଇଛନ୍ତି ମାପ । ଶିଳାନ୍ୟାସ ପଥରକୁ ଆବଦ୍ଧ କରିବା ସହ ଲୋକାର୍ପଣ ଉତ୍ସବ ପାଇଁ ଦରଜୀ ସେବକ କପଡ଼ା ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ। ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବକୁ ଦେଶ ବିଦେଶରୁ ଆସିବେ ପ୍ରାୟ ୯୦୦ ଅତିଥି । ଅତିଥିଙ୍କ ସ୍ୱାଗତ ଏବଂ ରହଣି ପାଇଁ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା । ଶ୍ରୀସେତୁ, ଶ୍ରୀମାର୍ଗ ଏବଂ ଶ୍ରୀମନ୍ଦିର ଚାରିପଟେ ସୌନ୍ଦର୍ଯ୍ୟକରଣ କାମ ସରିଛି। ରବିବାର ଅଙ୍କୁରାରୋପଣ ବିଧି ଶେଷ ହେବ । ଏହାସହ ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନ, ଧ୍ୱଜା ସ୍ଥାପନ, ତୋରଣ ସ୍ଥାପନ ହେବ । ୧୫ ତାରିଖରୁ ମହାଯଜ୍ଞ ସହ ହେବ ବେଦ ପାରାୟଣ ଓ ନାମ ସଂକୀର୍ତ୍ତନ । ଦେଶ ବିଦେଶରୁ ଆସିଥିବା ଅତିଥିମାନେ ଜଗନ୍ନାଥ ବଲ୍ଲଭ ଠାରେ ମହାପ୍ରଭୁଙ୍କର ବିଭିନ୍ନ ପ୍ରକାରର ବେଶ ଦର୍ଶନର ସୁଯୋଗ ପାଇବେ । ସେପଟେ ଆସନ୍ତା ୧୭ ତାରିଖରେ ପ୍ରତିଷ୍ଠା ଉତ୍ସବ ଥିବାରୁ ଏହାକୁ ସଫଳ କରିବା ପାଇଁ ଜୋରସୋରରେ ଲାଗି ପଡ଼ିଛି ପ୍ରଶାସନ ।

## ମହର୍ଷି ମହେଶ ଯୋଗୀଙ୍କ ୧୦୫ ତମ ଜୟନ୍ତୀ ଉତ୍ସବ ପାଳିତ

**ପୁରୀ(ବ୍ୟୁରୋ):** ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଆଳିପଡ଼ା ସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ମହର୍ଷି ମହେଶ ଯୋଗୀଙ୍କ ୧୦୫ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି ।ଏଥିରେ ମହର୍ଷି ମହେଶ ଯୋଗୀଙ୍କ ପ୍ରତ୍ୟେକ୍ଷ ଶିଷ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁମ୍ବାଇ ଶ୍ରୀଜ୍ଞାନେଶ୍ୱର ମଠ ଟ୍ରଷ୍ଟ ର ଅଧ୍ୟକ୍ଷ ଶ୍ରୀ ୧୦୦୮ ମହାମଣ୍ଡଳେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ଜୀ ମୁଖ୍ୟ ଅତିଥି, ନେବଳ ଦାସ ମଠର ମହନ୍ତ ଡଃ ରାମ ଚରଣ ଦାସ ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହର୍ଷିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।ଅଧ୍ୟକ୍ଷତା ଅଭିଭାଷଣରେ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା କହିଲେ ଭାରତ ର ବିଭିନ୍ନ ସ୍ଥାନରେ ବ୍ରାହ୍ମଣ ମାନଙ୍କ ବେଦ ପାଠ ତଥା ସବୁ ଜାତିର ପିଲାଙ୍କୁ ମହର୍ଷି ଟ୍ରେନଲେସନ, ମେଡ଼ିଟେସନ, ଭାବାତିତ ଧ୍ୟାନ କରାଇ ମଣିଷ ଜୀବନକୁ ସୁଖ ଶାନ୍ତିର ବାର୍ତ୍ତା ଦେଇଛନ୍ତି ।ଭାରତ, ଫ୍ରାନ୍ସ, ଲଣ୍ଡନ, ହଲାଣ୍ଡ, ଇଉରୋପ, ଆମେରିକା ଇତ୍ୟାଦି ଦେଶ ମାନଙ୍କରେ ମହର୍ଷିଙ୍କ ଅନୁଗାମୀ ଅଛନ୍ତି ।ମହର୍ଷିଙ୍କ ଆଦର୍ଶ ରେ ବ୍ରାହ୍ମଣ ନିଜର ନୀତି ନିୟମ ମାନି ଚଳିଲେ ଭାରତ ବିଶ୍ୱ ଗୁରୁ ହୋଇ ପାରିବ ତାହା ସନ୍ଦେହ ନାହିଁ ।ଉତ୍ସବ ସ୍ଥଳରେ ଗୁରୁ ପୂଜନ ଭୁବନେଶ୍ୱରର ଦିଲୀପ ଖଣ୍ଡେଲୱାଲ, ହାଇଦ୍ରାବାଦ ର ରମେଶ କୁମାର ଫୁଫଲିୟାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।ବୈଦିକ ବ୍ରାହ୍ମଣ ମାନଙ୍କ ଦ୍ୱାରା ୧୦୦୮ ଗୋପାଳ ସହସ୍ର ନାମ ଯଜ୍ଞ ଅନୁଷ୍ଠିତ ହେବା ସହ ଉପସ୍ଥିତ ଭକ୍ତ ମାନେ ଗୋମାତା ମାନଙ୍କ ସୁରକ୍ଷା ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ ।



# ମହିଳା ମହାବିଦ୍ୟାଳୟର ନୂତନ ଗୃହ ଭାରତିପୁର ଠାରେ ଶୁଭାରମ୍ଭ






**ପୁରୀ(ବ୍ୟୁରୋ):** ପୁରୀ ନରେନ୍ଦ୍ର କୋଣ ସ୍ଥିତ ମହିଳା ମହାବିଦ୍ୟାଳୟର ନୂତନ ଗୃହ ହୁଲୁ ହୁଳିଆ ପୋଲ ନିକଟସ୍ଥ ଭାରତିପୁର ଠାରେ ଶୁଭାରମ୍ଭ ହୋଇଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ମାନ୍ୟବର ସାଂସଦ ପିନାକୀ ମିଶ୍ର ଯୋଗଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୁବ କ୍ରୀଡା ବିଭାଗ ମନ୍ତ୍ରୀ ତୁଷାର କାନ୍ତି ବେହେରା,ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ,ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର,ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ,ସମାଜସେବୀ ପୂର୍ଣ୍ଣଚନ୍ଦ୍ର ନାୟକ,କାସିହରିପୁର ସରପଞ୍ଚ ମୁକ୍ତିକାନ୍ତ ପଣ୍ଡା,ନାଏବ ସରପଞ୍ଚ ରଶ୍ମିତା ନାୟକ, ସମିତି ସଭ୍ୟ ପ୍ରଦୀପ ଭାନୁ ଘଟୁଆରି,ଜିଲ୍ଲା ପରିଷଦ ମାମିନା ଦାସ,ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିଆର ସିଂହ ଯୋଗଦାନ କରି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଯୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ।ଏହାପରେ ପ୍ରାରମ୍ଭିକ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବଳିଆର ସିଂହ ବାର୍ଷିକ ବିବରଣୀ ପଠନ କରିଥିଲେ ।ସାଂସଦ ଶ୍ରୀ ମିଶ୍ର ମହାବିଦ୍ୟାଳୟର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।ଏହାପରେ ବିଧାୟକ ଶ୍ରୀ ଷଡଙ୍ଗୀ ମଧ୍ୟ ନିର୍ବାଚନ ପୂର୍ବରୁ ୧୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଏହାପରେ ଅତିଥି ମାନେ ନିଜ ଅଭିଭାଷଣରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରୀ ମାନଙ୍କୁ ଉତ୍ତମ ଭବିଷ୍ୟତ ଗଢ଼ିବା ନିମନ୍ତେ ଆହ୍ୱାନ ଦେଇଥିଲେ ।ସଭା କାର୍ଯ୍ୟ ସଙ୍ଗ ହେବା ପରେ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ସହ ଅଧାପକ ଏବଂ ଅଧାପିକା ମାନେ ପରିଚାଳନା କରିଥିଲେ ।

## ଓଡିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ ଓ ନୃତ୍ୟ କର୍ମଶାଳା ଅନୁଷ୍ଠିତ



**ପୁରୀ(ବ୍ୟୁରୋ):** ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅଭିଭାବକମାନଙ୍କ ମଧ୍ୟରେ ସାଂପ୍ରଦାୟିକତା ସଦ୍ ଭାବନା, ରାଷ୍ଟ୍ରୀୟ ଏକତା, ଅଖଣ୍ଡତା, ଶାନ୍ତି, ସ୍ନେହର ଭାବ ସୃଷ୍ଟି କରିବା ସହ ସାଂପ୍ରଦାୟିକତା ଓ ଆଂଚଳିକତା ଭାବର ଉର୍ଦ୍ଧରେ ରହି ନିଜକୁ କିପରି ଦେଶର ଏକ ସୁନାଗରିକ ଭାବରେ ପ୍ରତିଷ୍ଠିତ କରିବା ଉଦ୍ଧେଶ୍ୟରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସଂସ୍କୃତିକ ଅନୁଷ୍ଠାନ "ସୁଧା" ମିଳିତ ଆନୁକୂଲ୍ୟରେ ଭାରତ ସେବାଶ୍ରମ ଉଚ ବିଦ୍ୟାଳୟରେ ଓଡିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ ଓ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଓଡିଶୀ କଳାକାରମାନେ ଓଡିଶୀ ନୃତ୍ୟ ଓ ଅଭିନୟ ମାଧ୍ୟମରେ ଓଡିଶୀ ନୃତ୍ୟ ଓ ସଂଙ୍ଗୀତର ବ୍ୟବହାରିକତା ତଥା ଓଡିଶୀ ନୃତ୍ୟରେ ବ୍ୟବହୃତ ହେଉଥିବା ଶାସ୍ତ୍ରୀୟ ଓ ପାରମ୍ପାରିକ କୌଶଳ ବିଷୟରେ ଏହି ପ୍ରଶିକ୍ଷଣ କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କୁ ଅଭିନୟ ମାଧ୍ୟମରେ ମଙ୍ଗଳାଚରଣ, ବଟୁ ନୃତ୍ୟ, ପଲ୍ଲବୀ, ଅଭିନୟ, ମୋକ୍ଷ ସମ୍ବନ୍ଧରେ ଓଡିଶୀ ନୃତ୍ୟ ଭାବ ରସକୁ ଅତି ନିକ୍ଷୁଣ ଭାବରେ ପ୍ରଶିକ୍ଷିତ କରାଇଥିଲେ ।ଏହି ଓଡିଶୀ ନୃତ୍ୟ ଅଭିନୟ କର୍ମଶାଳାକୁ "ସୁଧା"ର ଅଧ୍ୟକ୍ଷ ଶ୍ରୀ ସଂଜୟ କୁମାର ମିଶ୍ର ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପୁରୀ(ବ୍ୟୁରୋ):** ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ଼ଃ ନିବେଦିତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥିଭାବରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ଼ଃ ତପନ କାନୁନଗୋ ଯୋଗଦେଇ ରାଷ୍ଟ୍ରର ବିକାଶ ପାଇଁ ନାରିଶକ୍ତିର ଭୂମିକା ଗୁରୁତ୍ୱପର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଡଃ ସିମାଞ୍ଚଳ ପଣ୍ଡା ଯୋଗଦେଇ ନିଜ ନିଜର ଦାୟିତ୍ୱକୁ ସଠିକ ନିର୍ବାହନ କରିବା ଦ୍ୱାରା ରାଷ୍ଟ୍ରର ସାମଗ୍ରିକ ବିକାଶ ହେବା ସହ ପାରିପାର୍ଶିକ ଉର୍ଣ୍ଣତି ଅପରିହାର୍ଯ୍ୟ ବୋଲି କହିଥିଲେ। ଅଧ୍ୟକ୍ଷା ନିଜ ବକ୍ତବ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ଓ ଚରିତ୍ର ଗଠନ ପାଇଁ ବିବିଧ ଗୁଣର ପରିପ୍ରକାଶ ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି



ଦର୍ଶାଇଥିଲେ। ଦୀର୍ଘ ଦଶ ଦିନ ବ୍ୟାପି ମହାବିଦ୍ୟାଳୟ, ଜିଲ୍ଲା ସ୍କୁଲ ପଡ଼ିଆ ଓ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା କ୍ରୀଡା ଉତ୍ସବ ଅନୁଷ୍ଠିତ ହେଉଥିଲା ସେହିପରି ମହାବିଦ୍ୟାଳୟ ପରିସରରେ ସାଂସ୍କୃତିକ ପ୍ରତିଯୋଗୀତା ଓ ପୁରୀ ସହରର ବିଭିନ୍ନ ସ୍ଥାନରେ ସାମାଜିକ ସେଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରଯାଇଥିଲା ।ଛାତ୍ରୀ ମାନଙ୍କ ମଧ୍ୟରେ ଶହେ ମିଟର, ଦୁଇ ଶହ ମିଟର, ଚାରିଶହ ମିଟର, ଆଠଶହ ମିଟର ଦୌଡ, ରିଲେ ରେସ, ଜାଭେଲିନ ଥ୍ରୋ, ଡିସକସ ଥ୍ରୋ, ସଟପୁଟ, ଖୋଖୋ, କବାଡି, ସ୍ଲୋ ସାଇକେଲ ଚାଳନା, ବାଲୁକାକଳା, ସମୁଦ୍ର କୂଳ ସେଚ୍ଛତା, ବହୁଳ ମୋବାଇଲ ବ୍ୟବହାର ର ଅପକାରିତା, ନିଶା ନିବାରଣ, ନାରୀ ଶିକ୍ଷା, ସଡ଼କ ସୁରକ୍ଷା, ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ଝୋଟି, ଚିତ୍ରାଙ୍କନ, ଖାଦ୍ୟ ପ୍ରସ୍ତୁତ, ତର୍କ, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତାରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ଏହାକୁ ସଫଳ କରିଛନ୍ତି ବୋଲି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧାପିକା ସତ୍ୟସ୍ମିତା ବେହେରା ନିଜର ବକ୍ତବ୍ୟରେ ଦର୍ଶାଇ ଥିଲେ ।ଭିନ୍ନ ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କ ସଂଖ୍ୟାରେ ଆଶାତୀତ ବୃଦ୍ଧି ଘଟିବା ମହାବିଦ୍ୟାଳୟ ପାଇଁ ଶୁଭଙ୍କର ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡା, ସାମାଜିକ ଓ ସାଂସ୍କୃତିକ ପରିଷଦର ସମସ୍ତ ସଭ୍ୟ ଆୟୋଜନ କରିଥିଲେ ଓ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ। ମୁଖ୍ୟ ଅତିଥି କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥଲେ ।ଏହିକର୍ଯ୍ୟକ୍ରାମକୁ ଅଧାପକ ଡଃ ରାକେଶ କୁମାର ମିଶ୍ର ପରିଚାଳନା କରିଥିଲେ ଓ ଅଧାପକ ପ୍ରମୋଦ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱର ପ୍ରମୁଖ ଧାର୍ମିକ ସହର




କାଶୀ: ଭାରତରେ ଅଯୋଧ୍ୟା, ମଥୁରା, ଦ୍ୱାରିକା, କାଞ୍ଚୀ, ରାମେଶ୍ୱରମ, ପ୍ରୟାଗ, ପୁରୀ, ପୁଷ୍କର, ନାସିକ ଭଳି ଅନେକ ପ୍ରାଚୀନ ସହର ରହିଛି । ଏସବୁ ସହରଗୁଡ଼ିକ ମଧ୍ୟରୁ କାଶୀର ସ୍ଥାନ ଶୀର୍ଷରେ । କାଶୀକୁ ବାରାଣସୀ ବା ବନାରସ କୁହାଯାଏ । କାଶୀରେ ୩,୦୦୦ ବର୍ଷ ପୂର୍ବରୁ ଲୋକମାନଙ୍କ ବସତି ଥିବା ପ୍ରମାଣ ମିଳିଛି । କିଛି ବିଦ୍ୱାନ ଏହାକୁ ୫,୦୦୦ ବର୍ଷ ପୁରୁଣା ସହର ବୋଲି ମାନନ୍ତି । ବିଶ୍ୱର ସବୁଠୁ ପ୍ରାଚୀନ ଗ୍ରନ୍ଥରେ କାଶୀର ନାମ ଉଲ୍ଲେଖ କରାଯାଇଛି । ଭାରତର ଉତ୍ତର ପ୍ରଦେଶରେ କାଶୀ ନଗର ଅବସ୍ଥିତ । ମୋଗଲ ଶାସନ କାଳରେ କାଶୀ ନଗର ନାଁ ବଦଳାଇ ମହମ୍ମଦବାଦ ରଖା ଯାଇଥିଲା ।

ଗାନ୍ଧାର: ଗାନ୍ଧାର ପ୍ରାଚୀନ ଭାରତର ୧୬ଟି ଜନପଦ ମଧ୍ୟରୁ ଗୋଟିଏ ଥିଲା । ଏହାର ମୂଳତଃ ପୁରୁଷପୁର ଏବଂ ତକ୍ଷଶୀଳା ନାମରେ ଦୁଇଟି ନଗର ଥିଲା । ଗାନ୍ଧାର ବା କାନ୍ଧାହାରୀ ପାକିସ୍ଥାନର ପଶ୍ଚିମ ଏବଂ ଆଫଗାନିସ୍ଥାନର ପୂର୍ବ କ୍ଷେତ୍ରକୁ କୁହାଯାଏ । ମହାଭାରତରେ ଗାନ୍ଧାରର ରାଜା ଶକୁନିଙ୍କ ପିତା ସୁବଳ ଥିଲେ । ଗାନ୍ଧାର ନାମରୁ ଧୃତରାଷ୍ଟ୍ରଙ୍କ ସ୍ତ୍ରୀଙ୍କ ନାମ ଗାନ୍ଧାରୀ ରଖାଯାଇଥିଲା । ଆଫଗାନିସ୍ଥାନ ପ୍ରାଚୀନ କାଳରେ ଆର୍ଯ୍ୟମାନଙ୍କ ପ୍ରମୁଖ କେନ୍ଦ୍ର ସ୍ଥଳ ଥିଲା ।

ତେହେରାନ: ଇରାନରେ ଇସଲାମ ଧର୍ମ ପୂର୍ବରୁ ପାର୍ସୀ ଧର୍ମର ପ୍ରଚଳନ ଥିଲା। ସେତେବେଳେ ପାର୍ସୀ ଧର୍ମ ଇରାନର ରାଜଧର୍ମ ଥିଲା । ଇରାନରେ ଇସଲାମର ବିଜୟ ପରେ ପାର୍ସୀମାନଙ୍କୁ ଇସଲାମ ଗ୍ରହଣ କରିବାକୁ ପଡ଼ିଥିଲା ଏବଂ କିଛି ପାର୍ସୀ ନିଜ ଦେଶ ଛାଡ଼ି ଭାରତରେ ଶରଣ ନେଇଥିଲେ । ଏବେ ବିଶ୍ୱରେ ପାଖାପାଖି ୧,୦୦,୦୦୦ ପାର୍ସୀ ଅଛନ୍ତି ।

ବାଗ୍‌ଦାଦ: ଇରାକର ଦଲଜା ନଦୀ କୂଳରେ ଅବସ୍ଥିତ ବାଗ୍‌ଦାଦ ୪,୦୦୦ବର୍ଷ ପୁରୁଣା ସହର । ଏହା ଶାନ୍ତି ସମୃଦ୍ଧି ଏବଂ ବ୍ୟାପାରର କେନ୍ଦ୍ରସ୍ଥଳ ଥିଲା । ଏଠାରେ ମେସୋପଟାମିୟା, ବାବୁଲି, ସୁମେର ଭଳି ପ୍ରାଚୀନ ସଭ୍ୟତା ଗଢି ଉଠି ଥିଲା । ଇରାକର ପ୍ରାଚୀନ ସଭ୍ୟତା ଏବଂ ଭାରତର ସିନ୍ଧୁ ସଭ୍ୟତା ମଧ୍ୟରେ ସମ୍ପର୍କର ଥିବା କୁହାଯାଏ ।

ମୋସୁଲ:ଇରାକର ଦଲଜା ନଦୀ କୂଳରେ ମୋସୁଲ ନାମକ ପ୍ରାଚୀନ ସହର ଅବସ୍ଥିତ । ମୋସୁଲରେ ଆରବ, କୁର୍ଦ୍ଦ, ଆଶୁରୀ, ଇରାକୀ, ତୁର୍କମାନ ଆଦି ଲୋକ ବସବାସ କରନ୍ତି ।। ଏହା ବାଣିଜ୍ୟ ବ୍ୟବସାୟର କେନ୍ଦ୍ର ସ୍ଥଳ ଥିଲା । ଆଜିର ଦିନରେ ଆତଙ୍କବାଦୀଙ୍କ ବାରମ୍ବାର ଆକ୍ରମଣ ଫଳରେ ଐତିହାସିକ ମୋସୁଲ ସହର ଧ୍ୱସ୍ତ ବିଧ୍ୱସ୍ତ ହେବାରେ ଲାଗିଛି ।

ଜେରୁଜେଲମ୍:ଭୂମଧ୍ୟସାଗର ଏବଂ ମୃତ ସାଗର ମଝିରେ ଇସ୍ରାଏଲକୁ ଲାଗିକି ରହିଛି ଜେରୁଜେଲମ ସହର । ରାଜତ୍ୱ ପାଇଁ ସଲାଉଦ୍ଦିନ ଏବଂ ରିଚାର୍ଡଙ୍କ ମଧ୍ୟରେ ଏଠାରେ ଅନେକ ଯୁଦ୍ଧ ଘଟିଛି । ଏଠାରେ ଥିବା ପବିତ୍ର ଉପାସନା ପୀଠ ପରିସରରେ ଇହୁଦୀମାନେ ପ୍ରାର୍ଥନା ପାଇଁ ଏକାଠି ହୁଅନ୍ତି । ଏହି ଧର୍ମସ୍ଥଳ ବହୁତ ପ୍ରାଚୀନ । ନିକଟରେ ଜେତୁନ ନାମକ ଏକ ପର୍ବତ ଅଛି । ଜେରୁଜେଲମରେ ଅନେକ ଦର୍ଶନୀୟ ସ୍ଥାନ ରହିଛି ।




କାଏରୋ: ପିରାମିଡ୍ ପାଇଁ ଇଜିପ୍ଟ ବା ମିଶର ବିଶ୍ୱ ପ୍ରସିଦ୍ଧ । ପ୍ରାଚୀନ ସହର କାଏରୋ ନୀଳନଦୀ କୂଳରେ ଅବସ୍ଥିତ । ବିଶ୍ୱର ସର୍ବ ପୁରାତନ ସଭ୍ୟତାଗୁଡ଼ିକ ମଧ୍ୟରେ ମିଶର ସଭ୍ୟତା ଅନ୍ୟତମ । ଏହା ପ୍ରାଚୀନ ବିଶ୍ୱର ପ୍ରମୁଖ ପାରମ୍ପରିକ ଏବଂ ଧାର୍ମିକ କେନ୍ଦ୍ର ସ୍ଥଳ ଥିଲା ।




ରୋମ: ଇଟାଲିର ରାଜଧାନୀ ରୋମ ପ୍ରାଚୀନ କାଳରୁ ଧାର୍ମିକ ଓ ବାଣିଜ୍ୟିକ ସହର ଭାବେ ଖ୍ୟାତ ଥିଲା । ଏଠାରେ ଅତୀତରେ ମହାନ ସଭ୍ୟତା ଗଢି ଉଠିଥିଲା । ଶତ୍ରୁଙ୍କ ବାରମ୍ବାର ଆକ୍ରମଣ ଫଳରେ ଐତିହାସିକ ରୋମ ନଗରୀ ଧ୍ୱଂସ ପାଇଯାଇଥିଲା । ଏବେ ଇଟାଲୀ ସରକାର ଏହି ନଗରୀକୁ ନୂତନ ରୂପରେଖ ଦେଇଛନ୍ତି ।

ଏଥେନ୍ସ: ଭାରତ ଏବଂ ଇଟାଲି ଭଳି ୟୁନାନ ମଧ୍ୟ ଏକ ପ୍ରାଚୀନ ଦେଶ । ଏହା ଗ୍ରୀକ ନାମରେ ପରିଚିତ । ୟୁନାନରେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ବହୁଳ ଭାବରେ ପ୍ରଭାବ ପଡ଼ିଥିଲା । ୟୁନାନର ପ୍ରାଚୀନ ସହର ଏଥେନ୍ସର ଇତିହାସ ୩୦୦୦ ବର୍ଷରୁ ପୁରୁଣା । ଏଠାରେ ଆଗରୁ ଭଗବାନ ଶିବଙ୍କ ଭକ୍ତ ଏବଂ ଉପାସକ ରହୁଥିବା କୁହାଯାଏ ।

# ମିଲମ୍ ଗ୍ଲାସିୟର

**ଭ୍ରମଣର ଏକ ନିଆରା ମଜା ଉଠାଇବାକୁ ଚାହାନ୍ତିକି, ତେବେ ମିଲମ୍ ଗ୍ଲାସିୟର ଯିବାକୁ ଆଦୌ ଭୁଲନ୍ତୁ ନାହିଁ। ଉତ୍ତରାଖଣ୍ଡ ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ରହିଛି ଏହି ସ୍ଥାନଟି। କୁମାୟୁର ମୁନ୍ସିଆରୀ ଠାରୁ ଏହା ପ୍ରାୟ ୫୬ କିଲୋମିଟର ଦୂରରେ ଅବସ୍ଥିତ। ଏହାକୁ ମିଲମ୍ ଗାଁ ବୋଲି ମଧ୍ୟ କୁହାଯାଏ। ଏହି ସୁନ୍ଦର ଗାଁଟି ନେପାଳ ଓ ତିବତ୍ ସୀମାକୁ ଲାଗିଛି।**

ସମୟଥିଲା ମିଲମ୍ ଗ୍ଲାସିୟରକୁ ଯିବା ରାସ୍ତାଟି ଭାରତ ଓ ତିବତ୍‌ର ବ୍ୟବସାୟିକ ରାସ୍ତା ପାଲଟିଥିଲା। ମୁନ୍‌ସିଆରୀରୁ ମିଲମ୍ ଗାଁକୁ ଯିବା ରାସ୍ତାଟି ଟିକେ କଠିନ୍, କିନ୍ତୁ ରାସ୍ତାରେ ମନୋରମ ଦୃଶ୍ୟ ଦେଖି ଆପଣ ଜମାରୁ ବି ଏହି କଠିନତାକୁ ଜାଣିପାରିବେନି। ଚାରିପାଞ୍ଚ ଦିନର କଠିନ ଯାତ୍ରା ଆପଣଙ୍କୁ ଯେମିତି ମୁହୂର୍ତ୍ତଟିଏ ଭଳି ମନେହେବ। ମିଲମ୍ ଗ୍ଲାସିୟର ଘାଟି ପ୍ରାୟ ୯ଟି ଗ୍ଲାସିୟରରେ ନିର୍ମିତ। ଏହା ପ୍ରାୟ ଅଧା କିଲୋମିଟର ଚୌଡ଼ା ଓ ୨୭ କିଲୋମିଟର ଲମ୍ବା। ଏଠାରେ ପହଞ୍ଚିବା ପାଇଁ ଲୋକମାନଙ୍କୁ ଗୌରୀ ନଦୀର ବହିଯାଉଥିବା ସୁନ୍ଦର ଧାରାକୁ ଦେଖି ଦେଖି ଚାଲିବାକୁ ପଡ଼ିବ। ଏହି ନଦୀର ଜଳ ତାର ଗତି ପଥରେ ବଡ଼ ବଡ଼ ପଥର ସହିତ ମାଡ଼ ଖାଇ ଆଗକୁ ବଢିଥାଏ।

ମୁନ୍ସିଆରୀରୁ ପ୍ରାୟ ୧୧କିଲୋମିଟର ଦୂରରେ ରହିଛି ଲିଲମ୍ ଗାଁ, ଯେଉଁଠାରେ ଆପଣ ମିଲମ୍ ଗ୍ଲାସିୟରକୁ ଯିବା କାଳରେ ବିଶ୍ରାମ ନେଇପାରିବେ। ଏହି ଗାଁରୁ ପ୍ରାୟ ୧୫ କିଲୋମିଟର ଦୂରରେ ରହିଛି ବୁଡ଼ବୟାର, ଯେଉଁଠାରେ କି ଭାରତ-ତିବତ୍ ପୋଲିସ ଚୌକି ରହିଛି। ଏଠାରେ ମିଲମ୍ ଯାଉଥିବା ଲୋକମାନଙ୍କ ନାମ ପଞ୍ଜିକରଣ କରାଯାଇଥାଏ। ବୁଡ଼ବ୍ୟାର ଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି ରିଲକୋଟ୍। ଏହି ରାସ୍ତାଟି ଘନଜଙ୍ଗଲ ମଧ୍ୟଦେଇ ଯାଇଛି। କିନ୍ତୁ ଭୟ କରନ୍ତୁନି ଏଠାରେ କୌଣସି ବଣୁଆ ଜୀବଙ୍କୁ ଦେଖିବାକୁ ମିଳିବନି, ଯାହାକି ଆପଣଙ୍କ ଆଶଙ୍କାକୁ ବଢାଇବ, ପରନ୍ତୁ ଏହି ଘନ ବନଟି ସବୁଜ ବନାନୀର ସୁନ୍ଦର ପ୍ରାକୃତିକ ଶୋଭାକୁ ଧରି ରଖିଥିବାରୁ ଏଠାକୁ ଯାଉଥିବା ଲୋକମାନେ ଏହି ସମୟରେ ନିଜକୁ କିଛି ସମୟ ପାଇଁ ହଜାଇ ଦିଅନ୍ତି ଏହାର ମନଲୋଭା ଦୃଶ୍ୟରେ। ଏଣୁ ଏହି ୧୦ କିଲୋମିଟରର ରାସ୍ତା ସହଜରେ କଟିଯାଏ ଜମାରୁବି ଜଣାପଡ଼େନି। ରିଲକୋଟ ଯାଉଥିବା ବାଟରେ ନାହର ଦେବୀଙ୍କ ମନ୍ଦିର ରହିଛି। ତେଣୁ ଏଠାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହି ଦେବୀଙ୍କୁ ବିନା ପୂଜାରେ ଯାଆନ୍ତି ନାହିଁ।

ରିଲକୋଟ ପାରି ହୋଇଯିବା ପରେ ଏକ ସୁନ୍ଦର ଘାଟି ପଡ଼େ। ଏହାର ନାମ ହେଉଛି ଗୌରୀ ଗଙ୍ଗା। ଏଠାରେ ଆପଣ ଅଦ୍ଭୁତ ମନୋରମ ଦୃଶ୍ୟ ଦେଖିବାକୁ ପାଇବେ। ଏହାକୁ ଦେଖି ଆପଣଙ୍କୁ ମନେହେବ ଯେମିତି ପ୍ରକୃତି ତାର ସବୁ ସୌନ୍ଦର୍ଯ୍ୟକୁ ଏହି ଘାଟିକୁ ଅର୍ପଣ କରିଛି। ଘାଟିରେ ବହୁଥିବା ତୀବ୍ରଗତିର ପବନ ଆପଣଙ୍କ ମନକୁ ଆଶଙ୍କାରେ ଥରାଇ ଦେଇପାରେ, କିନ୍ତୁ ଭୟ କରନ୍ତୁ ନି ଏହା ଏଠାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ଘନ କରାଇବା ପାଇଁ ଈଶ୍ୱରଙ୍କର ଏପରି ସର୍ଜନା। ଏଠାରୁ ୬କିଲୋମିଟର ଦୂରରେ ବୁର୍ଫୁ ନାମକ ଏକ ସ୍ଥାନ ରହିଛି, ଯେଉଁଠାରେ କି ଅଧିକ ସଂଖ୍ୟାରେ ଟ୍ରେକର ଦେଖିବାକୁ ମିଳେ।

**କେବେ ଯିବେ:** ମିଲମ୍ ଗାଁକୁ ଯିବା ପାଇଁ ମେ'ରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଠିକ୍ ରହିଥାଏ। ମିଲମ୍‌ଗାଁକୁ ଯିବା ବାଟରେ ବିଲ୍ଜୁ ଗାଁର ଖଣ୍ଡହର ଆଉ ପାର୍ଶ୍ୱରେ ପବିତ୍ର ନନ୍ଦା ଦେବୀ ଶିଖର ଦେଖିବାକୁ ମିଳେ। ନନ୍ଦାଦେବୀର ସୌନ୍ଦର୍ଯ୍ୟ ଏଭଳିଯେ ଲୋକମାନେ ଏହାକୁ ଦେଖି ଚକିତ ହୋଇପଡ଼ନ୍ତି। ଏଠାରେ ଏକ ନଦୀ ବହିଯାଇଛି, ଯାହାକୁକି ଏଠାର ଲୋକମାନେ ପାଗଳ ନଦୀ ନାମରେ କହିଥାନ୍ତି। କାରଣ ଏହା କେବେବି ନିଜର ପାଗଳାମୀ ଦେଖାଇଥାଏ। ମିଲମ୍ ଯିବା ପାଇଁ କୋଲିଙ୍ଗାଣା ନଦୀକୁ ପାରି ହୋଇ ଯିବାକୁ ହୋଇଥାଏ। ଏହା ତିବତରୁ ଆସିଛି। ଯଦି ଆପଣ ଏହି ନଦୀର କୂଳେ କୂଳେ ଉପରକୁ ଉଠିଚାଲିବେ ମାତ୍ର ଚାରିଦିନରେ ତିବତ୍‌ରେ ଯାଇ ପହଞ୍ଚିଯିବେ। ଏହି ନଦୀକୁ ଲୋକମାନେ ପୋଲ ସହାୟତାରେ ପାରି ହୋଇଥାନ୍ତି, କିନ୍ତୁ ଏଠାରେ ପବନ ଏତେ ଜୋର୍‌ରେ ବହୁଥାଏଯେ ଲୋକମାନେ ନଦୀ ପାରି ହେଉଥିବା ବେଳରେ ଭାରି ଆଶଙ୍କା ଆଣିଥାନ୍ତି। ଏହି ନଦୀକୁ ପାରି ହୋଇଗଲେ ସାମନାରେ ମିଲମ୍ ଗାଁ ଦେଖିବାକୁ ମିଳେ। ପ୍ରାୟ ପାଞ୍ଚଶହରୁ ଅଧିକ ଘରେ ଏଠାର ଅଧିବାସୀ ରହିଥାନ୍ତି। ସେମାନେ କ୍ଷେତବାଡ଼ି କରି ଓ ଟ୍ରେକର ଚଳାଇ ନିଜର ପରିବାର ଗୁଜୁରାଣ ମେଣ୍ଟଣ କରିଥାନ୍ତି। ରାତି ଆକାଶର ତାରକାଙ୍କ ଝଲକରେ ଏହି ଗାଁଟି ପରୀ ରାଇଜ ଭଳି ମନେହୋଇଥାଏ।



## କେମିତି ଯିବେ ?

ଯଦି ସଡ଼କ ପଥରେ ଯିବା ପାଇଁ ଇଚ୍ଛୁକ ତେବେ ଏଠାକୁ ଯିବା ପାଇଁ ପରିବହନ ନିଗମର ବସ୍ ୨୪ ଘଣ୍ଟା ମଧ୍ୟରେ ଆପଣଙ୍କୁ ମୁନ୍‌ସିଆରୀ ରେ ପହଞ୍ଚାଇଦେବ। ଦିଲ୍ଲୀର ଅନ୍ତରାଷ୍ଟ୍ରୀୟ ବସ୍‌ଷ୍ଟାଣ୍ଡରୁ ବି ବାହାରି ଆପଣ ଏହି ସ୍ଥାନରେ ପହଞ୍ଚି ପାରିବେ।

ରେଳପଥରେ ଯିବା ପାଇଁ ଇଚ୍ଛା କରୁଥିଲେ ଟ୍ରେନ୍‌ରେ ଆପଣ ଯନକପୁର ପର୍ଯ୍ୟନ୍ତ ଯାତ୍ରା କରିପାରିବେ ଓ ଏଠାରୁ ବସ୍ ବା ଟ୍ରେକର ଯୋଗେଁ ମୁନ୍ସିଆରୀରେ ପହଞ୍ଚିଯିବେ।

ମନେରଖନ୍ତୁ ମିଲମ୍ ଗ୍ଲାସିୟରକୁ ଯଦି ଯିବାକୁ ଚାହୁଁଥାନ୍ତି ସାଙ୍ଗରେ ଗରମ ପୋଷାକ ନେବାକୁ ଆଦୌବି ଭୁଲନ୍ତୁ ନାହିଁ। ଏହା ସହିତ ସାଙ୍ଗରେ ସ୍ଲିପିଂ ବ୍ୟାଗ୍ ରଖିଲେ ଯାତ୍ରା ଆଦୌବି କଷ୍ଟକର ହେବ ନାହିଁ।

## ବିବେକାନନ୍ଦଙ୍କ ଜନ୍ମ ବାର୍ଷିକ ଉତ୍ସବ ପାଳିତ

**ଜୟପୁର (ଅମୃତ ମିଡିଆ):** ବିବେକାନନ୍ଦଙ୍କ ଜନ୍ମ ବାର୍ଷିକୀକୁ 'ଜାତୀୟ ଯୁବ ଦିବସ' ଭାବେ ପାଳନ କରାଯାଏ, ଯିଏ କି କୋଟି କୋଟି ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୁହାଯାଏ। ସ୍ୱାମୀ ବିବେକାନନ୍ଦ କେବଳ ଭାରତରେ ନୁହେଁ ନିଜ ବିଚାର ପାଇଁ ସେ ସମଗ୍ର ବିଶ୍ୱରେ ସ୍ମରଣୀୟ।ଭାରତ ଇତିହାସରେ ୧୨ ଜାନୁଆରୀ ହେଉଛି ଏକ ଗୌରବମୟ ଦିନ। ଏହି ଦିନକୁ ଆଧାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ବାର୍ଷିକୀ ଏବଂ 'ଜାତୀୟ ଯୁବ ଦିବସ' ଭାବେ ପାଳନ କରାଯାଏ। ଯିଏ କି କୋଟି କୋଟି ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୁହାଯାଏ। ସ୍ୱାମୀ ବିବେକାନନ୍ଦ କେବଳ ଭାରତରେ ନୁହେଁ ନିଜ ବିଚାର ପାଇଁ ସେ ସମଗ୍ର ବିଶ୍ୱରେ ସ୍ମରଣୀୟ। ଆଜି ସାରା ଭାରତରେ ବିବେକାନନ୍ଦଙ୍କ ଜନ୍ମ ଦିବସ ପାଳନ କରାଯାଉଥିବା ବେଳେ ଜୟପୁର ସ୍ଥିତ ସ୍ଥାନୀୟ ଗୀତା ଭବନ ଠାରେ ମଧ୍ୟ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଜୟପୁର ଏବଂ ସାମର୍ଥ ଭାରତ ପ୍ରଭା ତରଫରୁ ଏହି ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନିଲ୍ କୁମାର କର୍ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କୁମାର ପାଠୀ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ସୁରେଶ ଦାଶ, ଏନ୍ ସି ମଲ୍ଲିକ୍, ପ୍ରମୋଦ କୁମାର ରାଉଳ, ଶ୍ରୀମତୀ ପଦ୍ମିନୀ ଦାଶ୍ ଶ୍ରୀମତୀ ଝୁନୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ନାବାଳିକା ନଗ୍ନ ଫଟୋ ଭାଇରାଲ ଘଟଣାରେ ଜଣେ କୋର୍ଟଚାଲାଣ



**ରାଜନଗର(ଅମୃତ ମିଡିଆ);** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଂଚଳରେ ଜଣେ ୧୬ବର୍ଷୀୟା ନାବାଳିକାର ନଗ୍ନ ଫଟୋକୁ ମୋବାଇଲରେ ଭାଇରାଲ କରିବା ଘଟଣାରେ ଯୁବକଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ନାବାଳିକାର ମାଆ ସାମୁଦ୍ରିକ ଥାନାରେ କରିଥିବା ଅଭିଯୋଗ , ରାଜକନିକା ବ୍ଲକ ଗଂଜା ଗ୍ରାମର ପରେଶ ରାଉତଙ୍କ ପୁଅ ଅକ୍ଷୟକୁମାର ରାଉତ(୨୪) ବନ୍ଧୁ ଘରକୁ ଯିବା ଆସିବା କରୁଥିଲା । ନାବାଳିକାର ସରଳତାର ସୁଯୋଗ ନେଇ ତାର ନଗ୍ନ ଫଟୋ ମାଆ ଓ ଝିଅକୁ ଦୁଇମାସ ହେବ ଧମକଚମକ ଦେବା ସହ ଗ୍ରାମର ବିଭିନ୍ନ ଲୋକଙ୍କ ମୋବାଇଲକୁ ଫଟୋ ପ୍ରଘଟ କରିବାରେ ଲାଗିଛି। ନାବାଳିକାର ପିତା ବାହାର ରାଜ୍ୟରେ ଦାଦନ ଖଟନ୍ତି । ଯାହାଫଳରେ ମାଆ ଝିଅ ଭୟଭୀତ ଅବସ୍ଥାରେ ରହିଆସୁଥିଲେ । ପୋଲିସ ଅଭିଯୋଗ ପାଇବା ପରେ ୪/୨୪ରେ ମାମଲା ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ସଶ୍ମିତା ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ସଂପୃକ୍ତ ଯୁବକର ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ରାଜନଗର(ଅମୃତ ମିଡିଆ);** ରାଜନଗର ବ୍ଲକ ବାଘମାରୀସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ୩୮ତମ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ଅବସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବାଦଲକୁମାର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ନିଷ୍ଠା, ଏକାଗ୍ରତା ଓ ଅଧବସାୟ ଫଳରେ ସେମାନେ ପ୍ରତିଷ୍ଠିତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପ୍ରତାପକୁମାର ଧଳ, ସମ୍ମାନୀତ ଅତିଥି ପଚାଂୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆ, ସରଂପଚ ଭବାନୀ ପାତ୍ର ଓ ନିରଂଜନ ରାଉତ, ସମିତି ସଭ୍ୟ ମନୋରଂଜନ ମଣ୍ଡଳ, ପ୍ରାକ୍ତନ ଛାତ୍ର ଅମଳ ପ୍ରଧାନ, ରାମକୃଷ୍ଣ ମାଇତି, ମୁକ୍ତିକୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷକ ମାନସ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ସତ୍ୟରଂଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ

**ଜଗତସିଂହପୁର(ଅମୃତ ମିଡିଆ):** ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ ତଥା ସମାଜ ସଂସ୍କାରକ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଜଗତସିଂହପୁର ସାରସ୍ୱତ ପରିଷଦ ଓ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ପୁରୁଣାଗଡ ସ୍ଥିତ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଜ୍ୟୋତିରଞ୍ଜନ ପରିଡା, ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବି.ଆର୍.ସି.ସି. ରବୀନ୍ଦ୍ର ନାଥ ତ୍ରିପାଠୀ ଆଲୋଚନାରେ ଭାଗନେଇ ସ୍ୱାମୀ ବିବେକାନନ୍ଦ ଭାରତୀୟ ଯୁବମାନସର ପ୍ରତୀକ ଥିଲେ ବୋଲି କହି ଯେଉଁ ଦେଶର ଯୁବଶକ୍ତି ଯେତେ ଉନ୍ନତ ସେଦେଶ ସେତେ ଉନ୍ନତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେପର୍ଯ୍ୟନ୍ତ ଲକ୍ଷ୍ୟ ପୂରଣ ନହୋଇଛି ସେ ପର୍ଯ୍ୟନ୍ତ ଜାଗ୍ରତ ରହିବା ପାଇଁ ସ୍ୱାମୀଜୀ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ସାମଲ, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଶିକ୍ଷୟିତ୍ରୀ ନନ୍ଦିନୀ ରାଉତ, ପ୍ରଣତି ବିଶ୍ୱାଳ, ରାଜଶ୍ରୀ ପ୍ରଧାନ, ଜ୍ୟୋତିର୍ମୟୀ ପ୍ରଧାନ, ଶିକ୍ଷକ ସନ୍ତୋଷ କୁମାର ବେହେରା, ମାନସ ରଞ୍ଜନ ଖଣ୍ଡୁଆଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିବେକାନନ୍ଦଙ୍କ ଜୀବନାଦର୍ଶ ଓ ଜାତୀୟ ଯୁବଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରର ପରିଷଦ ପକ୍ଷରୁ ଆୟୋଜିତ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଓ ଛାତ୍ର ପଦ୍ମିନୀ ମଲିକ୍, ଶୁଭଶ୍ରୀ ସାହୁ, ଶୁଭଶ୍ରୀ ମୁଦୁଲି, ମୋନାଲି ରାଉତ, ଶୁଭଶ୍ରୀ ନାଥ ଓ ପ୍ରୀତିପ୍ରଜ୍ଞା ପୃଷ୍ଟିଙ୍କୁ ଟ୍ରଫି ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅମ୍ବିକା ସାହୁ ଧନ୍ୟବାଦ ଦେଇଥିଲେ।



# ଚୌଦ୍ୱାରର ବିଭିନ୍ନ ୱାର୍ଡରେ ଆରମ୍ଭ ହେଲା ଅର୍ପଣ ରଥ ପରିକ୍ରମା



**ଚୌଦ୍ୱାର (ଅମୃତ ମିଡିଆ):** ଚୌଦ୍ୱାର ପୌରପାଳିକା ତରଫରୁ ବିଭିନ୍ନ ୱାର୍ଡରେ ଆଜି ଅର୍ପଣ ରଥ ପରିକ୍ରମା ଆରମ୍ଭ କରାଯାଇଅଛି । ଚୌଦ୍ୱାର ଗାନ୍ଧୀଛକ ଠାରେ ଥିବା ପୌର ଟାଉନହଲ ଠାରେ ଏକ ବିଶାଳ ଶୋଭାଯାତ୍ରା ର ଆୟୋଜନ କରାଯାଇଥିଲା । ପ୍ରଥମେ ସେଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ ହେବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ମୂର୍ତ୍ତି କୁ ପୁଷ୍ପରେ ସଜ୍ଜିତ କରାଯାଇ ପୌରପାଳିକା ର ଏକ ନମ୍ବର ୱାର୍ଡ ଠାରୁ ପାଞ୍ଚ ନମ୍ବର ୱାର୍ଡ ମଧ୍ୟରେ ପରିକ୍ରମା କରାଯାଇଥିଲା । ବିଶ୍ୱ ପ୍ରସିଦ୍ଧ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ଧାମ ପୁରୀରେ ''ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ' ର ଶୁଭ ଉଦଘାଟନୀ ଉତ୍ସବ ଜାନୁଆରୀ ମାସ ୧୭ ତାରିଖ ରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ସାରା ଓଡିଶାରେ ଘରେ ଘରେ ଅର୍ପଣ ରଥ ପହଂଚିବା ସହିତ ଅକ୍ଷତ ଚାଉଳ ଏବଂ ଗୁଆ ସଂଗ୍ରହ କରି ପୁରୀ ପଠାଇବାର ବ୍ୟବସ୍ଥା ରହିଛିବୋଲି ଚୌଦ୍ୱାର କଟକ ର ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳ ଗଣମାଧ୍ୟମକୁ ପ୍ରକାଶ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଚୌଦ୍ୱାର ଅଂଚଳ ର ବହୁ ମହିଳାମାନେ ଅଖି ଚାଉଳ ସହ ଗୁଆ ଭଗବାନ ଙ୍କୁ ଅର୍ପଣ କରିଥିଲେ। ଏଥିସହିତ ଏକ ନମ୍ବର ୱାର୍ଡ ଓ ଦୁଇ ନମ୍ବର ୱାର୍ଡରେ ଥିବା ଜଗନ୍ନାଥ ମନ୍ଦିର ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ,ସାଂସଦ ଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ,ଉପାଧକ୍ଷ ଶୁଭେନ୍ଦୁ ସାମଲ,ପରିଷଦ ଅଜୟ କୁମାର ବେହେରା, ଆଶୁତୋଷ ଦାସ, ବିଜୟ ମଲ୍ଲିକ, ଶୁଭେନ୍ଦୁ ସାମଲ, ଅର୍ଜିନି ବେହେରା, ସବିତା ମହାଳୀ ଙ୍କ ସମେତ ବହୁ ବିଜେଡି କର୍ମୀ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# କଳାକାରଙ୍କୁ ନେଇ ଜିଲ୍ଲାରେ ଏକ ଦିବସୀୟ କର୍ମଶାଳା




**ବାରିପଦା(ଅମୃତ ମିଡିଆ):** ଓଡ଼ିଶାର ପାରମ୍ପାରିକ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାର କରିବା ପାଇଁ ମୟୂରଭଂଜ ଜିଲ୍ଲାରେ କଳାକାର ମାନଙ୍କୁ ନେଇ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀଙ୍କ ସଂଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ସଂଯୋଜକ ଜ୍ଞାନ ପ୍ରକାଶ କାନୁନଗୋ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ରାଜ୍ୟ ସଂସ୍କୃତି ବିଭାଗ ବରିଷ୍ଠ ପରାମର୍ଶଦାତା ରଶ୍ମି ରନ ନାୟକ ଯୋଗଦେଇ କଳାକାର ଓ ନୋଡାଲ ଅଫିସର ମାନଙ୍କୁ ଏହି କାର୍ଯ୍ୟକ୍ରମର ମାର୍ଗଦର୍ଶିକା ବିଷୟରେ ଅବଗତ କରାଇଥିଲେ । ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ୧୧ଟି ଯୋଜନା ପାଇଁ ଜିଲ୍ଲାର ଏବଂ ବ୍ଲକର ସମସ୍ତ କଳାକାର ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଏବେ ରାଜ୍ୟସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଆମ ବ୍ୟାଙ୍କ, ଐତିହସ୍ଥଳୀ ବିକାଶ ଓ ଲକ୍ଷ୍ମୀ ବସ ସେବା ଆଦି ଆଉ ୪ଟି ଯୋଜନା ଏହି ପ୍ରଚାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ରାଜ୍ୟ ସ୍ତରୀୟ ପ୍ରଚାର ଅଭିଯାନ, ଜାନୁଆରୀ ୩ୟ ସପ୍ତାହରେ ଆରମ୍ଭ ହେବାକୁ ଥିବା ବେଳେ, ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସଂସ୍କୃତି ସଂଘର ଉପସଭାପତି ମାନଙ୍କର ପ୍ରଶିକ୍ଷଣ ତଥା ଆଲୋଚନା ଶିବିର ରାଜ୍ୟ ସ୍ତରରେ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉକି ଏହି ଅଭିଯାନରେ ପ୍ରତ୍ୟେକ ଗ୍ରାମରେ ପର୍ଯ୍ୟାୟକ୍ରମେ ୩ ଥର ବା ୪ ଥର ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ଦଳ ଦିନକୁ ୩ଟି କାର୍ଯ୍ୟକ୍ରମ ପରିବେଷଣ କରିବେ ଏବଂ ପ୍ରତ୍ୟେକ ପଂଚାୟତରେ ଏହି କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏଁ ନୋଡାଲ ଅଫିସର ରହିବେ ବୋଲି ଜଣାଯାଇଛି ।

## ମୟୂରୀ ରୟାଲସ ପ୍ରୀମିଅର ଲିଗ୍
# ସ୍ମାସର ଟିମ ୬୩ ରନରେ ବିଜୟୀ

**ବାରିପଦା(ଅମୃତ ମିଡିଆ):** ମୟୂରୀ ରୟାଲସ ପ୍ରୀମିଅର ଲିଗର ଦଶମ ଦିନରେ ପ୍ରଥମ କ୍ୱାଲିଫାୟର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ସ୍ମାସର ଦଳ ଜଗନ୍ନାଥ ୱାରିଅର୍ସ ଦଳକୁ ୬୩ ରନରେ ପରାସ୍ତ କରିଥିଲେ । ରଥୁ ନାୟକ ଏହି ମ୍ୟାଚର ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ ଟି ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଭିରୋର ଦଳ ଏମର୍ଜିଙ୍ଗ ଟାଇଟନ ଦଳକୁ ୯ ୱିକେଟରେ ପରାସ୍ତ କରିଥିଲେ । ଅନୁପ ପରିଡ଼ା ଏହି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅତିଥି ଭାବେ ଷ୍ଟେସନ ଆଥେଲେଟିକ ଆସୋସିଏସନ ର ସମସ୍ତ ପୁରାତନ ସଦସ୍ୟଙ୍କୁ ଆମନ୍ତ୍ରିତ କରାଯାଇଥିଲା । ସେମାନେ ଖେଳାଳି ମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇଥିଲେ । ଆଜିର ମ୍ୟାଚକୁ ଆମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରସାଦ , ପ୍ରବୀର ମୋଦି ପରିଚାଳନା କରିଥିବା ବେଳେ ରାଜେଶ ସାହୁ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଭାବେ ସମ୍ପିତ ମହାରଣା ଓ ରାମଚନ୍ଦ୍ର ଟୁଡୁ ସହାୟତା କରିଥିଲେ ।



# ଏନଏସିର ୧୦ ନଂ ୱାର୍ଡରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ



**ଛତ୍ରପୁର(ଅମୃତ ମିଡିଆ) :** ଆସନ୍ତା ୧୭ ତାରିଖରେ ବିଶ୍ୱର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ବିଶ୍ୱ ବାସିଙ୍କ ଉଦେଶ୍ୟରେ ଲୋକାର୍ପିତ କରିବେ । ଏହି କାର୍ଯ୍ୟକ୍ରମରେ ଭକ୍ତଙ୍କ ସହିତ ଭଗବାନଙ୍କୁ ଯୋଡିବା ଲକ୍ଷ୍ୟ ନେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କ ଠାରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଉଛି । ଛତ୍ରପୁର ଏନଏସିର ୧୦ନଂ ୱାର୍ଡ ରେ କାଉନସିଲର ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ୱାର୍ଡ ର ବିଭିନ୍ନ ସାହିକୁ ସାହି ବୁଲି ଲୋକଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି । ବାଜା ବାଜଣା ସହିତ ଶଙ୍ଖ ର ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ମହାପ୍ରଭୁଙ୍କ ଉଦେଶ୍ୟରେ ଲୋକଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ପୁରୀ ଯାଇପାରୁନୁ ବୋଲି ଏଇଠୁ ଦେଲୁ ଗୁଆ ଚାଉଳ, ଶ୍ରଦ୍ଧାର ସହ ଗ୍ରହଣ କର ହେ କାଳିଆ ବୋଲି ଲୋକେ ଆଖି ଛଳ ଛଳ କରି ସେମାନଙ୍କ ଭାବାବେଗ କୁ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଛତ୍ରପୁର ବିଜୁ ଜନତା ଦଳର ନଗର ସଭାପତି ବି. ରାଜୁବାବୁ, ଉପ ସଭାପତି ଅଟଳ ବିହାରୀ ପଟ୍ଟନାୟକ,ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, କାଉନସିଲର ପ୍ରୀତିଛନ୍ଦା ସାମଲ,ବି. ନିଶ୍ଚଳା,କେ. ରମେଶ, ଅରୁନ୍ଧତୀ ରେଡ୍ଡୀ, ଅମରେଶ କୁମାର ମହାରଣା, ଟି. ଗଣେଶ ରେଡ୍ଡୀ, ଏମ. ୱାଣୀ ସେନାପତି, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ଯୁବ ବିଜେଡି ଛତ୍ରପୁର ନଗର ସଭାପତି ଟି. ଚନ୍ଦ୍ର ଶେଖର ରାଓ,ଛତ୍ରପୁର ବିଜୁ ଆଇନ ସାମୁଖ୍ୟ ର ସଭାପତି ସୁରେଶ କୁମାର ପଣ୍ଡା, ଆଇନଜୀବି ପ୍ରଶାନ୍ତ କୁମାର ଶତପଥୀଙ୍କ ସମେତ ୱାର୍ଡର ବହୁ ଭଦ୍ର ବ୍ୟକ୍ତି ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



**ଦଶରଥପୁର(ଅମୃତ ମିଡିଆ):** ଦଶରଥପୁର ବ୍ଲକ ଅଧିନସ୍ଥ ଅହିୟାସ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ସୁବ୍ରତ କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ରାଉତଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ବୃକ୍ଷର ଉପକାରିତା, ପରିବେଶ ପ୍ରଦୂଶନ ଓ ନିୟନ୍ତ୍ରଣ ଏବଂ ଜଳହିଁ ଜୀବନ ଭଳି ବିଷୟରେ ପ୍ରକଳ୍ପ ଛାତ୍ର ଛାତ୍ରୀମାନେ ପ୍ରଦର୍ଶିତ କରିଥିଲେ । ବିଚାରକ ଭାବରେ ଅହିୟାସ ସରକାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷୟତ୍ରୀ ଐଶ୍ୱର୍ଯ୍ୟା ରାଉତ ଯୋଗଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ ମଲ୍ଲିକ୍, ପୂର୍ଣ୍ଣ ଚନ୍ଦ୍ର ନାୟକ, ଶିକ୍ଷୟତ୍ରୀ ସ୍ମିତା ପଣ୍ଡା, ହରପ୍ରିୟା ତ୍ରିପାଠୀ, ତାଞ୍ଜିମା ଖାତୁନ, ଦିପ୍ତିମୟୀ ମଲ୍ଲିକ, ଶୋନାଲିକ ଦାସ ଓ ପ୍ରଜ୍ଞା ପରମିତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବୀର କଳିଙ୍ଗ ସେବାରେ ସମ୍ମାନୀତ ହେଲେ ସଞ୍ଜୟ



**ଆସିକା(ଅମୃତ ମିଡିଆ):** ଭୁବନେଶ୍ୱର ସ୍ଥିତ ୟୁନିଟ -୯ ବୁଦ୍ଧ ମନ୍ଦିର ଠାରେ ସାରସ୍ୱତ ସାହିତ୍ୟ ସମାଜ ପକ୍ଷରୁ ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଡଃ.ହିମାଦ୍ରୀ ତନୟା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବା ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ । ବର୍ତମାନ ସମୟରେ ଦୈନନ୍ଦିନ ଘଟୁଥିବା ଘଟଣା କିଭଳି ସମାଜର ଯୁବ ପିଢିକୁ ଦିଗଦର୍ଶନ ପ୍ରଦାନ କରିଥାଏ ତାହାକୁ କବି ମାନେ ନିଜ ନିଜ ଲେଖନୀରେ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କବି ମାନଙ୍କୁ ସାରସ୍ୱତ ସାହିତ୍ୟ ସମାଜ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ବାବନପୁର ସରପଚଂ ସଞ୍ଜୟ କୁମାର ନାୟକଙ୍କୁ ସମାଜସେବା ଓ ପରିବେଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବୀର କଳିଙ୍ଗ ସେବା ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହି ଉତ୍ସବରେ ଓଡିଶାର ଅବସରପ୍ରାପ୍ତ ମୂଖ୍ୟ ଶାସନ ସଚିବ ସହଦେବ ସାହୁ, ସାହିତ୍ୟିକ ପଦ୍ମଶ୍ରୀ ଡଃ.ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଧାୟକ ଶଶି ଭୂଷଣ ବେହେରା ସାଙ୍ଗକୁ ଯୁବ କବି, ମାନ୍ୟଗଣ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ମାନୀତ ହୋଇଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ବାସୁଦେବପୁର(ଅମୃତ ମିଡିଆ):** ଅଟଳ ବିହାରୀ କଲେଜ ରୋଡ ରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ବାର୍ଷିକ ଉତ୍ସବ ଓ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇ ଯାଇଛି। ସକାଳୁ ସକାଳୁ କୁନି କୁନି ପିଲା ମାନଙ୍କ ଦ୍ୱାରା ବିବେକାନନ୍ଦ ବେଶ ରେ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ପରେ ଏକ ସଭା କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭା କାର୍ଯ୍ୟ କର୍ମ ରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ କ୍ରିତି ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସର ରେ ବିଦ୍ୟାଳୟ ର ସଭାପତି ତାରାକାନ୍ତ ଡ଼ା ଙ୍ଗୁଆ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ପାଣିଗ୍ରାହୀ ଓ ସମ୍ପାଦକ ସୁକାନ୍ତ କୁମାର ବାରିକ୍ ଉପସ୍ଥିତ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଇପ୍ସିତା ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସର ରେ ଶ୍ରୀଯୁକ୍ତ ପ୍ରଭାକର ତ୍ରିପାଠୀ ଓ ଶ୍ରୀଯୁକ୍ତ ବୃନ୍ଦାବନ ବାରିକ୍ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥି ସହ ବିଭିନ୍ନ ପ୍ରତିଯୋଗିତା ରେ କୃତି ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି।

# ପୂର୍ତ୍ତ ବିଭାଗ କ୍ୱାର୍ଟର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

**ରାଜନଗର(ଅମୃତ ମିଡିଆ);** ରାଜନଗର ବ୍ଲକ ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ କ୍ୱାର୍ଟର ତିନିବର୍ଷ ହେବ ନିର୍ମାଣ ଚାଲିଛି । କାମ ସରିବାର ନାଁ ଧରୁନି । କର୍ମଚାରୀମାନେ ଭଡାରେ ବିଭିନ୍ନ ସ୍ଥାନରେ ଭଡା ଘରେ ରହୁଛନ୍ତି । ଠିକାସଂସ୍ଥାର ମନମାନୀରେ ନିର୍ମାଣ କାର୍ଯ୍ୟ ଚାଲିଛି । ୫୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗର ଟେଣ୍ଡର ସରିବା ପରେ ୨୦୨୧ ଡିସେମ୍ବର ୬ତାରିଖରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ମସିହା ଅପ୍ରେଲ ମାସ ୫ତାରିଖ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଠିକାସଂସ୍ଥା ଚୁକ୍ତିନାମା କରିଥିଲା । ମାତ୍ର କାର୍ଯ୍ୟ ଶେଷ ତାରିଖର ଅବଧି ପୂରିବାର ବର୍ଷେ ଆଠମାସ ଯାଇ ୯ମାସ ଚାଲିଛି । ତଥାପି କାର୍ଯ୍ୟ ଅଧାପ'ରିଆ ଅବସ୍ଥାରେ ପଡିରହିଛି । ଠିକାସଂସ୍ଥା ନିଜର ମର୍ଜିରେ ଏହି କାର୍ଯ୍ୟ କରି ଅଧାପନ୍ତରିଆ ଅବସ୍ଥାରେ ରଖିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନିଘା ନଥିବା ଅଭିଯୋଗ ହେଉଛି । ଏନେଇ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନଙ୍କୁ ପଚାରିବାରୁ ସଂପୃକ୍ତ ଠିକାସଂସ୍ଥାକୁ ନୋଟିସ ଦେଇଛୁ। ସେ କାର୍ଯ୍ୟ ଶେଷ କରୁନି କହି କଥାକୁ ଏଡାଇ ଯାଇଥିଲେ। ବିଭାଗୀୟ ଅଧିକାରୀ ଠିକାସଂସ୍ଥା ଉପରେ ଲଗାମ ଲଗାଇବା ବଦଳରେ ଘଂଟ ଘୋଡାଇବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଏସଂପର୍କରେ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।



# ମୃତ୍ୟୁର ୧୦ଦିନ ପରେ କେନାଲରୁ ଉଦ୍ଧାର ହେଲେ ମଡେଲ୍



**ଗୁରୁଗ୍ରାମ:** ମଡେଲ ଦିବ୍ୟା ପାହୁଜା ହତ୍ୟା ଘଟଣାରେ ହୋଟେଲ ମାଲିକ ଅଭିଜିତଙ୍କ ସହ ଅନ୍ୟ ୨ଜଣ ସହଯୋଗୀଙ୍କୁ ଗୁରୁଗ୍ରାମ ପୁଲିସ ଗିରଫ କରିଥିଲା। ଏଥିସହିତ ଏସଆଇଟି ଏହି ହତ୍ୟା ଘଟଣାର ବିଭିନ୍ନ ଦିଗକୁ କେନ୍ଦ୍ର କରି ତଦନ୍ତ ଜାରି ରଖିଛି। ଜାନୁଆରି ୨ ତାରିଖରେ ମଡେଲ ଦିବ୍ୟାଙ୍କ ହତ୍ୟା ହୋଇଥିବା ବେଳେ ୧୦ଦିନ ପରେ ତାଙ୍କ ମୃତଦେହ ଏକ କେନାଲରୁ ମିଳିଛି। ପୁଲିସ ଅଧିକାରୀଙ୍କ କହିବାନୁସାରେ, କେନାଲରୁ ମଡେଲଙ୍କ ମୃତଦେହ ମିଳିବା ପରେ ଦିବ୍ୟାଙ୍କ ପରିବାରଲୋକ ତାହାକୁ ଚିହ୍ନଟ କରିଥିଲେ। ମେଡଲଙ୍କ ମୃତଦେହକୁ ପୁଲିସ କେନାଲରୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ମେଡଲଙ୍କ ମୃତଦେହ ହସ୍ତାନ୍ତର କରାଯିବ। ଦିବ୍ୟାଙ୍କ ହତ୍ୟା ପରେ ମୃତଦେହକୁ ପଞ୍ଜାବର କେନାଲରେ ଫିଙ୍ଗି ଦିଆଯାଇଥିଲା। ଏହାପରେ ମୃତଦେହ ଭାସିଭାସି ଟୋହନା କେନାଲ ପର୍ଯ୍ୟନ୍ତ ପହଞ୍ଚିଥିଲା। ତେବେ ପୁଲିସ ଅଭିଯୁକ୍ତ ବଳରାଜଙ୍କ ସୂଚନା ଅନୁସାରେ ଟୋହନା କେନାଲରୁ ମଡେଲଙ୍କ ମୃତଦେହ ଜବତ କରିଥିଲା। ପୁଲିସର ୬ଟି ଦଳ ଏହି ହତ୍ୟାଘଟଣାର ଯାଞ୍ଚ କରୁଛନ୍ତି। ମଡେଲଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ବଳରାଜ ଗିଲ ପୁଲିସ ସାମ୍ନାରେ ନିଜ ଦୋଷ ସ୍ୱୀକାର କରି କହିଥିଲା କି ସେ ଦିବ୍ୟା ପାହୁଜାଙ୍କ ମୃତଦେହକୁ ପଟିଆଲା କେନାଲରେ ଫିଙ୍ଗି ଦେଇଛି। ଏହାପରେ କ୍ରାଇମ ବ୍ରାଞ୍ଚ ପଟିଆଲାର କେନାଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ମୃତଦେହ ଭାସି ଯାଇଥିବା କ୍ରାଇମ ବ୍ରାଞ୍ଚ ଟିମ ସନ୍ଦେହ କରି ବିଭିନ୍ନ କେନାଲରେ ଖୋଜିବା ଆରମ୍ଭ କରିଥିଲେ।

# ଆମେରିକାରେ ଭୀଷଣ ବରଫ ଝଡ଼

**ଚିକାଗୋ :** ଆମେରିକାରେ ଶୀତକାଳୀନ ଝଡ ଆରମ୍ଭ ହୋଇଯାଇଛି। ଫଳରେ ମିଡୱେଷ୍ଟ ଓ ସାଉଥରେ ବିମାନ ଉଡାଣରେ ବିଳମ୍ବ ଓ ରଦ୍ଦ ହେଉଥିବା ଯୋଗୁ ଅନେକ ଯାତ୍ରୀ ବିମାନ ବନ୍ଦରମାନଙ୍କରେ ଫଶି ରହିଛନ୍ତି। ଫ୍ଲାଇଟ୍ ଟ୍ରାକିଙ୍ଗ ୱେବସାଇଟ୍ ଫ୍ଲାଇଟ୍ ଏୱାର ଡଟ୍ କମ୍ ତଥ୍ୟ ଅନୁସାରେ ବରଫ ଝଡ଼ ଯୋଗୁ ପାଖାପାଖି ୨,୪୦୦ ବିମାନର ଉଡାଣ ବିଳମ୍ବିତ ହୋଇଛି ଓ ୨ହଜାରରୁ ଅଧିକ ବିମାନର ଯାତ୍ରା ବାତିଲ କରିଦିଆଯାଇଛି। ଚିକାଗୋ ଓ'ହାରେ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଆସୁଥିବା ୩୬ ପ୍ରତିଶତ ବିମାନରୁ ୪୦ ପ୍ରତିଶତ ଉଡାଣ ବାତିଲ କରିଦିଆଯାଇଛି। ସେହିପରି ଚିକାଗୋ ମିଡୱେ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଆସୁଥିବା ଉଭୟ ଉଡାଣରୁ ୬୦ ପ୍ରତିଶତ ବାତିଲ ହୋଇଯାଇଛି। ଏଥିରେ ଅନ୍ୟ ପ୍ରଭାବିତ ବିମାନବନ୍ଦରରେ ଡେନଭର



ଇଣ୍ଟରନ୍ୟାସନାଲ ଓ ମିଲୱାକି ମିସେଲ ଅନ୍ତର୍ଜାତୀୟ ବିମାନ ବନ୍ଦର ମଧ୍ୟ ରହିଛି। ବୋଇଂ ୭୩୭ ମ୍ୟାକ୍ସ ୯ ବିମାନ ଗ୍ରାଉଣ୍ଡିଂ କରିଦିଆଯାଇଥିବାରୁ କ୍ୟାନସେଲେସନ ମଧ୍ୟ ଏହି ସଂଖ୍ୟାରେ ଏବେ ଯୋଗ ଦେଉଛି। ଫେଡେରାଲ ଏଭିଏସନ ଆଡମିନେଷ୍ଟ୍ରେସନ (ଏଫଏଏ) ଦ୍ୱାରା ବାଧ୍ୟତାମୂଳକ ଗ୍ରାଉଣ୍ଡିଂ ଯୋଗୁ ଚଳିତ ସପ୍ତାହରେ ପ୍ରତ୍ୟେକ ଦିନ ୨୦୦ରୁ ଅଧିକ ୟୁନାଇଟେଡ ଓ ଆଲାସ୍କା ଏୟାରଲାଇନର ଉଡାଣ ରଦ୍ଦ କରିଦିଆଯାଇଛି। ଏଫଏଏ ଓ ବୋଇଂ ଏବେବି ଏକ ନିରୀକ୍ଷଣ ପ୍ରୋଟୋକଲରେ ବୁଝାମଣା କରିବାକୁ ଉଦ୍ୟମ କରୁଛନ୍ତି। ଯଦି ଏହା ସମ୍ଭବ ହୁଏ ଗ୍ରାଉଣ୍ଡେ ହୋଇଥିବା ୨୦୦ ଅଧିକ ବିମାନ ପୁଣି ଉଡାଣ କରିପାରିବେ। ତେବେ ଅଧିକାଂଶ କ୍ୟାନସେଲେସନ ଶୀତକାଳୀନ ବରଫ ଝଡ ଯୋଗୁ ହୋଇଛି। ଫ୍ଲାଇଟ୍ ଏୱାର ସାଉଥ୍ ୱେଷ୍ଟକୁ ୪୦୦ଟି ଉଡାଣ ରଦ୍ଦ ହୋଇଥିବା ଦର୍ଶାଉଛନ୍ତି। ଏହି ଗନ୍ତବ୍ୟରେ ୭୩୭ ମ୍ୟାକ୍ସ୯ ଉଡେନାହିଁ, ଯାହା କୌଣସି ଏୟାରଲାଇନ୍ସ ତୁଳନାରେ ଯଥେଷ୍ଟ ଅଧିକ। ତେବେ କେବଳ ବିମାନ ଉଡାଣ ନୁହେଁ ବରଫ ଝଡ ଯୋଗୁ ଅନେକ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଦକ୍ଷିଣରେ ବରଫ ଝଡ ଭୟଙ୍କର ରୂପ ଧାରଣ କରିଥିବାରୁ ବିଦ୍ୟୁତ କାଟ ବଢିଛି। ଏଥିରେ ଶୁକ୍ରାବ ଝଡର ବେଗ ବଢିବା ଯୋଗୁ ଦେଢ କୋଟିରୁ ଅଧିକ ଆମେରିକୀୟଙ୍କ ସମସ୍ୟା ବଢାଇ ଦେଇଛି।

# ବିଦେଶରେ ବି ଜାନୁଆରୀ ୨୨ ରହିବ ଛୁଟି



**ନୂଆଦିଲ୍ଲୀ :** ଅଯୋଧ୍ୟାରେ ଜାନୁଆରୀ ୨୨ରେ ହେବାକୁ ଥିବା ଭବ୍ୟ ରାମ ମନ୍ଦିର ଲୋକାର୍ପଣରେ ଉତ୍ତର ପ୍ରଦେଶ ସରକାର ଯୋଗୀ ଆଦିତ୍ୟନାଥ ଛୁଟି ଘୋଷଣା କରିଛନ୍ତି। ତେବେ କେବଳ ଭାରତ ନୁହେଁ ରାମ ମନ୍ଦିରକୁ ନେଇ ବିଦେଶରେ ମଧ୍ୟ ଉତ୍ସାହ ଦେଖିବାକୁ ମିଳିଛି। ଏହି କ୍ରମରେ ମରିସସ୍ ସରକାର ଜାନୁଆରୀ ୨୨ ଦିନ ମଧ୍ୟ ଛୁଟି ଘୋଷଣା କରିଛନ୍ତି। ଦେଶର ହିନ୍ଦୁ କର୍ମଚାରୀଙ୍କ ପାଇଁ ଏହି ଦିନ ୨ଘଣ୍ଟା ବିଶେଷ ଅବକାଶ ରଖିବା ନେଇ ସେ ଘୋଷଣା କରିଛନ୍ତି। ଯାହାଦ୍ୱାରା ସେମାନେ ରାମ ମନ୍ଦିର ଲୋକାର୍ପଣକୁ ଦେଖିପାରିବେ। ଏନେଇ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ୍ର କୁମାରଙ୍କ କ୍ୟାବିନେଟ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଆମେରିକାରେ ଥାଇଲାଣ୍ଡର ରାଷ୍ଟ୍ରଦୂତ ତନେ ସଂଗ୍ରାଟ ରାମ ମନ୍ଦିର ଉଦ୍‌ଘାଟନକୁ ନେଇ କହିଛନ୍ତି, ଭାରତ ଛଡା ଅନେକ ଦେଶର ଲୋକଙ୍କ ପାଇଁ ଏହା ଖୁସି ଖବର। କେବଳ ଥାଇଲାଣ୍ଡ ନୁହେଁ ଦକ୍ଷିଣ-ପୂର୍ବ ଏସିଆର ବହୁ ଲୋକ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ସାହିତ ଅଛନ୍ତି।

# ପୁଞ୍ଚରେ ସେନା ଗାଡ଼ି ଉପରକୁ ଆତଙ୍କବାଦୀଙ୍କ ଆକ୍ରମଣ

**ଶ୍ରୀନଗର :** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ସେନା ଗାଡ଼ି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ହେଲେ ଯବାନ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ପ୍ରଥମ ଗୁଳିବିନିମୟ ପରେ ଆତଙ୍କବାଦୀମାନେ ଖସି ପଳାଇଯାଇଥିବା ବିଶ୍ୱାସ କରାଯାଉଛି। ସେନାର ଗାଡ଼ିସମୂହକୁ ଟାର୍ଗେଟ କରି ନିକଟସ୍ଥ ପାହାଡ଼ରୁ ଆତଙ୍କବାଦୀ ଗୁଳି ଚଳାଇଥିଲେ। ଉକ୍ତ ଗାଡ଼ିରେ ନର୍ଦ୍ଦନ କମାଣ୍ଡର ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସମେତ ଉଚ୍ଚ ପଦାଧିକାରୀମାନେ ଥିଲେ। ଗତ କିଛି ସପ୍ତାହ ମଧ୍ୟରେ ପୁଞ୍ଚ୍ ଅଞ୍ଚଳରେ ସେନା ଉପରେ ଏହା ଦ୍ୱିତୀୟ ଆତଙ୍କବାଦୀ ଆକ୍ରମଣ। ପୂର୍ବରୁ ପୁଞ୍ଚର ଡେରା କି ଗଲିରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪ ଯବାନ ଶହୀଦ ହେବା ସହ ଜଣେ ଆହତ ହୋଇଥିଲେ। ଉକ୍ତ ସ୍ଥାନଠାରୁ ୪୦ କି.ମି. ଦୂର କ୍ରିଷ୍ଣାଗତି ସେକ୍ଟରରେ ସେନା ଗାଡ଼ି ଉପରେ ଏହି ଆକ୍ରମଣ କରାଯାଇଛି।



# ହୁତି ବିଦ୍ରୋହୀଙ୍କ ଉପରେ ଆମେରିକାର ଏୟାର ଷ୍ଟ୍ରାଇକ୍‌କୁ ୟେମେନ୍‌ରେ ବିରୋଧ

**ସାନା:** ଲୋହିତ ସାଗରରେ ବାରମ୍ବାର ହୁତି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁ ଆମେରିକା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ୟେମେନ୍‌ରେ ସକ୍ରିୟ ଥିବା ହୁତି ବିଦ୍ରୋହୀ ଠିକଣା ଉପରେ ପ୍ରବଳ ବୋମା ବର୍ଷଣ କରୁଛନ୍ତି ଆମେରିକା ଓ ବ୍ରିଟେନ୍। ଯାହାକୁ ନେଇ ୟେମେନରେ ବଡ଼ ଧରଣର ଆନ୍ଦୋଳନ ତେଜିଛି। ହୁତି ବିଦ୍ରୋହୀମାନେ ଆମେରିକାର ଏଭଳି କାର୍ଯ୍ୟାନୁଷ୍ଠାନର ଜବାବ ଦେବେ ବୋଲି କହିଛନ୍ତି। ଆମେରିକାର ଆକ୍ରମଣକୁ ବିରୋଧ କରି ଶୁକ୍ରବାର ହଜାର ହଜାର ୟେମେନ୍‌ବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହୁତିମାନଙ୍କ ପାଇଁ ବ୍ରିଟିସ୍ ଓ ଆମେରିକା ଆମ ଦେଶରେ ଆକ୍ରମଣ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଏନେଇ ସେମାନେ ନିଜ ନିଜର ନେତାଙ୍କ ପାଖରେ ଫେରାଦ ହୋଇଛନ୍ତି। ହୁତି ବିଦ୍ରୋହୀଙ୍କ ଉତ୍‌ପାତ ଯୋଗୁ



ଗୁରୁବାର ରାତିରେ ଆମେରିକା ଓ ବ୍ରିଟେନ୍ ବିଦ୍ରୋହୀଙ୍କ ଆଡ୍ଡା ଉପରେ ଏକାଧିକ ଏୟାର ଷ୍ଟ୍ରାଇକ୍ କରିଛି। ଯାହାକୁ ହୁତି ସର୍ବୋଚ୍ଚ ରାଜନୈତିକ ପରିଷଦର ସଦସ୍ୟ ମହମ୍ମଦ ଅଲି ଅଲ ହୁତୀ ବିରୋଧ କରିଛନ୍ତି। ଆମେରିକା ଓ ବ୍ରିଟେନ୍‌ର ଆକ୍ରମଣ ଆତଙ୍କବାଦ ବୋଲି ସେ କହିଛନ୍ତି। ଆମେରିକା ଏକ ସୈତାନ ବୋଲି ସେ କହିଛନ୍ତି। ୨୦୨୩ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିବା ପରେ ହୁତି ବିଦ୍ରୋହୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲେ। ଯେପର୍ଯ୍ୟନ୍ତ ଇସ୍ରାଏଲ ଗାଜା ଉପରେ ଆକ୍ରମଣ ବନ୍ଦ କରିବ ନାହିଁ ସେ ପର୍ଯ୍ୟନ୍ତ ଇସ୍ରାଏଲ୍ ଆଡ଼କୁ ଯାଉଥିବା ସମସ୍ତ ଜାହାଜ ଉପରେ ଆମେ ଆକ୍ରମଣ କରିବୁ ବୋଲି ବିଦ୍ରୋହୀ କହିଛନ୍ତି। ଏଥିସହିତ ଇସ୍ରାଏଲ୍ ପୋର୍ଟରେ କାରବାର କରୁଥିବା ଅନ୍ତର୍ଜାତୀୟ ସିପିଂ କମ୍ପାନୀଗୁଡ଼ିକୁ ମଧ୍ୟ ବିଦ୍ରୋହୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଥାଉକି ହୁତିମାନେ ହେଉଛନ୍ତି ଇରାନ ପୋଷିତ 'ଆକ୍ସିସ୍ ଅଫ୍ ରେଜିଷ୍ଟାନ୍ସ'ର ଏକ ଗ୍ରୁପ୍। ଯାହା ଇସ୍ରାଏଲ୍ ଓ ଆମେରିକାକୁ ବିରୋଧ କରେ। ହୁତି ସର୍ବୋଚ୍ଚ ରାଜନୈତିକ ପରିଷଦର ସଦସ୍ୟ ମହମ୍ମଦ ଅଲି ଅଲ ହୁତୀ କହିଛନ୍ତି ଆମେ ଆମେରିକାର ଉପକୂଳରେ ଆକ୍ରମଣ କରି ନାହୁଁ କି ଆମେରିକା ଭୂଖଣ୍ଡକୁ ଯାଇ ନାହୁଁ ଆଉ ନା ସେମାନଙ୍କ ଉପରେ ଆମେ ଆକ୍ରମଣ କରିଛୁ।

# ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ପୁଣି କେଜ୍ରିୱାଲଙ୍କୁ ସମନ



**ନୂଆଦିଲ୍ଲୀ :** କେଜ୍ରିୱାଲଙ୍କୁ ପୁଣି ସମନ କଲା ଇଡି । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଉ ଥରେ ସମନ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ଏହାକୁ ମିଶାଇ ୪ ଥର ସମନ କରିସାରିଲାଣି ଇଡି । ପୂର୍ବ ତିନିଥର ସମନ ପାଇଥିଲେ ବି ହାଜର ହୋଇନଥିଲେ କେଜ୍ରିୱାଲ। ଏଥର କ'ଣ କରବେ ତା ଉପରେ ସମସ୍ତଙ୍କ ନଜର । ତୃତୀୟ ଥର ସମନ ପାଇବା ପରେ ଆପ୍ ପକ୍ଷରୁ ପ୍ରତିକ୍ରିୟା ରଖାଯାଇଥିଲା । ଦଳ କହିଥିଲା ଯେ, କେଜ୍ରିୱାଲଙ୍କୁ ଇଡିର ସମନ ବେଆଇନ୍ । ଜାଣିଶୁଣି ହଇରାଣ କରିବାକୁ ଏପରି କରାଯାଉଛି । ମୋଦୀ ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ହାତବାରିସି କରି ମୋଦୀ ସରକାର ବିରୋଧୀମାନଙ୍କୁ ହଇରାଣ କରିବାକୁ ଚେଷ୍ଟା କରୁଛି । ଅବକାରୀ ଦୁର୍ନୀତି ମାମଲାରେ ଆପ୍ ଅଡୁଆରେ ପଡ଼ିଛି । ଏପରିକି ଆପ୍ର ବରିଷ୍ଠ ନେତା ତଥା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଏବେବି ଜେଲରେ ଅଛନ୍ତି । ପୂର୍ବରୁ ଅନ୍ୟ କିଛି ନେତା ମଧ୍ୟ ଜେଲ ଯାଇଛନ୍ତି ।

## ବାଂଲାଦେଶରେ ଏମରଜେନ୍ସି ଲ୍ୟାଣ୍ଡିଂ କଲା ମୁମ୍ବାଇ-ଗୁଆହାଟି ଇଣ୍ଡିଗୋ ବିମାନ

**ଗୁଆହାଟି :** ଶନିବାର ଘନ କୁହୁଡ଼ି ହେତୁ ମୁମ୍ବାଇରୁ ଗୁଆହାଟି ଅଭିମୁଖେ ଯାଉଥିବା ଏକ ଇଣ୍ଡିଗୋ ବିମାନ ବାଂଲାଦେଶର ଢାକା ଆଡକୁ ଯାଇଥିଲା। ଖବର ମୁତାବକ ଗୁଆହାଟୀ ବିମାନବନ୍ଦରର କୁହୁଡି ଏତେ ଘନ ଥିଲା ଯେ ପାଇଲଟ ନିକଟସ୍ଥ ଅବତରଣ ଷ୍ଟ୍ରିପକୁ ମଧ୍ୟ ଦେଖିପାରିନଥିଲେ। ଏଭଳି ପରିସ୍ଥିତିରେ ଇଣ୍ଡିଗୋ ବିମାନ ଢାକାରେ ଜରୁରୀ ଅବତରଣ କରିଥିଲା। ଏକ୍ସରେ ଏକ ପୋଷ୍ଟରେ ମୁମ୍ବାଇର ଯୁବ କଂଗ୍ରେସର ପୂର୍ବତନ ମୁଖ୍ୟ ସୁରଜ ସିଂ ଠାକୁର ଏହି ଘଟଣା ବିଷୟରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ମୁଁ ଇଣ୍ଡିଗୋ ବିମାନ ୬ଇ ୫୩୧୯ ରେ ମୁମ୍ବାଇରୁ ଗୁଆହାଟୀ ଅଭିମୁଖେ ଯାତ୍ରା କଲି। କିନ୍ତୁ ଘନ କୁହୁଡି ହେତୁ ବିମାନ ଗୁଆହାଟୀରେ ଅବତରଣ କରିପାରିଲା ନାହିଁ, ବରଂ ଏହା ଢାକାକୁ ପଠାଗଲା। ଠାକୁର କହିଛନ୍ତି ଯେ ବର୍ତ୍ତମାନ ବିମାନର ସମସ୍ତ ଯାତ୍ରୀ ପାସପୋର୍ଟ ବିନା ଅନ୍ତର୍ଜାତୀୟ ସୀମା ଅତିକ୍ରମ କରୁଛନ୍ତି। ସେ କହିଛନ୍ତି ଯେ ଯାତ୍ରୀମାନେ ନିଜେ ବିମାନ ଭିତରେ ବସିଛନ୍ତି। ମୁଁ ୯ ଘଣ୍ଟା ଧରି ବିମାନରେ ଅଛି। ମୁଁ ଭାରତ ଯୋଡୋ ନ୍ୟାୟ ଯାତ୍ରା ପାଇଁ ମଣିପୁରର ଇମ୍ଫାଲକୁ ଯାଉଥିଲି। ବର୍ତ୍ତମାନ ଦେଖିବା ଯେତେବେଳେ ଆମେ ଗୁଆହାଟିରେ ପହଞ୍ଚିବା ଏବଂ ତା'ପରେ ସେଠାରୁ ଇମ୍ଫାଲକୁ ବିମାନ ପାଇବା।

# ପିଓକେ ବୁଲିଲେ ବ୍ରିଟିଶ ରାଜଦୂତ, ଭାରତର କଡ଼ା ବିରୋଧ

**ନୂଆଦିଲ୍ଲୀ:** ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ବ୍ରିଟିଶ ହାଇକମିଶନର ଜିନ୍ ମେରିୟଟ୍ ଙ୍କ ଗସ୍ତକୁ ଭାରତ ତୀବ୍ର ବିରୋଧ କରି ଏହାକୁ ନିଜର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହିଛି। ୨୦୨୪ ଜାନୁଆରି ୧୦ ତାରିଖରେ ଇସଲାମାବାଦରେ ଥିବା ବ୍ରିଟିଶ ହାଇକମିଶନରଙ୍କ ପାକିସ୍ତାନ ଅଧିକୃତ କଶ୍ମୀର ଗସ୍ତକୁ ଗମ୍ଭୀରତାର ସହ ନିଆଯାଇଛି ବୋଲି ଶନିବାର ଦିନ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି। ଭାରତର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାର ଏଭଳି ଉଲ୍ଲଂଘନ ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ପାକିସ୍ତାନୀ ସମ୍ବାଦପତ୍ର ଦି ଟ୍ରିବ୍ୟୁନର ଏକ ରିପୋର୍ଟ ଅନୁଯାୟୀ, ଭାରତ ଦାବି କରୁଥିବା ଅଞ୍ଚଳ ମିରପୁର ଗସ୍ତକୁ ଯଥାର୍ଥ ଦର୍ଶାଇ ମାରିୟଟ୍ କହିଛନ୍ତି ଯେ ଯେହେତୁ ବ୍ରିଟିଶ ପାକିସ୍ତାନୀ ମୂଳର



୭୦% ମୀରପୁରରୁ ଆସିଛନ୍ତି, ତେଣୁ ପ୍ରବାସୀଙ୍କ ସ୍ୱାର୍ଥ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତ ବର୍ଷ ମଧ୍ୟ ଏହିପରି ଏକ ବିବାଦୀୟ ଘଟଣା ଘଟିଥିଲା। ଯେତେବେଳେ ପାକିସ୍ତାନରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ମଧ୍ୟ ପିଓକେ ଗସ୍ତରେ ଯାଇଥିଲେ । ଏହାକୁ ନେଇ ବି ଭାରତ ସରକାର କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲା । ସେହିପରି ଆମେରିକୀୟ କଂଗ୍ରେସ ସଦସ୍ୟା ଇଲହାନ ଓମର ବି ପିଓକେ ଗସ୍ତରେ ଯାଇଥିଲେ । ତାହାକୁ ନେଇ ବି ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲା ।

## ରୁଷ-ୟୁକ୍ରେନ ଯୁଦ୍ଧକୁ ଦୁଇବର୍ଷ ପୂରଣ ହେବାକୁ ବସିଲାଣି

# ବ୍ରିଟେନ ୩.୨ ବିଲିୟନ ଡଲାର ୟୁକ୍ରେନକୁ ସହାୟତା ଦେବାକୁ ଘୋଷଣା

**ୟୁକ୍ରେନ :** ରୁଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ପୁରି ଯିବାକୁ ବସିଲାଣି । ଅର୍ଥ ଅଭାବରୁ ୟୁକ୍ରେନ ବହୁ ଅସୁବିଧାରେ ଅଛି । ଗୁଳିଗୋଳାର ଅଭାବ ତାକୁ ଯୁଦ୍ଧକ୍ଷେତ୍ରରେ ଏକପ୍ରକାର ଆଗକୁ ବଢିବାକୁ ଦେଉନାହିଁ । ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କରେ ଆଭ୍ୟନ୍ତରୀଣ ରାଜନୈତିକ କନ୍ଦଳ ହେତୁ ୟୁକ୍ରେନ ଆବଶ୍ୟକ ସହାୟତା ପାଇପାରୁ ନାହିଁ । ୟୁକ୍ରେନର ଏପରି ଦୁର୍ଦ୍ଦଶା ସମୟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କଳିଭ ଗସ୍ତ କରି ୟୁକ୍ରେନକୁ ଆର୍ଥିକ ସାହାଯ୍ୟ କରିବାକୁ ଘୋଷଣା କରିଛନ୍ତି । ବର୍ତ୍ତମାନ ପୃଥିବୀରେ ଦୁଇଟି ବଡ଼ ଯୁଦ୍ଧ ଚାଲିଛି । ଗୋଟିଏ ହେଲା ଇସ୍ରାଏଲ ଏବଂ ହମାସ ମଧ୍ୟରେ ଏବଂ ଅନ୍ୟଟି ହେଲା ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଛି । ରୁଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ହେବାକୁ ବସିଲାଣି । ଥମିବାର କୌଣସି



ଲକ୍ଷଣ ଜଣାପଡୁନାହିଁ । ସମ୍ପ୍ରତି ଗଣମାଧ୍ୟମର ରିପୋର୍ଟରେ କୁହାଯାଉଛି ଯେ ୟୁକ୍ରେନ ଅର୍ଥ ଏବଂ ଅସ୍ତ୍ରଶସ୍ତ୍ରର ଅଭାବର ସମ୍ମୁଖୀନ ହେଉଛି । ଏହି ସମୟରେ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ବିବୃତ୍ତି ୟୁକ୍ରେନର ଚିନ୍ତାକୁ କିଛି ମାତ୍ରାରେ ହ୍ରାସ କରିବାକୁ ଯାଉଛି । ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି ଯେ ବ୍ରିଟେନ ସରକାର ୟୁକ୍ରେନକୁ ସହାୟତା ଯୋଗାଇବାରେ ପଛଘୁଞ୍ଚା ଦେବେ ନାହିଁ । ପାଣ୍ଠି ସମ୍ପର୍କରେ ସୁନାକ ଏକ ନୂତନ ଘୋଷଣା ମଧ୍ୟ କରିଛନ୍ତି । ବ୍ରିଟିଶ ପ୍ରଧାନମନ୍ତ୍ରୀ ବର୍ତ୍ତମାନ କଳିଭ ଗସ୍ତରେ ଅଛନ୍ତି । ଏକ ସମୟରେ ଯେତେବେଳେ ଆମେରିକା ଏବଂ ୟୁରୋପର ୟୁକ୍ରେନକୁ ଦେବକୁ ଥିବା ଅଧିକାଂଶ ସହାୟତା ରାଜନୈତିକ ତିକ୍ତତା କାରଣରୁ ଅଟକି ରହିଛି ସେହି ସମୟରେ ବ୍ରିଟେନ ପ୍ରଧାନମନ୍ତ୍ରୀ ରିଷି ସୁନକ କହିଛନ୍ତି ଯେ ତାଙ୍କ ଦେଶ ଏହି ଯୁଗରେ ସର୍ବ ବୃହତ ପ୍ରତିରକ୍ଷା ସହାୟତା ପ୍ୟାକେଜ୍ ଦେବ । ସୂଚନା ଅନୁସାରେ ଚୁକ୍ତିନାମା ଅନୁଯାୟୀ ବ୍ରିଟେନ, ୟୁକ୍ରେନକୁ ୨.୫ ବିଲିୟନ ପାଉଣ୍ଡ କିମ୍ବା ୩.୨ ବିଲିୟନ ଡଲାରର ସହାୟତା ପ୍ୟାକେଜ ଦେବକୁ ଯାଉଛି । ଏହି ସାହାଯ୍ୟରେ ଅନେକ ଜିନିଷ ଅନ୍ତର୍ଭୁକ୍ତ । ଯେଉଁଥିରେ, ସାମରିକ ତାଲିମ ବ୍ୟତୀତ ବ୍ରିଟିଶ ସରକାର ୟୁକ୍ରେନକୁ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର, ଅଧିକ ଗୁଳିଗୋଳା ଏବଂ ଆର୍ଟିଲିରି ଯୋଗାଇ ଦେବେ ।

# ଚୀନର କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ; ୧୦ ମୃତ, ୬ ନିଖୋଜ

**ନୂଆଦିଲ୍ଲୀ:** ଚୀନ ହେନାନ ପ୍ରଦେଶର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ୬ ଜଣ ନିଖୋଜ ଅଛନ୍ତି। ଚୀନ୍‌ର ରାଜ୍ୟ ପ୍ରସାରଣକାରୀ ସିସିଟିଭି ଏ ସମ୍ପର୍କରେ ସୂଚନା ଦେଇଛି। ସିସିଟିଭି ଅନୁଯାୟୀ କୋଇଲା ଏବଂ ଗ୍ୟାସ ବିସ୍ଫୋରଣ ହେତୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ସିସିଟିଭି ରିପୋର୍ଟ ଅନୁଯାୟୀ, ଚୀନର ମଧ୍ୟଭାଗର ହେନାନ ପ୍ରଦେଶର ପିଙ୍ଗିଙ୍ଗଶାନ ସହରରେ ଅବସ୍ଥିତ ଏକ କୋଇଲା ଖଣିରେ ଶୁକ୍ରବାର ଅପରାହ୍ନ ୨.୫୫ (ଭାରତୀୟ ସମୟ ୧୨.୨୫)ରେ ଏହି ଦୁର୍ଘଟଣା ଘଟିଛି। ନିଖୋଜ ଲୋକଙ୍କୁ ଖୋଜିବା ଏବଂ ଉଦ୍ଧାର କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ ସମସ୍ତ ଉଦ୍ୟମ ଆରମ୍ଭ କରିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ କମିଟି ଗଠନ କରାଯାଇଛି। ଚୀନର ମୁଖପାତ୍ର ଗ୍ଲୋବାଲ ଟାଇମ୍ସର ରିପୋର୍ଟ ଅନୁଯାୟୀ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ବାହାର ଭାଗରେ କୋଇଲା ଓ ଗ୍ୟାସ



ବିସ୍ଫୋରଣ ହେତୁ ଏହି ଘଟଣା ଘଟିଛି। କୋଇଲା ଖଣି କାର୍ଯ୍ୟର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣା ଉପରେ ହେନାନ ରାଜ୍ୟପାଳ ୱାଙ୍ଗ କେ ଏବଂ କାର୍ଯ୍ୟକାରୀ ଉପାଧ୍ୟକ୍ଷ ସୂର୍ଯ୍ୟ ସୋଗାଙ୍ଗ ନଜର ରଖିଛନ୍ତି। ରାଜ୍ୟ ନ୍ୟୁଜ୍ ଏଜେନ୍ସି ଜିନହୁଆ ପ୍ରକାଶ କରିଛି ଯେ ବିସ୍ଫୋରଣ ସମୟରେ ୪୨୫ ଜଣ ଲୋକ ଭୂତଳ କାମ କରୁଥିଲେ। ରିପୋର୍ଟ ଅନୁଯାୟୀ, ଜରୁରୀକାଳୀନ ପରିଚାଳନା ମନ୍ତ୍ରଣାଳୟ ତୁରନ୍ତ ଘଟଣା ସ୍ଥଳରେ ଏକ ଟିମ୍ ନିୟୋଜିତ କରିଥିଲା, ଯାହାକି ଏପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ ଅଛି। ତେବେ ବର୍ତ୍ତମାନ ନିଖୋଜ ଲୋକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଚୀନରେ ଖଣି ଦୁର୍ଘଟଣା ସାଧାରଣ, କିନ୍ତୁ ନିକଟ ଅତୀତରେ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ୨୦୨୨ ପାଇଁ ସରକାରୀ ଆକଳନରୁ ଜଣାପଡିଛି ଯେ ଚାଇନାରେ ୧୬୮ଟି ଖଣି ଦୁର୍ଘଟଣାରେ ୨୪୫ ଜଣଙ୍କର ମୃତ୍ୟୁ ଘଟିଛି। ଏଥି ସହିତ ଚୀନ୍‌ର ହିଲୋଙ୍ଗଜିଆଙ୍ଗ ପ୍ରଦେଶର ଏକ କୋଇଲା ଖଣିରେ ଦୁର୍ଘଟଣାରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ସମୟରେ ୧୩ ଜଣ ଆହତ ହୋଇଥିଲେ।

# ଜାତୀୟ ଯୁବ ଦିବସ ପାଳିତ




**କେନ୍ଦୁଝର(ଅମୃତ ମିଡିଆ):** ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ରମାକାନ୍ତ ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଂଶପାଳ ବ୍ଲକ ଅଧକ୍ଷ ମାନସ ଦେହୁରୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ରେ ନିଜ ଜୀବନକୁ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ଯୁବ ଦିବସ ପାଳନର ଗୁରୁତ୍ୱ ଉପରେ ବର୍ଣ୍ଣନା କରିଥିଲେ। ଯୁବ ରେଡକ୍ରସ କାଉନସେଲର ଅଧାପକ ଆନନ୍ଦ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସଭାରେ ଅଧାପିକା ଅନୁପମା ମହାପାତ୍ର,ଗୀତରାଣୀ ମହାନ୍ତ,ସୁଜାତା ଗିରି, ଅଧାପକ ଅମରେଶ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ବାରିକ, ପ୍ରିୟବ୍ରତ ସାହୁ,ପ୍ରଶାନ୍ତ କୁମାର ନାଥ,ପ୍ରଶାନ୍ତ କୁମାର ଦାସ, କର୍ମଚାରୀ ମୋହନ କୁମାର ସାହୁ, ଖଗେଶ୍ୱର ମହାନ୍ତ, ଭାଗବତ ମହାନ୍ତ, ବସନ୍ତ କୁମାର ସାହୁ, ଧୃତରାଷ୍ଟ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ।

# ଆନନ୍ଦପୁରକୁ ରେଳ ସଂଯୋଗୀକରଣ ନେଇ ଦାବିପତ୍ର

**ହାଟଡିହି (ଅମୃତ ମିଡ଼ିଆ ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡକୁ ନୂତନ ଭାବେ ରେଳ ସଂଯୋଗୀକରଣ ପାଇଁ ଆନନ୍ଦପୁର ଉପଖଣ୍ଡର ଯୁବ ବିଜେଡି ନେତା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଟୁଇଟର ମାଧ୍ୟମରେ ଦାବୀ କରିଥିବା ଜଣାଯାଇଛି। ଯୁବ ନେତାଙ୍କ ଦାବି ଅନୁସାରେ ଓଡ଼ିଶାରେ ସମସ୍ତ ଜିଲ୍ଲା ଅପେକ୍ଷା କେନ୍ଦୁଝର ଜିଲ୍ଲା କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ପୈଠ କରୁଅଛି । କେନ୍ଦୁଝର ରେଳ ଷ୍ଟେସନ ଠାରୁ ଆନନ୍ଦପୁର ଉପଖଣ୍ଡ ୯୦ କିମି ରୁ ଉର୍ଦ୍ଧ ରାସ୍ତା ହେଇଥିବା ବେଳେ ଆନନ୍ଦପୁର ବାସୀ ଆଜି ପର୍ଯ୍ୟନ୍ତ କେନ୍ଦୁଝର ଯାଇ ରେଳ ସୁବିଧା ଉପଭୋଗ କରିପାରିନାହାନ୍ତି । ଆନନ୍ଦପୁର ଠାରୁ କେନ୍ଦୁଝର, ଭୁବନେଶ୍ୱର, ଦିଲ୍ଲୀ, କଲିକତା ଏବଂ ବିଭିନ୍ନ ଦୂରଦୂରାନ୍ତର ସହରଗୁଡିକୁ ଗମନାଗମନ ପାଇଁ ରେଳ ଗାଡିର ବ୍ୟବସ୍ଥା ନ ହୋଇ ଥିବାରୁ ଦୀର୍ଘଦିନ ହେବ ଅଞ୍ଚଳବାସୀ କ୍ଷୁବ୍ଧ ପ୍ରକାଶ କରନ୍ତି। ଏହି ସବୁ ଅସୁବିଧାକୁ ସମାଧାନ କରିବା ଦିଗରେ ଆନନ୍ଦପୁର ଉପଖଣ୍ଡର ଜନସାଧାରଣଙ୍କ ସେବାରେ ସଦା ସର୍ବଦା ନିୟୋଜିତ ଥିବା ଯୁବ ବିଜେଡି ନେତା ଇଂ ବିଶ୍ୱନାଥ ପ୍ରତାପ ଜେନା ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରେଳମନ୍ତ୍ରୀ, ୫ -ଟି ସଚିବଙ୍କୁ ଟୁଇଟର ମାଧ୍ୟମରେ ଆନନ୍ଦପୁରକୁ ରେଳ ସଂଯୋଗ କରିବାକୁ ଦାବୀ ଜଣାଇଛନ୍ତି । ଯାହାଦ୍ୱାରା ଆନନ୍ଦପୁର ବାସିନ୍ଦା ଭାରତ ସରକାରଙ୍କ ରେଳ ସୁବିଧା ପାଇବା ସହ ସେମାନଙ୍କ ଦୀର୍ଘ ଦିନର ଅସୁବିଧା ସବୁଦିନ ପାଇଁ ଦୂର ହେଇପାରନ୍ତା ।



## ଶ୍ରମିକଙ୍କ ଧାରଣା ସ୍ଥଳରେ ଜଣେ ଅସୁସ୍ଥ

**ପାରାଦୀପ(ଅମୃତ ମିଡିଆ):** ପାରାଦୀପ ରିଫାଇନାରୀ ଆଗରେ ଶ୍ରମିକ ଙ୍କ ଚାଲିଥିବା ଧାରଣା ୧୧ ଦିନରେ ପହଂଚି ଥିବା ବେଳେ ଆଜି ଜଣେ ଶ୍ରମିକ ଅସୁସ୍ଥ ହୋଇ ମେଡିକାଲରେ ଭର୍ତି ହୋଇଥିବା ଜଣାପଡିଛି । ଦିନ ରାତି ଶ୍ରମିକ ମାନେ ୮ ଦଫା ଦାବି ନେଇ ଧାରଣା ରେ ବସିଥିବା ବେଳେ ଶ୍ରମିକ ସଂଘ , ପ୍ରଶାସନ ଓ କମ୍ପାନୀ କର୍ତୃପକ୍ଷ ଙ୍କ ଭିତରେ ଆଲୋଚନା ବିଫଳ ହୋଇଛି । ଆଜି ଧାରଣା ରେ ବସିଥିବା ଶ୍ରମିକ ବାବାଜୀ ପୋଥାଳ ଗୁରୁତର ଭାବେ ଅସୁସ୍ଥ ହୋଇ ପଡିବାରୁ ତଳେ ପଡି ଯାଇଥିଲେ ଓ ତାଙ୍କୁ ସଙ୍ଗେ ସଙ୍ଗେ ବିଶୋଧନାଗାର ର ଆମ୍ବୁଲାନ୍ସ ଆଜି ବିଶୋଧନାଗାର ମେଡିକାଲ କୁ ନେଇ ଭର୍ତି କରିଥିବା ଜଣାପଡିଛି । ଅସହ୍ୟ ଥଣ୍ଡା ରେ ଶ୍ରମିକ ମାନେ ୧୧ ଦିନ ହେବ ଧାରଣା ରେ ବସି ରହିଥିବା ବେଳେ ଅନେକ ଶ୍ରମିକ ଅସୁସ୍ଥ ଥିବା ଜଣାପଡ଼ୁଛି ।

# ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ପାଳନ

**ହାଟଡିହି (ଅମୃତ ମିଡ଼ିଆ ):** ଅସ୍ମାୟାର ଦ୍ୱାରା ହାଟଡିହି ବ୍ଲକ ଢେଙ୍କା ଗ୍ରାମପଞ୍ଚାୟତରେ ବ୍ଲକ ସ୍ତରୀୟ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଶିକ୍ଷା ସଚେତନତା ଶୋଭାଯାତ୍ରା ଏବଂ ଯୁବ ସମ୍ମିଳନୀ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆସ୍ମାୟାର ସଂଯୋଜକ ଦୁଷ୍ମନ୍ତ କୁମାର ସାହୁଙ୍କ ସଭାପତିତ୍ୱ ଏବଂ ସମ୍ବନ୍ଧିତ ଶିଶୁ ବିକାଶ ସଂଯୋଜକ ଜୀବନଜ୍ୟୋତି ରାଉତ ଙ୍କ ମଞ୍ଚ ପରିଚାଳନା ରେ ମୁଖ୍ୟ ଅତିଥି ଭାବରେ ୩୪ ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟ ସମନାଥ ଦାସ ଏବଂ ମୁଖ୍ୟ ବକ୍ତା ଭାବରେ ସେଣ୍ଟ ଜାଭିଅର ହାଇ ସ୍କୁଲର ପ୍ରବନ୍ଧ ନିର୍ଦ୍ଦେଶକ ବା ସମାଜସେବୀ ଉଦୟନାଥ କର, ସମ୍ମାନିତ ଅତିଥି ଭାବରେ ଢେଙ୍କା ଗ୍ରାମପଞ୍ଚାୟତ ସରପଞ୍ଚ ସୁବାସିନୀ ସେଠୀ, ଆସ୍ମାୟାର ହାଟଡିହି ବ୍ଲକ ସଂଯୋଜକ କୃପାସିନ୍ଧୁ ସିଂ,ଆସ୍ମାୟାର ହାଟଡିହି ବ୍ଲକ ବିଦ୍ୟାଳୟ ପରିଚାଳନା କମିଟି ର ସଂଯୋଜକ ଧୀରେନ୍ଦ୍ର ନାଥ ଖଟୁଆ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଏବଂ ତାଙ୍କ ଲକ୍ଷ୍ୟ ବିଷୟରେ ଆଲୋଚନା କରିବା ସହ ଆଜିର ସମାଜରେ ଯୁବକ ମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ଆଲୋଚନା କଲେ କ୍ଷସଭା ଶେଷରେ ସତ୍ୟବ୍ରତ ଜେନା ସମସ୍ତ ଉପସ୍ଥିତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସଙ୍ଗ କଲେ କ୍ଷସୁମିତ ସୁଭାଶିଷ ପାତ୍ର,ଅମ୍ଳାନ କୁମାର ଜେନା, ଦଶରଥ ମାଝୀ, ବିପିନି କୁଅଁର, ଯୁବରାଜ ଖଜୁରିଆ, ଆଦିତ୍ୟ ରଞ୍ଜନ ପଟ୍ଟନାୟକ, ପ୍ରିୟଦର୍ଶିନୀ ପରିଡା, ମଧୁସ୍ମିତା ବାରିକ, ସାଇପ୍ରିୟା ମାଝୀ, ଅରବିନ୍ଦ ସାହୁଙ୍କ ସମେତ ସମସ୍ତ ଜି. ପି. ସି. ଏମ ଏବଂ ଏଲ. ଇ. ପି - ଶିକ୍ଷକ ଓ ସ୍ୱେଚ୍ଛାସେବୀ ସଭାଟିକୁ ସଫଳ କରିବା ନିମନ୍ତେ ପୂର୍ଣ୍ଣ ସହଯୋଗ କରିଥିଲେ।




# ଦଶିପୁର ପଞ୍ଚାୟତରେ ବୁଲିଲା ଜଗନ୍ନାଥ ଅର୍ପଣ ରଥ

**ଆଳି(ଅମୃତ ମିଡିଆ):** ଆଗାମୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଥିବା ବେଳେ ପ୍ରତି ପରିବାର କିପରି ଏଥିରେ ସହଭାଗୀ ହୋଇପାରିବେ ସେ ନେଇ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରାଯାଉଛି । ଶୁକ୍ରବାର ଦିନ ଆଳି ବ୍ଲକ ଦଶିପୁର ପଞ୍ଚାୟତରେ ଏହି ରଥ ପରିକ୍ରମା କରିଛି । ଏହି ରଥ ପରିକ୍ରମାରେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଗ୍ରାମର ମହିଳା ମାନଙ୍କ ନିକଟରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ଦଶିପୁର ପଞ୍ଚାୟତରେ ଏହି ରଥ ପହଞ୍ଚିବା ପରେ ମହିଳା ମାନେ ବନ୍ଦାପନା କରି ସ୍ୱାଗତ କରିଥିବା ବେଳେ ପୁରୁଷ ମହିଳାଙ୍କ ସଂକୀର୍ତ୍ତନରେ ଗାଁ ଦାଣ୍ଡ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା । ମହିଳାମାନେ ମହାପ୍ରଭୁ ଉଦ୍ଦେଶ୍ୟରେ ଘରୁ ଗୁଆ,ଅରୁଆ ଚାଉଳ ଓ ନଡ଼ିଆ ଆଦି ପ୍ରଦାନ କରିଥିଲେ । ଏହି ଅର୍ପଣ ରଥ ଗାଁ ପରିକ୍ରମା କରିବା ସମୟରେ ସରପଞ୍ଚ ପ୍ରଦ୍ୟୋତ ମହାନ୍ତି, ବିଜେଡି ଡିଜିଟାଲ ସେକ୍ରେଟାରୀ ତଥା ସମିତି ସଭ୍ୟ ପ୍ରତିନିଧି ସୁରେଶ ବରଜ,ରବିନ୍ଦ୍ର ମଳିକ,ଜଗନ୍ନାଥ ସାମଲ,ଚିରଞ୍ଜୀବ ଦାଶ ଓ ଅଞ୍ଜନ ମଳିକ,ପୁଷ୍ପକ ମଳିକଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ ।



## ପାରାଦୀପ ବନ୍ଦର ଅଧକ୍ଷଙ୍କ ଦକ୍ଷତା ଓ ଉଦାରତା ପ୍ରତି
# କୃତଜ୍ଞତା ଜ୍ଞାପନ କଲା ପୋର୍ଟ ବଣିକ ସଂଘ

**ପାରାଦୀପ(ଅମୃତ ମିଡିଆ):** ଚଳିତ ଆର୍ଥିକ ବର୍ଷ ଅବବ୍ୟହିତ ପୂର୍ବରୁ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଦେଶର ଶ୍ରେଷ୍ଠ ବନ୍ଦର ଭାବେ ବିବେଚିତ ହୋଇଛି ।ଏଥି ସହିତ ପାରାଦୀପ ବନ୍ଦର ଅଧକ୍ଷଙ୍କର ଦକ୍ଷତା ଓ ଲୋକପ୍ରିୟତା ସ୍ୱରୂପ ଓଡ଼ିଆ ଜାତିର ଅନ୍ୟତମ ଶ୍ରେଷ୍ଠ ଐତିହାସିକ ଉତ୍ସବ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ଭାରତର ମହାମାନ୍ୟ ରାଷ୍ଟ୍ରପତିଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରିତ କରି ବନ୍ଦରର ଗର୍ବ ଓ ଗୌରବକୁ ଦ୍ୱିଗୁଣିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତାଙ୍କର ସମ୍ପଦ ବିଭାଗ ପକ୍ଷରୁ ବନ୍ଦରର ଦୋକାନ ଘର ବା ବ୍ୟବସାୟିକ ଘର ଭଡା ଅସମ୍ଭବ ଭାବେ ବୃଦ୍ଧି କରିଥିଲେ ।ଯାହାକି ପ୍ରଚଳିତ ଘର ଭଡା ଠାରୁ ୧୦୦ରୁ ୧୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଯାହାକି ପାରାଦୀପ ବନ୍ଦର ଟାଉନସିପିରେ ବ୍ୟବସାୟ କରୁଥିବା ଶହ ଶହ ବ୍ୟବସାୟୀ ମାନଙ୍କ ପକ୍ଷରେ ମାତ୍ରାଧିକ ହୋଇଛି ।ଏହାର ପ୍ରତିକାର ପାଇଁ ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ସଭାପତି ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ ବନ୍ଦର ଅଧକ୍ଷ ଶ୍ରୀ ପି ଏଲ ହାରାନାଧଙ୍କୁ ସାକ୍ଷାତ କରି ବ୍ୟବସାୟୀ ମାନଙ୍କ ସମସ୍ୟା ଓ ମାତ୍ରାଧିକ ଘରଭଡା ପ୍ରତ୍ୟାହାର କରିବା ପାଇଁ ଲିଖିତ ଆବେଦନ କରିଥିଲେ। ବନ୍ଦର ଅଧକ୍ଷ ଶ୍ରୀ ହାରାନାଧ ସହୃଦୟତା ସହ ଆବେଦନ ପତ୍ର ଗ୍ରହଣ କରିବା ସହିତ ବ୍ୟବସାୟୀ ମାନଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇ ବିଚାର କରାଯିବ ଏବଂ ପରବର୍ତ୍ତୀ ସମୟରେ ସବିଶେଷ ଆଲୋଚନା କରିବା ପରେ ଘରଭଡା ସ୍ଥିର କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ବନ୍ଦର ଅଧକ୍ଷଙ୍କୁ ଅଶେଷ ଧନ୍ୟବାଦ ସହିତ ବିଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସ୍ୱାମୀ ବିବେକାନନ୍ଦ ଜନ୍ମ ଜୟନ୍ତୀ ଓ ଯୁବ ଦିବସ ପାଳିତ

**ଛତ୍ରପୁର(ଅମୃତ ମିଡିଆ):** ଛତ୍ରପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ତରଫରୁ ବିବେକାନନ୍ଦଙ୍କ ୧୬୨ ତମ ଜନ୍ମଜୟନ୍ତି ଓ ଯୁବ ଦିବସ ସ୍ଥାନୀୟ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୁବ ସମାଜ ର ସଭାପତି ସୁଧିର ସାହୁ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିରୂପେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରମୋଦ କୁମାର ତ୍ରିପାଠୀ , ମୁଖ୍ୟବକ୍ତା ରୂପେ ଆନସ୍ଲୋ ସରକାରୀ ହାଇସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀ, ସମ୍ମାନିତ ଅତିଥିରୂପେ ଛତ୍ରପୁର କେନ୍ଦ୍ରିୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ଶିକ୍ଷକ ବାଉରୀବନ୍ଧୁ ପଣ୍ଡା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ବକୃତା ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ଶେଷରେ ସମାଜସେବୀ ନରହରି ସ୍ୱାଇଁଙ୍କୁ ଯୁବ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସର ରେ ଛତ୍ରପୁର ହସ୍ପିଟାଲ ରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ ।



# ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର

**ବାରିପଦା/ଉଦଳା(ଅମୃତ ମିଡିଆ);** ଖୁଂଟା ବ୍ଲକ ଅନ୍ତର୍ଗତ ଧାନଘେରାସ୍ଥିତ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆଜି ସ୍ୱାମି ବିବେକାନନ୍ଦଙ୍କ ଜୟନ୍ତୀ (ଜାତୀୟ ଯୁବ ଦିବସ) ପାଳନ ଅବସରରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ମହାବିଦ୍ୟାଳୟର ଅଧକ୍ଷା ଲକ୍ଷ୍ମିପ୍ରିୟା ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ତାଲିମ ଶିବିରକୁ ଉଦ୍‌ଘାଟନ କରି ସାହାସର ସହିତ ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏହି ତାଲିମ ଆମ ଭିତରେ ଦମ୍ଭ ଭରି ଦେଇଥାଏ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧାପକ ସୁବାସ ଚନ୍ଦ୍ର ଦାସ, କୁଳମଣି ବେହେରା ଓ ସରୋଜ କୁମାର ପଣ୍ଡା ଶିବିରର ରୂପ ରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇବା ସହିତ ଆସନ୍ତା ୨୩ ତାରିଖରେ ଶିବିର ଉଦ୍‌ଯାପିତ ହେବ ବୋଲି ବକ୍ତବ୍ୟ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ଏହାପରେ ଶିବିରର ରଣ କୌଶଳ ତାଲିମ ଆରମ୍ଭ ହୋଇଥିଲା।

# ଥାଳକୁଡି ପଂଚାୟତରେ ଗଡ଼ିଲା ଜଗନ୍ନାଥ ଅର୍ପଣ ରଥ



**ଦଶରଥପୁର(ଅମୃତ ମିଡିଆ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍ ?ଘାଟନ ନିମନ୍ତେ ସମଗ୍ର ଓଡିଶା ଚଳଚଂଚଳ ହୋଇ ପଡ଼ିଥିବାବେଳେ ଏହି ଅବସରରେ ଆଜି ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ ଥାଳକୁଡ଼ି ପଞ୍ଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥର ଶୁଭରମ୍ଭ ହୋଇଛି । ସରପଞ୍ଚ ଗୀତାଞ୍ଜଳୀ ସେଠୀଙ୍କ ନେତୃତ୍ୱରେ ଯୁବନେତା ଦୀପକ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରଥ ଆଜି ଥାଳକୁଡ଼ି ଗ୍ରାମର ୩ ନମ୍ବର ୱାର୍ଡରେ ସ୍ଥିତ ଜଗନ୍ନାଥ ମନ୍ଦିରରୁ ବାହାରି ଥାଳକୁଡ଼ି ଓ କସବ ଗ୍ରାମ ପରିକ୍ରମା କରିଥିଲା । ଏହି ଅର୍ପଣ ରଥ ପରିକ୍ରମା ସମୟରେ ଗ୍ରାମର ପ୍ରତ୍ୟେକ ପରିବାର ପକ୍ଷରୁ ସ୍ୱତଃପୂର୍ତ୍ତ ଭାବେ ମୁଠେ ଅରୁଆ ଚାଉଳ ଓ ଗୋଟେ ଗୁଆ ପ୍ରଦାନ କରୁଥିବାର ଦେଖାଦେଇଥିଲା । ରଥ ପରିକ୍ରମା ସମୟରେ ମହିଳାମାନଙ୍କ ଦ୍ୱାରା ଶଙ୍ଖ ଓ ହୁଳହୁଳି ଶବ୍ଦ ଗ୍ରାମରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ଜେନା, ସୁବୋଧ ଦାସ, ହିମାଂଶୁ ନାୟକ,ଚନ୍ଦନ ମଲ୍ଲିକ, ଶମ୍ଭନାଥ ରାୟ ଲୋକନାଥ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନୂଆ - ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ
# ଓଡ଼ିଆ ଭାଷାହିଁ ଆମର ପରିଚୟ : ଶଶିଭୂଷଣ ପାଣିଗ୍ରାହୀ

**ବାରିପଦା/ଉଦଳା(ଅମୃତ ମିଡିଆ);** ଓଡ଼ିଶା ସରକାରଙ୍କର ନୂଆ - ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଧାରରେ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନିର ଆୟୋଜନ ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେଉଛି । ଏହି ଅବସରରେ ଆଜି ଜାନୁଆରି ୧୨ ତାରିଖ ଶୁକ୍ରବାର ସ୍ୱାମି ବିବେକାନନ୍ଦଙ୍କ ଜୟନ୍ତୀ (ଜାତୀୟ ଯୁବ ଦିବସ) ପାଳନ ଅବସରରେ କପ୍ତିପଦା ବ୍ଲକର ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ଓ ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଏହାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମେଘାସନ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପଣ୍ଡା ଓ ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଯଥା କ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କର ଏହି ଭଳି ଏକ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୋଡ଼ାଲ ଅଫିସର ଅଧାପିକା ଡ଼. ଶୁଭଦର୍ଶନୀ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ଅଧାପକ ଡ଼. ନିରଂଜନ ପାଠୀ କାର୍ଯ୍ୟକ୍ରମର ରୂପରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇବା ସହ ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ସେହିପରି ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଓଡ଼ିଆ ଭାଷା ହିଁ ଆମର ପରିଚୟ ବୋଲି ବ୍ୟକ୍ତ କରିଥିଲେ । ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ ଓ ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ଏହାର ପ୍ରଚାର ପ୍ରସାର ପାଇଁ ଆମକୁ କିପରି ସଜାଗ ହେବାକୁ ପଡ଼ିବ ସେ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ନୋଡ଼ାଲ ଅଫିସର ଅଧାପିକା ମଂଜୁଲତା ନାୟକ ଓ ଅଧାପିକା ଲକ୍ଷ୍ମୀପ୍ରିୟା ସିଂ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।

# କିଶୋର କୁମାର ଜେନା, ବିଜୟ କୁମାର ଶତପଥୀ ପାଇବେ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର(ବ୍ୟୁରୋ)** ଚୀନ୍‌ର ହାଙ୍ଗଝୌ ଏସୀୟ କ୍ରୀଡ଼ାରେ ରୌପ୍ୟ ବିଜେତା ଜାଭେଲିନ ଫିଙ୍ଗାଳି କିଶୋର କୁମାର ଜେନା ଏବଂ ଅର୍ଜୁନ ବିଜେତା ପୂର୍ବତନ ଭାରୋତ୍ତୋଳକ ତଥା ଭେଟେରାନ ପ୍ରଶିକ୍ଷକ ବିଜୟ କୁମାର ଶତପଥୀ ଚଳିତ ବର୍ଷର ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପ୍ରତି ବର୍ଷ ଓସ୍‌ଜା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। କିଶୋର ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ଏବଂ ବିଜୟ ଜୀବନବ୍ୟାପି ସାଧନା ପୁରସ୍କାରରେ ସମ୍ମାନିତ ହବେ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ମାନପତ୍ର, ଉପଢୌକନ ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ। ଆସନ୍ତା ୧୭ ତାରିଖରେ ପୁରସ୍କାର ସମାରୋହ ଆୟୋଜିତ ହେବ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

***ବିଭିନ୍ନ ...***

ଜିଲ୍ଲା ଲମତାପୁଟ ବ୍ଲକ୍ ଜଲାପୁଟ ପାତ୍ରପୁଟ ନିକଟ ରାସ୍ତାରେ ଦୁର୍ଘଟଣା ଘଟିଛି । ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ଜଲାପୁଟ ପାତ୍ରପୁଟ ନିକଟ ରାସ୍ତାରେ ଦୁର୍ଘଟଣା ଘଟିଛି । ଦୁଇ ବାଇକ୍ ମଧ୍ୟରେ ଧକ୍କା । ଦୁର୍ଘଟଣା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତ ବ୍ୟକ୍ତି ନନ୍ଦପୁର ବ୍ଲକ ଖମରାର ଗ୍ରାମ ଧନିଆ ଖରା ଓ ମାଣିକ ଖେମୁଣ୍ଡୁ । ଲମତାପୁଟ ବ୍ଲକ ପାଲାମଗ୍ରାମର ରବୀନ୍ଦ୍ର ଖରା ଗୁରୁତର ହୋଇ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଜାରି ରହିଛି । ଜଲାପୁଟ ପାତ୍ରପୁଟ ନିକଟ ମୁଖ୍ୟ ରାସ୍ତାରେ ବାଇକ୍ ମୁହାଁମୁହିଁ ଧକ୍କା ଦେବା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଦୁଇଟି ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି ।

***ଦ୍ୱିତୀୟ...***

ଆଣିଦେବ। ତୁମେ ମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ମିଳିମିଶି କାମ କର। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କ୍ରୀଡା କ୍ଷେତ୍ରରେ ଟିମ୍ ୱାର୍କର ବିଶେଷ ଭୂମିକା ରହିଛି । ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର। ସମୟ ହେଉଛି ତୁମ ମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ। ସମୟକୁ ନଷ୍ଟ ନ କରି ତାର ଉପଯୋଗ କର । ଏହି ଚାରୋଟି ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ରୂପାନ୍ତର ଆସିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ୫-T ତଥା ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ. ପାଣ୍ଡିଆନ କହିଲେ ଯେ ୫-T ସ୍କୁଲ ରୂପାନ୍ତର ଆଜି ପିଲାଙ୍କ ମଧ୍ୟରେ ଭଲ ପାଠ ପଢି ବଡ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢି ବହୁତ ପିଲା ବଡ଼ ମଣିଷ ହୋଇଛନ୍ତି। ତୁମ ମାନଙ୍କ ସ୍ୱପ୍ନ ମଧ୍ୟ ନିଶ୍ଚୟ ପୂରଣ ହେବ। ଏହି ଅବସରରେ ୫-T ସ୍କୁଲ ରୂପାନ୍ତର ସଂପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପାଇଲଟ୍, ଡାକ୍ତର, ଆଇ.ଏ.ଏସ, ଆଇ. ପି. ଏସ, ଆର୍ମି ଅଫିସର ହେବାକୁ ପିଲାମାନଙ୍କ ଲକ୍ଷ୍ୟ ।ପିଲାମାନେ ସମସ୍ତେ ସେମାନଙ୍କ ଲକ୍ଷ୍ୟ ପୁରଣ ରେ ସଫଳ ହେବେ ବୋଲି ଆତ୍ମବିଶ୍ୱାସ ସହ ପ୍ରକାଶ କରିଥିଲେ । ଏହି ଅବସରରେ କଟକ ଜିଲ୍ଲା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମନ୍ତ୍ରୀ, ସାଂସଦ ଓ ବିଧାୟକ ମାନେ ସେମାନଙ୍କ ମତାମତ ଦେଇଥିଲେ। ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଂସଦ ଡ ଅଚ୍ୟୁତ ସାମନ୍ତ, ସାଂସଦ ଡ ରାଜଶ୍ରୀ ମଲ୍ଲିକ, ବିଧାୟକ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଡ ପ୍ରମୋଦ ମଲ୍ଲିକ, ବିଧାୟକ ଶ୍ରୀ ସୋଭିକ ବିଶ୍ୱାଳ ପ୍ରମୁଖ ସ୍କୁଲ ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ୫T ଅଧ୍ୟକ୍ଷଙ୍କ ଉଚ୍ଚ ପ୍ରଶଂସା କରିଥିଲେ।

## ଡୋନେଟକାର୍ଟ ଓ ସ୍ୱସ୍ତି, ଦି ହେଲଥ କାଟାଲିଷ୍ଟର ମିଳିତ ପ୍ରୟାସ
# ବାଲେଶ୍ୱର ରେଳ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହଜାର ହଜାର ଲୋକଙ୍କୁ ଆଶ୍ୱସ୍ତି ଦେଇଛି

**ଭୁବନେଶ୍ୱର(ବ୍ୟୁରୋ) :** ୨୦୨୩ ମସିହା ଜୁନ୍ ୨ ତାରିଖରେ ଓଡ଼ିଶାର ବାହାନଗା ବଜାର ରେଳ ଷ୍ଟେସନରେ କରମଣ୍ଡଳ ଏକ୍ସପ୍ରେସ୍ ଓ ଦୁଇଟି ଟ୍ରେନ୍ ମଧ୍ୟରେ ଭୟଙ୍କର ଧକ୍କା ହୋଇଥିଲା, ଯେଉଁଥିରେ ପ୍ରାୟ ୩୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୨୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଦୁଃଖଦ ଘଟଣାର ପ୍ରତିକ୍ରିୟାରେ, ଆର୍ଥିକ ଅବଦାନ ପରିବର୍ତ୍ତେ ଅତ୍ୟାବଶ୍ୟକ ଯୋଗାଣ ଦାନ ପ୍ରଦାନ କରୁଥିବା ଏକ ସାମାଜିକ ଉଦ୍ୟୋଗ ଡୋନେଟକାର୍ଟ, ସ୍ୱସ୍ତି ଦି ହେଲ୍ଥ କ୍ୟାଟାଲିଷ୍ଟ, ଏକ ଅଗ୍ରଣୀ ଜନସ୍ୱାସ୍ଥ୍ୟ ଅଣଲାଭକାରୀ ଅନୁଷ୍ଠାନ, ଯାହା କି ଅବହେଳିତ ଏବଂ ଦୁର୍ବଳ ଗୋଷ୍ଠୀମାନଙ୍କର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ସମର୍ପିତ, ବିପର୍ଯ୍ୟୟ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଥିବା ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିଥିଲା । ସ୍ୱସ୍ତି ହେଲ୍ଥ କ୍ୟାଟାଲିଷ୍ଟର ଜାତୀୟ ସାମାଜିକ ସୁରକ୍ଷା ସଂଯୋଜକ ଭୂପତି ପାଣ୍ଡାରିନାଥନ କହନ୍ତି, ‘ସ୍ୱସ୍ତିରେ ଆମେ ବିଶେଷ କରି ସଙ୍କଟ ସମୟରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ବାଲେଶ୍ୱର ରେଳ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଜରୁରୀ ଆବଶ୍ୟକତାକୁ ତୁରନ୍ତ ମୁକାବିଲା କରିବା ପାଇଁ ଡୋନେଟକାର୍ଟ ସହ ସହଯୋଗ କରିବା ଦ୍ୱାରା ଆମେ ଶୀଘ୍ର ପଦକ୍ଷେପ ନେଇପାରିଥିଲୁ। ଡୋନେଟକାର୍ଟର ସିଇଓ ତଥା ସହ-ପ୍ରତିଷ୍ଠାତା ସାରଙ୍ଗ ବୋବଡେ କହିଛନ୍ତି ଯେ ସ୍ୱସ୍ତିଙ୍କ ସହ ସହଯୋଗ ବାସ୍ତବ ପରିବର୍ତ୍ତନକୁ ପ୍ରଭାବିତ କରିବା ପାଇଁ ସମୁଦାୟର ସାମୂହିକ ଶକ୍ତି ଉପରେ ଆମର ବିଶ୍ୱାସର ଉଦାହରଣ। ସ୍ୱଚ୍ଛ, ପ୍ରଭାବଶାଳୀ ଦାନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ସମ୍ବଳକୁ ଯେଉଁଠାରେ ଅଧିକ ଆବଶ୍ୟକ ସେଠାକୁ ସିଧାସଳଖ ପହଂଚାଇବା, ସେମାନଙ୍କର ସବୁଠାରୁ ଦୁର୍ବଳ ମୁହୂର୍ତ୍ତରେ ଆଶା ଏବଂ ସମର୍ଥନ ସେମାନଙ୍କ ପାଖରେ ପହଂଚିବା ସୁନିଶ୍ଚିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ।

# ବେଦାନ୍ତ ଆଲୁମିନିୟମ ପ୍ରଗତି ପାଇଁ ଯୁବକଙ୍କୁ ସଶକ୍ତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର(ବ୍ୟୁରୋ):** ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ଜାତୀୟ ଯୁବ ଦିବସରେ ଯୁବକମାନଙ୍କ ଉନ୍ନତି ଲାଗି ବିଭିନ୍ନ ଉପାୟରେ ସେମାନଙ୍କୁ ସକ୍ଷମ କରିବାକୁ ତାର ପ୍ରତିଶ୍ରୁତିକୁ ଦୋହରାଇଛି। କମ୍ପାନି ତାର ଦୁଇ ସ୍ତରୀୟ ଆଭିମୁଖ୍ୟକୁ ପ୍ରତିପାଦିତ କରିବା ଲାଗି ବିଶ୍ୱସ୍ତରୀୟ କାର୍ଯ୍ୟରେ ସମୃଦ୍ଧ ନିଯୁକ୍ତି ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଶିକ୍ଷା, ଦକ୍ଷତା, ବିକାଶ, ତୃଣମୂଳ କ୍ରୀଡ଼ା ଓ ପାରଂପାରିକ କଳା କ୍ଷେତ୍ରରେ ଯୁବକମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ମାଧ୍ୟମରେ ସଶକ୍ତ କରୁଛି। ଏହାଦ୍ୱାରା ସେମାନେ ନିଜର ଜୀବିକା ନିର୍ବାହ କରିବା ସହ ନୂଆ ଲକ୍ଷ୍ୟ ସ୍ଥାପନ କରିଛନ୍ତି ଓ ଗୋଷ୍ଠୀ ତଥା ଦେଶରେ ସାମଜିକ ଅର୍ଥନୈତିକ ବିକାଶ ହୋଇପାରିଛି। ବେଦାନ୍ତ ଆଲୁମିନିୟମର କାର୍ଯ୍ୟରେ ଛତିଶଗଡ଼ର ବାଲକୋ, ଝାରସୁଗୁଡ଼ାର ସର୍ବବୃହତ ଆଲୁମିନିୟମ ସ୍ମେଲଟର ଓ ଲଂଜିଗଡ଼ର ବିଶ୍ୱସ୍ତରୀୟ ଆଲୁମିନିୟମ ରିଫାଇନାରୀ ଅନ୍ତର୍ଭୁକ୍ତ। ଏହି ସବୁ ସ୍ଥାନରେ ବେଦାନ୍ତର ୫୫%ରୁ ଅଧିକ କର୍ମଚାରୀ ବିଂଶ ଶତକରେ ଶ୍ରେଷ୍ଠ ପ୍ରତିଭାଙ୍କୁ ନେଇ ଗଠିତ। ଏହି ସବୁ ସ୍ଥାନରେ ଉଚ୍ଚ ପ୍ରତିଭାଧାରୀଙ୍କ ସହ ଅଗ୍ରଣୀ ପ୍ରଯୁକ୍ତି ବିଦ୍ୟା ଉପରେ କାର୍ଯ୍ୟ କରି ବିଶ୍ୱରେ ୬୦ରୁ ଅଧିକ ଦେଶକୁ ସାମଗ୍ରୀ ଯୋଗାଯାଉଛି। କର୍ମଚାରୀଙ୍କ ହାରାହାରି ବୟସକୁ ଦୃଷ୍ଟିରେ ରଖି କମ୍ପାନି ବର୍ତ୍ତମାନ ଯୁବକ ଅଟେ, ଯାହା ୨୬-୨୮ ବର୍ଷ ମଧ୍ୟରେ ପଡ଼େ। ବେଦାନ୍ତ ଆଲୁମିନିୟମର କାର୍ଯ୍ୟର ଆକାର ଓ ମାପ ପ୍ରଦାନ କରି ଯୁବକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଛି। ଉପଯୁକ୍ତ ତାଲିମ ପ୍ରଦାନ ଓ ଆଗକୁ ବଢ଼ିବା ଲାଗି ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ସହ ମିଳିତ ହୋଇଛି।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଲେ କଙ୍ଗନା !



ବଲିଉଡ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ । ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସବୁ ବେଳେ ଚର୍ଚ୍ଚାରେ ରୁହନ୍ତି । ବୃତ୍ତିଗତ ହେଉ ବା ବ୍ୟକ୍ତିଗତ ଜୀବନ ପାଇଁ ଅଭିନେତ୍ରୀ ସବୁବେଳେ ଲାଇମ୍ ଲାଇଟ୍‌କୁ ଆସନ୍ତି । ଏଥର କଙ୍ଗନା ତାଙ୍କ ବ୍ୟକ୍ତିଗତ ପାଇଁ ଆଲୋଚନାକୁ ଆସିଛନ୍ତି । ନିକଟରେ କଙ୍ଗନାଙ୍କୁ ମିଷ୍ଟ୍ରିମ୍ୟାନ୍‌ଙ୍କ ସହିତ ଦେଖିବାକୁ ମିଳିଥିଲା । ଯାହାର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଇନଷ୍ଟାଗ୍ରାମର ଏକ ଆକାଉଣ୍ଟରେ ପୋଷ୍ଟ ସେୟାର କରାଯାଇଥିଲା । ଏହି ପୋଷ୍ଟରେ ଅଭିନେତ୍ରୀ କଙ୍ଗନା ଜଣେ ବିଦେଶୀ ପୁଅଙ୍କ ସହ ହାତ ଧରିଥିବାର ନଜର ଆସିଛନ୍ତି । ଏହି ପୋଷ୍ଟ ସେୟାର କରିବାବେଳେ କ୍ୟାପସନରେ ଲେଖାଯାଇଛି ଯେ କଙ୍ଗନାଙ୍କୁ ଆଜି ମୁମ୍ବାଇର ସେଲୁନ୍ ବାହାରେ ଦେଖିବାକୁ ମିଳିଥିଲା । ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହାକୁ ଦେଖିଲା ପରେ ଜୋରଦାର କମେଣ୍ଟ ଆସିବାରେ ଲାଗିଛି । ଏହା ଉପରେ ମନ୍ତବ୍ୟ ଦେଇ ଜଣେ ୟୁଜର୍ସ ଲେଖିଛନ୍ତି, ଏ.. କିଏ ? ଅନ୍ୟ ଜଣେ ଲେଖିଛନ୍ତି ଯେ ଉଭୟ ଏକାଠି ଭଲ ଦେଖାଯାଉଛନ୍ତି । ଆଉ ଜଣେ ଲେଖିଛନ୍ତି ଯେ ତୁମର ପ୍ରେମିକ ଅଛି ? ୟୁଜର୍ସମାନେ ବର୍ତ୍ତମାନ ଏହି ପୋଷ୍ଟରେ ଏପରି ବହୁତ କମେଣ୍ଟ ଦେଉଛନ୍ତି । ଅଭିନେତ୍ରୀ କଙ୍ଗନା ରାନାଓ୍ୱତ ତାଙ୍କ ବିବୃତ୍ତି ହେତୁ ଚର୍ଚ୍ଚାରେ ରହିଛନ୍ତି । ଏଭଳି ପରିସ୍ଥିତିରେ ମିଷ୍ଟ୍ରିମ୍ୟାନ୍‌ଙ୍କ ସହ ତାଙ୍କର ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରୁଛି ।

# ଗୁଜୁରାଟ ଜିଆଣ୍ଟସ୍ ଅଲ୍ଟିମେଟ୍ ଖୋ ଖୋ ସିଜନ୍ ୨ ର ଚାମ୍ପିଅନ୍

## ତୃତୀୟ ସ୍ଥାନରେ ରହିଲା ଓଡିଶା ଜଗନ୍ନାଟ୍





**କଟକ(ବ୍ୟୁରୋ)** ଗୁଜୁରାଟ ଜଏଣ୍ଟସ୍ ଶନିବାର ଦିନ କଟକସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚେନ୍ନାଇ କୁଇକ୍ ବନ୍ଧୁକ ଟିମକୁ ୩୧-୨୬ ରେ ହରାଇ ଅଲ୍ଟିମେଟ୍ ଖୋ ଖୋ ସିଜନ୍ ୨ ର ଚାମ୍ପିଅନ୍ ହୋଇଛି । ଲିଗ୍ ପର୍ଯ୍ୟାୟରେ ଅସଙ୍ଗତିର ମୁକାବିଲା ସହ ଗୁଜୁରାଟ ଜିଆଣ୍ଟସ୍ ପ୍ରଥମ ଇନିଂସରେ ପ୍ରତିଯୋଗିତା ବନ୍ଦ କରିଥିବାରୁ ସେଦିନ ଚମତ୍କାର ପ୍ରଦର୍ଶନ କରିଥିଲେ । ଚେନ୍ନାଇ କୁଇକ୍ ଗନ୍ସ, ଯେଉଁମାନେ ମ୍ୟାଚକୁ ଆସୁଥିବା ପ୍ରିୟ ଥିଲେ, ଆରମ୍ଭରୁ ଯିବାରେ ସେମାନଙ୍କର ବିଫଳତାକୁ ଦୋହରାଇବେ । ଏହାର ଅର୍ଥ ହେଉଛି ଅନ୍ତିମ ପର୍ଯ୍ୟାୟରେ ଏକ ସୁଲଭ ପ୍ରତ୍ୟାବର୍ତ୍ତନ ଯଥେଷ୍ଟ ନୁହେଁ । ଖୋ ଖୋ ଫେଡେରେସନ୍ ଅଫ୍ ଇଣ୍ଡିଆର ସହଯୋଗରେ ଅମିତ ବର୍ମନଙ୍କ ଦ୍ୱାରା ପ୍ରୋତ୍ସାହିତ ଅଲ୍ଟିମେଟ ଖୋ ଖୋ ପ୍ରଥମ ଭାରତୀୟ କ୍ରୀଡ଼ା ଲିଗ୍ ହୋଇପାରିଛି ଯାହାକି ବ୍ରିଟେନ ଭିତ୍ତିକ ବିଏନପି ଗ୍ରୁପ୍ ସୌଜନ୍ୟରେ ଏ ପାଣ୍ଠି ସୁରକ୍ଷିତ କରିଛି । ଶନିବାରର ଫାଇନାଲରେ ପୁରୀର ସାଂସଦ ଶ୍ରୀ ପିନାକି ମିଶ୍ର ଉପସ୍ଥିତ ଥିଲେ । ମୁଁ ଖୋ ଖୋ ଟେଲିଭିଜନରେ ଦେଖେ କିନ୍ତୁ ଏଠାରେ ଲାଇଭ୍ ରହିବା ବିଦ୍ୟୁତକରଣ ଅଟେ ବୋଲି ଶ୍ରୀ ମିଶ୍ର କହିଛନ୍ତି । "ଏହି ଲାଇଭ୍ ଦେଖିବା ଦ୍ୱାରା ଆପଣ ଅନୁଭବ କରନ୍ତି ଯେ ଖେଳ କେତେ କଷ୍ଟସାଧ୍ୟ, କିନ୍ତୁ ଖେଳ ମଧ୍ୟ କେତେ ସରଳ । ଏହା କୌତୁହଳ ବିଷୟ ଯେ ଅପେକ୍ଷାକୃତ କମ୍ ସୁବିଧାଜନକ ପୃଷ୍ଠଭୂମିରୁ ଆସିଥିବା ଏହି ପୁଅମାନେ ଏପରି ଚମତ୍କାର କାର୍ଯ୍ୟ କରୁଛନ୍ତି । " ଗୁଜୁରାଟ ଜଏଣ୍ଟସ୍ ଘରକୁ ୧ କୋଟି ଟଙ୍କା ନେଇଥିବାବେଳେ ଚେନ୍ନାଇ କୁଇକ୍ ବନ୍ଧୁକକୁ ୫୦ ଲକ୍ଷ ଟଙ୍କା ମିଳିଛି । ପୂର୍ବରୁ ତେଲୁଗୁ ଯୋଦାସଙ୍କୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିବା ଓଡିଶା ଜଗନ୍ନାଟ୍ସ ୩୦ ଲକ୍ଷ ଟଙ୍କା ପାଇଛି । ସଂକେତ କାଦାମଙ୍କୁ ମ୍ୟାଚର ଶ୍ରେଷ୍ଠ ଆକ୍ରମଣକାରୀ ଭାବେ ବିବେଚିତ ହୋଇଥିବାବେଳେ ବିଜୟ ସିନ୍ଦେ ମ୍ୟାଚ ପୁରସ୍କାରର ଶ୍ରେଷ୍ଠ ଡିଫେଣ୍ଡର ହୋଇଥିଲେ । ସୁୟାଶ୍ ଗାର୍ଗେଟ୍ ମ୍ୟାଚ୍ ପୁରସ୍କାରର ଅଲ୍ଟିମେଟ୍ ଖୋ ଜିତିଥିଲେ ।ଗୁଜୁରାଟ ଜିଆଣ୍ଟସ୍ ଚେନ୍ନାଇ କୁଇକ୍ ଗନ୍ସର ପ୍ରଧାନ ବ୍ୟାଚ୍ ରାମଜୀ କାଶ୍ୟପ, ମଦନ ଏବଂ ବିଜୟ ସିନ୍ଦେଙ୍କୁ କୌଣସି ସମୟ ମଧ୍ୟରେ ପଠାଇ ମ୍ୟାଚକୁ ଏକ ଚମତ୍କାର ଆରମ୍ଭ କରିଥିଲା । ସେମାନେ ରାମଜୀଙ୍କୁ ଶୀଘ୍ର ଟାର୍ଗେଟ କରିବାର ରଣନୀତି ଗ୍ରହଣ କରିଥିଲେ ଏବଂ ଏହା ଏକ ମାଷ୍ଟରଷ୍ଟ୍ରୋକ୍ ବୋଲି ପ୍ରମାଣିତ ହୋଇଥିଲା କାରଣ ଶେଷଟି ଏକ ମିନିଟ୍ ଚାଲିବାକୁ ବିଫଳ ହୋଇଥିଲା । ମଦନ ମଧ୍ୟ ଅପେକ୍ଷାକୃତ ଶୀଘ୍ର ଫେରିଗଲେ । ସିନ୍ଦେ ଅଧିକ ସମୟ ଧରି ରହିଥିଲେ ମଧ୍ୟ ସେ ତାଙ୍କ ଦଳ ପାଇଁ ଏକ ସ୍ୱପ୍ନର ରନ୍ ପଏଣ୍ଟ ସୁରକ୍ଷିତ କରିବାରେ ଅସମର୍ଥ ହୋଇଥିଲେ । ଚେନ୍ନାଇ କୁଇକ୍ ଗନ୍ସର ଦ୍ୱିତୀୟ ବ୍ୟାଚ୍ ଏକ ସ୍ୱପ୍ନର ରନ୍ ପଏଣ୍ଟ ପରିଚାଳନା କରିଥିଲା, କିନ୍ତୁ ସ୍କୋର ୧୪-୧ରେ ରହି ଗୁଜୁରାଟ ଜିଆଣ୍ଟସ୍ ହିଁ ଟର୍ନ ୨ ରେ ପ୍ରବେଶ କରିବାର ସୁଯୋଗ ନେଇଥିଲା । ତା'ପରେ ସେମାନେ ଏକ ସୁବିଧାଜନକ ପ୍ରତିରକ୍ଷା ପ୍ରଦର୍ଶନ ସହିତ ସେହି ସୁବିଧାକୁ ଏକତ୍ର କଲେ । ପ୍ରଥମ ଗୁଜୁରାଟ ଜଏଣ୍ଟସ୍ ପ୍ରତିରକ୍ଷା ବ୍ୟାଚ୍ ସୁୟାଶ୍ ଗାର୍ଗେଟ୍, ଶୁଭମ୍ ଥୋରାଟ ଏବଂ ଦୀପକ ମାଧବ ପାଞ୍ଚଟି ସ୍ୱପ୍ନର ରନ୍ ପଏଣ୍ଟ ପ୍ରଦାନ କରିଥିଲେ, ଯାହା ପାଞ୍ଚ ମିନିଟ୍ ଛଅ ସେକେଣ୍ଡରେ ଚାଲିଥିଲା । ପରବର୍ତ୍ତୀ ବ୍ୟାଚ୍ ର କେବଳ ତିନିଜଣ ସଦସ୍ୟ ଅପରାଜିତ ରହି ଗୁଜୁରାଟ ଜିଆଣ୍ଟସ୍ ଦ୍ ସଭଭ ିତୀୟ ଇନିଂସରେ ୧୨ ପଏଣ୍ଟ ଅଗ୍ରଣୀ ହାସଲ କରିଥିଲେ । ଚେନ୍ନାଇ କୁଇକ୍ ଗନ୍ ଟର୍ନ ୩ ରେ ତିନୋଟି ବୋନସ୍ ପଏଣ୍ଟ ସୁରକ୍ଷିତ କରିବାରେ ସଫଳ ହୋଇଥିଲା କିନ୍ତୁ ଏହା ବହୁତ ବିଳମ୍ବ ହୋଇଥିଲା । ଅନ୍ତିମ ପର୍ଯ୍ୟାୟରେ ୧୯ ପଏଣ୍ଟ୍ ନିଅଣ୍ଟ ସହିତ, ସେମାନେ ଏକ ଚମତ୍କାର ଆବଶ୍ୟକ କରନ୍ତି । ସେହି ଚମତ୍କାର ପ୍ରାୟ ଆସିଲା । ଚେନ୍ନାଇ କୁଇକ୍ ଗନ୍ ଟର୍ନ ୪ କୁ ଏକ ଭୟଙ୍କର ଆରମ୍ଭ କରିଥିଲା, ପ୍ରଥମ ଗୁଜୁରାଟ ଜିଆଣ୍ଟସ୍ ବ୍ୟାଚ୍ ମାତ୍ର ଏକ ମିନିଟ୍ ୧୭ ସେକେଣ୍ଡରେ ପଠାଇଲା । ପରବର୍ତ୍ତୀ ବ୍ୟାଚ୍ ମଧ୍ୟ ଚେନ୍ନାଇ କୁଇକ୍ ବନ୍ଧୁକକୁ ଆଶାର କ୍ଷସଙ୍କ ଲକ ଦେଇ ଶୀଘ୍ର ପଠାଯାଇଥିଲା । କିନ୍ତୁ ସଙ୍କେଟ କଦମ ଅପରାଜିତ ରହି ନିଜ ଦଳ ପାଇଁ ଟ୍ରଫି ସୁରକ୍ଷିତ କରିଥିଲେ । ଏହାପୂର୍ବରୁ ଓଡିଶା ଜଗନ୍ନାଟ୍ସ ତେଲୁଗୁ ଯୋଦାସଙ୍କୁ ୩୨-୨୪ ରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି । ପ୍ରଥମ ଇନିଂସ ଶେଷରେ ତେଲୁଗୁ ଯୋଡାସ୍ ୧୪-୧୩ ସୁବିଧା ହାସଲ କରିଥିଲେ । କିନ୍ତୁ ଓଡିଶା ଜଗର୍ନାଟ୍ସ ଦ୍ୱାରା ଏକ ଭଲ ଟର୍ନ, ଯାହା ସେମାନଙ୍କୁ ୩ ଟି ଡିଫେନ୍ସ ବୋନସ ପଏଣ୍ଟ ଅର୍ଜନ କରିଥିବା ଏବଂ ଶେଷ ପର୍ଯ୍ୟାୟରେ ସେମାନଙ୍କ ଆକ୍ରମଣକାରୀଙ୍କ ଦ୍ୱାରା ଏକ ସୁପର ସୋ ଦେଖାଗଲା, ସେମାନଙ୍କୁ ମ୍ୟାଚ୍ ଉପରେ ଶେଷ କରିଦେଲା ।

# ସଚିନ୍ ଦାସ ଆମନ୍ତ୍ରଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ

**ବ୍ରହ୍ମପୁର(ଅମୃତ ମିଡିଆ) :** ସୁପ୍ରିମକୋର୍ଟ ବାର କ୍ରିକେଟ ଆସୋସିଏନର ତରଫରୁ ଆଜି ସଂଧ୍ୟା ୬ ଘଣ୍ଟ ସମୟରେ ନୂଆଦିଲ୍ଲୀ ସ୍ଥିତ ଚାଣକ୍ୟପୁରୀ ବିନୟ ମାର୍ଗ ସ୍ଥିତ ସିଏସଏଲଓ (ସିଭିଲ ସର୍ଭିସ ଅଫିସର ଇନଷ୍ଟୀଚ୍ୟୁଟ ) ଠାରେ ପ୍ରଥମ ସଚିନ୍ ଦାସ ଆମନ୍ତ୍ରଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମହାସମାରୋହରେ ଉଦ୍ ଘାଟିତ ହୋଇଯାଇଛି । ବ୍ରହ୍ମପୁର ତୁଳସୀ ନଗର-୩ଲାଇନ ର ମୂଳବାସିନ୍ଦା ତଥା ସୁପ୍ରିମକୋର୍ଟର ଜନପ୍ରିୟ ବରିଷ୍ଠ ଆଇନଜୀବି ସଚିନ୍ ଦାସଙ୍କ କୋରୋନା ଜନିତ ମୃତ୍ୟୁ(୨୯.୦୪.୨୦୨୧) ପରେ ସେହି ଦିବଂଗତ ଆତ୍ମା ର ସ୍ମୃତି ରକ୍ଷା ଓ ସୁପ୍ରିମକୋର୍ଟ ବାର କ୍ରିକେଟ ଆସୋସିଆସନର୍ ପ୍ରତି ସ୍ୱର୍ଗତ ସଚିନ୍ ଙ୍କ ଅତୁଳନୀୟ ଅବଦାନ ହେତୁ, ସୁପ୍ରିମକୋର୍ଟ ବାର ଆସୋସିଏନର ନିରଧାରଣ କ୍ରମେ ଚଳିତ ବର୍ଷ ଠାରୁ ସଚିନ୍‌ଙ୍କ ନାମରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏଥିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି, ସୁପ୍ରିମକୋର୍ଟ ବାର ଆସୋସିଏସନର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ ସମେତ ସାରା ଭାରତର ବିଭିନ୍ନ ରାଜ୍ୟର ଉଚ୍ଚନ୍ୟାୟାଳୟ ର ସଂପୃକ୍ତ କ୍ରିକେଟ ଆସୋସିଏସନ୍ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଜି ଠାରୁ ଉଦ୍ ଘାଟନ ହୋଇ ଆସନ୍ତା ଫେବୃଆରୀ ୦୪ ରେ ଉଦ୍ ଯାପିତ ହେବାକୁ ଥିବା ଏହି ବିଶିଷ୍ଟ ୨୫ ଦିନିଆ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଦିନ ଖ୍ୟାତିନାମା, ଆଇନଜ୍ଞ, ପ୍ରସିଦ୍ଧ ଖେଳାଳି ଓ ସ୍ୱନାମଧନ୍ୟ କ୍ରିକେଟ ଅମ୍ପାୟର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରକାଶ ଥାଉକି ଗତ ୨୯-୦୪-୨୦୨୧ କରୋନା ର ଆକ୍ରାନ୍ତ ହୋଇ ସ୍ୱର୍ଗତ ସଚିନ୍ ଦାସ ନୂଆଦିଲ୍ଲୀ ସ୍ଥିତ ଲେଡି ହାର୍ଡିଞ୍ଜେ ହସ୍ପିଟାଲ ଠାରେ ମୃତ୍ୟୁ ବରଣ କରିଥିଲେ । ସେ ନିହାତି ପରୋପକାରୀ, ଉଦାର ହୃଦୟ ଓ ଜଣେ ଦରଦୀ ଆଇନଜୀବି ଭାବେ ସୁପ୍ରିମକୋର୍ଟ ରେ ୨୫ ବର୍ଷ ଧରି ଖୁବ୍ ଲୋକ ପ୍ରିୟ ହୋଇ ପାରିଥିଲେ । ଏହି ଐତିହାସିକ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଚଳିତ ବର୍ଷ ଠାରୁ ସଚିନ୍ ଦାସ ଙ୍କ ନାମରେ ନାମିତ କରାଯିବାର ପ୍ରସ୍ତାବ ରହିଛି ବୋଲି ଆଇନଜୀବି ଶ୍ରୀ ବିଚିତ୍ର ନନ୍ଦ ମହାପାତ୍ର ଜଣାଇଛନ୍ତି ।

# ମୁମ୍ବାଇ ବିପକ୍ଷ ରଣଜୀ ମ୍ୟାଚ୍ ଖେଳିଲେ ନାହିଁ ଇଶାନ କିଷାନ

**ମୁମ୍ବାଇ :** ନିକଟରେ ଇଂଲଣ୍ଡ ବିପକ୍ଷ ପ୍ରଥମ ୨ଟି ଟେଷ୍ଟ ମ୍ୟାଚ ଲାଗି ଭାରତୀୟ ଟିମ୍ ଘୋଷଣା ହୋଇଛି । ଯୁବ ୱିକେଟ୍ କିପର ବ୍ୟାଟସମ୍ୟାନ୍ ଧ୍ରୁବ ଜୁରେଲ୍‌ଙ୍କୁ ସାମିଲ କରାଯାଇଛି । କିନ୍ତୁ ଇଶାନ କିଷାନଙ୍କ ଟେଷ୍ଟ ସିରିଜ୍ ଲାଗି ଚୟନ କରାଯାଇନାହିଁ । ଇଶାନ କିଷାନ ବିଶ୍ରାମ ଚାହୁଁଛନ୍ତି ନା ତାଙ୍କ ପ୍ରତି ବୋର୍ଡର ଏହା କାର୍ଯ୍ୟାନୁଷ୍ଠାନ । ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଏସବୁ ଭିତରେ ଇଶାନ କିଷାନଙ୍କ ଏକ ଭିଡିଓ ଖୁବ ଭାଇରାଲ ହେବାର ଲାଗିଛି । ଯେଉଁଥିରେ ପ୍ରଥମେ ସେ ଧ୍ୟାନରେ ବସିଥିବାର ନଜର ଆସିଛନ୍ତି । ଏହାପରେ ଜୋତା ପିନ୍ଧି ଦୌଡୁଥିବାର ଦେଖିବାକୁ ମିଳିଛି । ଏହି ଭିଡିଓରେ ଇଶାନ ଅନେକ ପ୍ରକାର ଟ୍ରେନିଂ ନେଉଛନ୍ତି । ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ୍‌ରେ ଚୟନ ହୋଇନଥିଲେ ଇଶାନ । କୋଚ ଦ୍ରାବିଡଙ୍କୁ ଏନେଇ ପ୍ରଶ୍ନ କରିବାରୁ, ସେ କହିଥିଲେ ଯେ, କିଛି ଦିନ ପାଇଁ କ୍ରିକେଟ୍‌ରୁ ବିଶ୍ରାମ ନେବାକୁ ଚାହୁଁଥିଲେ ଇଶାନ । ତେଣୁ ତାଙ୍କୁ ଆରାମ ଦିଆଯାଇଛି । ଏପିରିକି ଇଶାନଙ୍କୁ ରଣଜୀ ଖେଳିବାକୁ ମଧ୍ୟ ପରାମର୍ଶ ଦେଇଥିଲେ । ହେଲେ ଇଶାନ ରଣଜୀ ଖେଳିବା ପରିବର୍ତ୍ତେ ଏହି ଭିଡିଓ ଭାଇରାଲ ହେଉଛି । ୧୨ ତାରିଖରେ ଇଶାନ ମୁମ୍ବାଇ ବିରୋଧରେ ରଣଜୀ ମ୍ୟାଚ୍ ଖେଳିବାର ଥିଲା । କିନ୍ତୁ ସେ ଝାଡ଼ଖଣ୍ଡ ଟିମ୍ ସହିତ ଯୋଗ ଦେଇନାହାନ୍ତି । ସେପଟେ ଇଶାନଙ୍କ ଅନୁପସ୍ଥିତ ନେଇ ଝାଡଖଣ୍ଡ କ୍ରିକେଟ୍ ବୋର୍ଡ ନିକଟରେ କୌଣସି ଉତ୍ତର ନାହିଁ । ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଇଶାନ ରଣଜୀ ଖେଳିବା ନେଇ ଆମ ପାଖରେ କୌଣସି ସୂଚନା ନାହିଁ । ଏପିରିକି ଇଶାନଙ୍କ ବିଷୟରେ କୌଣସି ତଥ୍ୟ ବୋର୍ଡ ନିକଟରେ ନାହିଁ । ବୋର୍ଡ ସହିତ କୌଣସି ସଂପର୍କ ବି କିଷାନ କରିନାହାନ୍ତି । ସୂଚନାଯୋଗ୍ୟ ଯେ, ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍ ଲାଗି ଇଶାନ୍ କିଷାନଙ୍କୁ ଚୟନ କରାଯାଇଥିଲା । କିନ୍ତୁ ହଠାତ୍ ଇଶାନ୍ କିଷାନ ବ୍ୟକ୍ତିଗତ କାମ ଏବଂ ଅଧିକ ଖେଳର ଚାପ ଲାଗି ସିରିଜ ନଖେଳିବା ପାଇଁ ବୋର୍ଡକୁ ଅନୁରୋଧ କରିଥିଲେ । ଯାହାକୁ ବୋର୍ଡ ଗ୍ରହଣ ମଧ୍ୟ କରିଥିଲା । ତାଙ୍କ ବଦଳରେ କେଏସ୍ ଭରତଙ୍କୁ ସାମିଲ କରାଯାଇଥିଲା । ଏହାପରେ ଆଫଗାନିସ୍ତାନ ସିରିଜ୍ ପାଇଁ ଦଳ ଘୋଷଣା ହୋଇଥିଲା । ଏଥିରୁ ବାଦ୍ ପଡିଥିଲେ ଇଶାନ କିଷାନ୍ । କିନ୍ତୁ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା କି ଇଶାନ୍ କିଷାନଙ୍କ ପ୍ରତି ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ୍ ଖେଳିବା ବଦଳରେ ଦୁବାଇରେ ପାର୍ଟି କରୁଥିଲେ । ତେଣୁ ଇଶାନ୍ କିଷାନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଆଫଗାନିସ୍ତାନ ସିରିଜ୍‌ରୁ ବାଦ୍ ପଡିଥିଲେ ।



# ଦଶପଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ବିହାର ବିଜୟୀ

**ଦଶପଲ୍ଲା(ଅମୃତ ମିଡ଼ିଆ) :** ଦଶପଲ୍ଲା ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ସ୍ଥାନୀୟ ଗାନ୍ଧୀ ମୈଦାନରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟବଲ ଚତୁର୍ଥ ଦିନ ପ୍ରତିଯୋଗିତାରେ ଆଜି ମା କାମାକ୍ଷ୍ୟା ସ୍ପୋର୍ଟ୍ସ କ୍ଲବ,ସାନ କ୍ଲବ ଭୁବନେଶ୍ୱର ମଧ୍ୟରେ ବହୁ ସଙ୍ଘର୍ଷ ଖେଳରେ ବିହାର ୧ ଟି ଗୋଲ ଦେଇଥିଲା । ପରବର୍ତି ସମୟରେ ସାନ କ୍ଲବ, ଭୁବେନେଶ୍ୱର ୧ଟି ଗୋଲ ପରିଶୋଧ କରିଥିଲା । ଫଳରେ ଖେଳ ଟାଏ ହୋଇଥିଲା । ରେଫରୀ ଟ୍ରାଇବ୍ରେକାର ନୁଷ୍ପତି ନେଇଥିଲେ । ଟ୍ରାଇବ୍ରେକାର ସାହାଯ୍ୟରେ ମା କାମାକ୍ଷୀ ସ୍ପୋର୍ଟ୍ସ କ୍ଲବ, ବିହାର ୪ଟି ଗୋଲ ଦେଇଥିବା ବେଳେ ସନ କ୍ଲବ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା । ୫-୩ ଗୋଲ ରେ ବିହାର ଦଳ ବିଜୟ ଲାଭ କଲା । ଆଜିର ଖେଳ ପରିଚାଳନା କରୁଥିଲେ ଶ୍ୟାମସୁନ୍ଦର ସାହା ଲାଇନ୍ସ ରେ ପ୍ରତାପ ମୁଦୁଲି, ରବିନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲ ରେ ପ୍ରସନ୍ନ କୁମାର ନାୟକ ସହଯୋଗ କରୁଥିଲେ । ଅତିଥି ଭାବେ ଦଶପଲ୍ଲା ବ୍ଲକ ର ପୂର୍ବତନ ଅଧକ୍ଷ ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ସାହୁ ଓ କବି ଶ୍ରୀଯୁକ୍ତ ରଘୁନାଥ ସାହୁ ଉପସ୍ଥିତ ଥିଲେ । ଆସନ୍ତା କାଲି ପ୍ରଥମ ସେମି ଫାଇନାଲ ଏମ. ଜେ. ବି. ୟୁନାଇଟେଡ଼, ସରୋଜିନୀ ନଗର, ନୂଆଦିଲ୍ଲୀ ଓ ମା କାମାକ୍ଷୀ ସ୍ପୋର୍ଟ୍ସ କ୍ଲବ, ବିହାର ମଧ୍ୟରେ ଫୁଟବଲ ପ୍ରତିଯୋଗିତା ହେବାସହ ତା୧୫।୦୧।୨୪ରିଖରେ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ହେବାପାଇଁ ଘୋଷଣା କରାଜାଇଛି ।



## ମୟୂରୀ ରୟାଲସ ପ୍ରିମୀୟର ଲିଗ ଉଦ୍‌ଯାପିତ

# ଭି ରୋର ଟିମ ଚଳିତ ବର୍ଷର ଚାମ୍ପିଅନ




**ବାରିପଦା(ଅମୃତ ମିଡିଆ) :** ମୟୂରୀ ରୟାଲସ ପ୍ରିମୀୟର ଲିଗର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଏମ.ଆର.ପି.ଏଲ.ର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦିଓ୍ୱେଦି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମ୍ପାଦକ ତଥା ୨୫ ନମ୍ବର ୱାର୍ଡକାଉନସିଲର ଦେବାଶିଷ ପାତ୍ର, ଡିଭାଇନର ଡାଇରେକ୍ଟର ବିପ୍ଳବ ବୁଗୁଡେଇ, ଓଡ଼ିଶା କଣ୍ଟ୍ରାକଟର ଆସୋସିଏସନର ସଭାପତି ତରୁଣ ମହାନ୍ତି, କ୍ଲବର ଉପସଭାପତି ଆଦିତ୍ୟ ଦଣ୍ଡପାଟ, ଜୟେସ ପାତ୍ର, ଅମିତାଭ ସାହୁ, କୈଳାସ ବେହେରା, ରଞ୍ଜନ ପଟ୍ଟନାୟକ, ସରୋଜ ମହାପାତ୍ର, ଗୌତମ ଦାସ, ଲାଲ ବାହାଦୁର ମହାନ୍ତି , ହିରାଲାଲ ସିଂ, ରାଜେନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ମେଗା ଫାଇନାଲ ମ୍ୟାଚରେ ଭି ରୋର ଦଳ ସ୍ମାସର୍ସ ଦଳକୁ ୨୧ ରନରେ ପରାସ୍ତ କରିଥିଲା. ସାଗର ସାହୁ ୩ ଟି ୱିକେଟ ନେଇ ମ୍ୟାନ ଅଫ ଦି ଫାଇନାଲ ମ୍ୟାଚ ବିବେଚିତ ହୋଇଥିବା ବେଳେ, ଅମିତ ମହାନ୍ତି ଏହି ଲିଗର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଚାମ୍ପିଅନ ଦଳକୁ ଟ୍ରଫି ସହ ୮୦ହଜାର ଟଙ୍କାର ପୁରସ୍କାର ରାଶି ଓ ରନର୍ସଅପ ଦଳକୁ ଟ୍ରଫି ସହ ୬୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଅବସର ରେ ଲିଗରେ ଭାଗ ନେଇଥିବା ସମସ୍ତ ଦଳର ମାଲିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମ୍ୟାଚ କୁ ଅମ୍ପିୟାର ଭାବେ ଇନ୍ଦ୍ରଜିତ ପ୍ରସାଦ ଓ ପ୍ରବୀର ମୋଦି ପରିଚାଳିତ କରିଥିବା ବେଳେ ରାଜେଶ ସାହୁ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଭାବେ ସମ୍ବିତ ମହାରଣା ଓ ରାମଚନ୍ଦ୍ର ଟୁଡୁ ସହାୟତା କରିଥିବା ବେଳେ ପଙ୍କଜ ମହାକୁଡ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ୨୪ତମ ଯାଦବ ମାଝି ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା

# ସେମିଫାଇନାଲ୍‌ରେ ଝାରସୁଗୁଡ଼ା ଲିଟିଲଷ୍ଟାର




**ଚନ୍ଦାହାଣ୍ଡି(ଅମୃତ ମିଡ଼ିଆ) :** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ୨୪ତମ ଯାଦବ ମାଝି ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ ଲିଗ ଓ କ୍ୱାର୍ଟର ଫାଇନାଲ ମ୍ୟାଚରେ ଝାରସୁଗୁଡ଼ା(ଲିଟିଲଷ୍ଟାର) ଦଳ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛି । ଆଜି ପ୍ରଥମ ମ୍ୟାଚ ପୁରୀ ଫାଇଟର ବନାମ ଝାରସୁଗୁଡ଼ା ଲିଟିଲଷ୍ଟାର ମଧ୍ୟରେ ଖେଳାଯାଇଥିଲା । ପୁରୀ ଫାଇଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ୱିକେଟ ହରାଇ ୯୯ରନ୍ ସଂଗ୍ରହ କରିଥିବାବେଳେ ୯୯ରନର ବିଜୟ ଲକ୍ଷ୍ୟକୁ ଝାରସୁଗୁଡ଼ା ଲିଟିଲଷ୍ଟାର ଦଳ ମାତ୍ର ୭.୫ ଓଭରରେ ରନ୍ ହାସଲ କରି ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଝାରସୁଗୁଡ଼ା ଲିଟିଲଷ୍ଟାର ଦଳର ଭିକି ଠାକୁରଙ୍କୁ ପ୍ରଥମ ମ୍ୟାଚରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସ୍ୱତନ୍ତ୍ର ଅତିଥିଭାବେ ଯୁବ ନେତା ଶ୍ରୀଯୁକ୍ତ ତ୍ରିନାଥ ଦାସ, ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ହର ପୂଜାରୀ, ଧୋଡ଼ିପାଣି ସରପଞ୍ଚ ଶ୍ରୀଯୁକ୍ତ ଦୁଲ୍ଲବ ପୂଜାରୀ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଏହାପରେ ଆଜିର ଦ୍ୱିତୀୟ ମ୍ୟାଚ (କ୍ୱାର୍ଟର ଫାଇନାଲ) ମ୍ୟାଚ ଝାରସୁଗୁଡ଼ା (ଲିଟିଲଷ୍ଟାର) ବନାମ ବେଲଗାଁ (ତୃପ୍ତି) ଦଳ ମଧ୍ୟରେ ହୋଇଥିଲା । ବେଲଗାଁ (ତୃପ୍ତି) ଦଳ ପ୍ରଥମେ ବ୍ୟାଟିଂ କରି ୟାହବ ଖାନଙ୍କ ଆକର୍ଷଣୀୟ ୨୮ରନ୍ ସହାୟତାରେ ନିର୍ଦ୍ଧାରିତ ୧୬ ଓଭରରେ ୯ ୱିକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା । ଝାରସୁଗୁଡ଼ା ଲିଟିଲଷ୍ଟାର ଦଳ ୧୩୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସନ୍ଦୀପ ପଟ୍ଟନାୟକଙ୍କ ଦର୍ଶନୀୟ ୨୮ ବଲ୍‌ରେ ୫୧ରନ ଏବଂ ରଜେଶ୍ୱର୍ ସିଂଙ୍କ ୧୩ ବଲ୍ ରେ ୩୨ ରନ ସହାୟତାରେ ୧୩.୨ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ହାସଲ କରି ସେମିଫାଇନାଲରେ ପହଞ୍ଚିଛି । ଏହି ମ୍ୟାଚରେ ୩୨ ରନ ଓ ୩ ଟି ୱିକେଟ ହାସଲ କରିଥିବା ଝାରସୁଗୁଡ଼ା ଦଳର ରଜେଶ୍ୱର ସିଂଙ୍କୁ କ୍ୱାଟର ଫାଇନାଲ ମ୍ୟାଚର ସ୍ୱତନ୍ତ୍ର ଅତିଥିଭାବେ ସମାଜସ୍ୱେବୀ ଶ୍ରୀଯୁକ୍ତ ଭୋଜରାମ ସିହ୍ନା, ସମାଜସେବୀ ଶ୍ରୀଯୁକ୍ତ ପରମେଶ୍ୱର ସାହୁ,ଶ୍ରୀଯୁକ୍ତ ଡୋଳେନ୍ଦ୍ର ନାୟକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ପ୍ରଥମ ମ୍ୟାଚରେ ଅମ୍ପାୟାର ଭାବେ ପ୍ରକାଶ ମାଝି ଏବଂ ଦିପାଂଶୁ କୁଣ୍ଡୁ ଦ୍ୱିତୀୟ ମ୍ୟାଚରେ ଧନଞ୍ଜୟ ମେହେର ଏବଂ ପ୍ରକାଶ ମାଝି,ଭାଷ୍ୟକାର ଭାବେ ସଂଗ୍ରାମ କେଶରୀ ସାହୁ, ସୌରି ରଞ୍ଜନ ସାହୁ ସ୍କୋରର ଭାବେ ବସନ୍ତ, ରାକେଶ,ରତ୍ନାକର, ତପୁନ,ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ । ଜଗଦୀଶ, ପ୍ରତାପ, ଧନେଶ୍ୱର, ପପୁନ, କନ୍ଦର୍ପ, ବଳିଆ, ପରମେଶ୍ୱର, ଗୁପ୍ତେଶ୍ୱର ପ୍ରମୁଖ ସହ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ । ଆସନ୍ତାକାଲି ବସ୍ତର ଏକଦଶ୍ ବନାମ ଝାରସୁଗୁଡ଼ା ଲିଟିଲଷ୍ଟାର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳା ଯିବ ବୋଲି ସୂଚନା ମିଳିଛି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra


₹ 5/-
Saffron Blended
NB
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.